

◀ ଆଜିର 'ସକାଳ' ସହ
'ବାର୍ଷିକ କ୍ୟାଲେଣ୍ଡର'

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-186 ♦THURSDAY ♦1 JANUARY 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୧୮୬ ♦ଗୁରୁବାର ♦୧ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ପିୟୁସିସି କଟକଣା ମାର୍ଚ୍ଚ ୩୧ ଯାଏଁ କୋହଳ

■ ଭୁବନେଶ୍ୱର, ୩୧।୧୨ (ସମିସ): ରାଜ୍ୟରେ ଲାଗୁ ହୋଇଥିବା ପ୍ରଦୂଷଣ ସାର୍ଟିଫିକେଟ୍ ପିୟୁସିସି ଲାଗୁ କଟକଣା ଅବଧି ଆଉ ୨ ମାସ ବଢ଼ିଛି। ଅର୍ଥାତ ଆସନ୍ତା ମାର୍ଚ୍ଚ ୩୧ ଯାଏଁ ଏହି ନିୟମ ଲାଗୁ ହେବ ନାହିଁ। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ପୂର୍ବରୁ ଜାନୁଆରୀରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଏହି କୋହଳ ଅବଧି ବୃଦ୍ଧି ହୋଇଥିଲା। ତେବେ ରାଜ୍ୟରେ ଏହି କଟକଣାକୁ ଓ ଏଥିପାଇଁ ଜରିମାନା ରାଶି ପୈଠକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ପରେ ସରକାର ତାଙ୍କ ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି। ବୁଧବାର ପରିବହନ ମନ୍ତ୍ରୀଙ୍କ ବାସଭବନରେ ବିଭାଗୀୟ ସଚିବଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଗ୍ରୀନ୍ ଷ୍ଟିକର୍‌କୁ ନେଇ ଥିବା ଦ୍ୱନ୍ଦ୍ୱକୁ ନେଇ ଆଲୋଚନା ହୋଇଛି। ବୈଠକ ପରେ ଗାଡ଼ିଗୁଡ଼ିକରେ ଗ୍ରୀନ୍ ଷ୍ଟିକର୍ ଲଗାଇବା ବାଧ୍ୟତାମୂଳକ ନୁହେଁ ବୋଲି ▶ପୃଷ୍ଠା-୭

**ବାଧ୍ୟତାମୂଳକ ହେବନାହିଁ ଗ୍ରୀନ୍ ଷ୍ଟିକର**

# ଆର୍ଥିକ ଚାପ: ଘର ବୁଡ଼ି ପାଣି ଆଣ୍ଠୁଏ

## ଦରମା, ଭତ୍ତା, ମାଗଣା ଯୋଜନାରେ ଯାଉଛି ରାଜସ୍ୱର ୮୦ ପ୍ରତିଶତ

**ବିକାଶମୂଳକ କାର୍ଯ୍ୟ ପାଇଁ ଅର୍ଥ ନାହିଁ**


**ମହାରାଷ୍ଟ୍ରରେ ୯୦୩ ପ୍ରକଳ୍ପ ରଦ୍ଦ**

**ଋଣ ପରିଶୋଧ ପାଇଁ ଋଣ କରୁଛନ୍ତି ରାଜସ୍ଥାନ, ପଞ୍ଜାବ, ହରିୟାଣା**

**ବିହାରକୁ ଦେବାଳିଆ କରିପାରେ ନିର୍ବାଚନ ପ୍ରତିଶ୍ରୁତି ପୂରଣ**

■ ନୂଆଦିଲ୍ଲୀ, ୩୧।୧୨ (ଏଜେନ୍ସି): ମାଗଣା ଯୋଜନା ତଥା ଫ୍ରିବିଜ ଭାରତୀୟ ଅର୍ଥନୀତିକୁ ଦୁର୍ବଳ କରିଦେଉଛି। ସୁପ୍ରିମକୋର୍ଟ ଏହାକୁ ଭୁଲ୍ କହିବା ସତ୍ତ୍ୱେ ରାଜନୈତିକ ଦଳଗୁଡ଼ିକ ମାନୁନାହାନ୍ତି। ନିର୍ବାଚନରେ ଜିତିବା ପାଇଁ ମାଗଣା ଘୋଷଣା ଏକ ସରଳ ଏବଂ ସହଜ ଅସ୍ତ୍ର ପାଲଟି ଯାଇଛି। ଏହା ଦ୍ୱାରା ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ବହୁଳ ଭାବେ ପ୍ରଭାବିତ ହେଉଛି। ରିଆତି, ମାଗଣା ବଣ୍ଟନ ଆଦି ଯୋଜନାଗୁଡ଼ିକର ପାର୍ଶ୍ୱ ପ୍ରତିକ୍ରିୟା ପାଇଁ ରାଜ୍ୟଗୁଡ଼ିକର ଅର୍ଥନୀତି ଭୁଶୁଡ଼ିବାରେ ଲାଗିଛି। ସ୍ଥିତି ଏଭଳି ହୋଇଛି ଯେ ଏବେ ବିଦ୍ୟୁତ, ରାସ୍ତାଘାଟ, ଗୃହ ନିର୍ମାଣ ଭଳି ବିକାଶ ମୂଳକ ଯୋଜନା ପାଇଁ ଅର୍ଥାଭାବ ଦେଖାଯାଇଛି। ରିପୋର୍ଟ ଅନୁଯାୟୀ, ରିଆତି, ଭତ୍ତା, ଦରମା ଏବଂ ସୁଧ ଦେବାରେ ରାଜ୍ୟଗୁଡ଼ିକର ପ୍ରାୟ ୮୦ ପ୍ରତିଶତ ଆୟ ଚାଲି ଯାଉଛି। ଆଉ ବଳକା ୨୦-୨୫ ପ୍ରତିଶତରେ ଅନ୍ୟାନ୍ୟ ବ୍ୟୟ କରିବାକୁ ପଡୁଛି। କିଛି ରାଜ୍ୟଙ୍କୁ ନିଜ ଋଣ ପରିଶୋଧ ପାଇଁ ଋଣ ନେବାକୁ ବି ପଡୁଛି।

ପଞ୍ଜାବ ଅର୍ଥନୀତି ଏବେ ରସାତଳଗାମୀ ହୋଇଗଲାଣି। ଏହି ରାଜ୍ୟ ପାଖରେ ଆୟର ମାତ୍ର ୭ ପ୍ରତିଶତ ରାଶି ବଳୁଛି। ଚଳିତ ଆର୍ଥିକ ବର୍ଷ ପଞ୍ଜାବକୁ ୯୦ ହଜାର କୋଟିର ମୂଳଧନ ପରିଶୋଧ କରିବାର ଅଛି। ଏଥିପାଇଁ ବଳକା ରାଶି ସହିତ ଋଣ ପରିଶୋଧ କରିବା ପାଇଁ ବିପୁଳ ପରିମାଣର ଋଣ ନେବାକୁ ପଡ଼ିବ। ଗତ ଅକ୍ଟୋବରରେ ପଞ୍ଜାବ ସରକାର ବଜାରରୁ ୨୦ ହଜାର କୋଟିର ଋଣ ନେଇଥିଲେ। ସେହିପରି ରାଜସ୍ଥାନକୁ ଚଳିତ ଥର ୧.୫୦ ଲକ୍ଷ କୋଟିର ଋଣ ପରିଶୋଧ କରିବାକୁ ହେବ। ଏହି ରାଜ୍ୟ ୩୨ ହଜାର କୋଟିର ଋଣ ନେଇ ସାରିଛି। କିନ୍ତୁ ଋଣ ସୀମାଠାରୁ ▶ପୃଷ୍ଠା-୭



## ଦୁଇଟି 'ପ୍ରଳୟ'ର ସଫଳ ପରୀକ୍ଷଣ

■ ବାଲେଶ୍ୱର, ୩୧।୧୨ (ସମିସ): ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଏକା ଥରକେ ତ୍ୱରିତ କ୍ରମାନ୍ୱୟରେ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ଦୁଇଟି ସର୍ଟରେଞ୍ଜ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ପ୍ରଳୟ'ର ସଫଳ ପରୀକ୍ଷଣ ହୋଇଯାଇଛି। ଏହି ଅବସରରେ 'ପ୍ରଳୟ' କ୍ଷେପଣାସ୍ତ୍ର ଅତ୍ୟନ୍ତ ସଠିକ ଢଙ୍ଗରେ ପୂର୍ବ ନିର୍ଦ୍ଧାରିତ ଗତିପଥ ଅନୁସରଣ ପୂର୍ବକ ନିର୍ଭୁଲ ଭାବେ ଲକ୍ଷ୍ୟସ୍ଥଳକୁ ଭେଦ କରିବା ସହିତ ପରୀକ୍ଷଣର ସମସ୍ତ ମାନଦଣ୍ଡ ପୂରଣ କରିଥିବା ପ୍ରତିରକ୍ଷା ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏକ ମୋବାଇଲ ଲଂଚ୍‌ର ବା କ୍ୟାନିଷ୍ଟର ମାଧ୍ୟମରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଏହି କ୍ଷେପଣାସ୍ତ୍ର ବୁଧବାର ପୂର୍ବାହ୍ନ ପ୍ରାୟ ୧୦.୩୦ରେ ଗୋଟିଏ ପରେ ଗୋଟିଏ ▶ପୃଷ୍ଠା-୭

**୧ ହଜାର କିଲୋଗ୍ରାମର ଯୁଦ୍ଧାସ୍ତ୍ର ବହନ କ୍ଷମତା**

**୫୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ**

# ପୁରୀ ହେଲା ମହାନଗର ନିଗମ

## ବୃଦ୍ଧି ହେଲା ବ୍ରହ୍ମପୁର ମହାନଗର ନିଗମ କଳେବର

## ଚଣ୍ଡିଖୋଲ, ଯଶୀପୁର, ବସ୍ତା, ଲୋଇସିଂହା ଏନ୍ଏସି

■ ଭୁବନେଶ୍ୱର, ୩୧।୧୨ (ସମିସ): ପୁରୀ ପୌରପାଳିକାକୁ ମିଳିଛି ମହାନଗର ନିଗମ ମାନ୍ୟତା। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ଜୁଲାଇ ୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀକୁ ମହାନଗର ନିଗମ ମାନ୍ୟତା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଆଧାରରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ବୀଜ୍ଞପ୍ତି ପ୍ରକାଶ ପାଇଛି। ମହାନଗର ଗଠନ ହେବା ଦ୍ୱାରା ପୁରୀ ଓ ଆଖପାଖ ଅଞ୍ଚଳରେ ବ୍ୟାପକ ଭିତ୍ତିଭୂମିର ବିକାଶ ସହ ଏକ ବୃହତ୍ ସହରାଞ୍ଚଳ ଗଠନ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବଲାଙ୍ଗୀର ଜିଲ୍ଲାର ଲୋଇସିଂହା, ଯାଜପୁର ଜିଲ୍ଲାର



ଚଣ୍ଡିଖୋଲ, ମୟୂରଭଞ୍ଜ ଜିଲ୍ଲାର ଯଶୀପୁର ଓ ବାଲେଶ୍ୱର ଜିଲ୍ଲାର ବସ୍ତାକୁ ଏନ୍ଏସି ମାନ୍ୟତା ମିଳିଛି। ଏହା ସହିତ ବ୍ରହ୍ମପୁର ମହାନଗର ନିଗମର କଳେବର ବୃଦ୍ଧି ସମ୍ପର୍କରେ ମଧ୍ୟ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି।


## ୧୩ ଲକ୍ଷ ହିତାଧିକାରୀଙ୍କୁ ଆଶ୍ୱସ୍ତି

# ଇ-କେୱାଇସି ଅବଧି ୨ ମାସ ବଢ଼ିଲା

■ ଭୁବନେଶ୍ୱର, ୩୧।୧୨ (ସମିସ): ରାସନ କାର୍ଡ ଇ-କେୱାଇସି ଅବଧି ଆଉ ୨ ମାସ ବୃଦ୍ଧି କରିଛନ୍ତି ସରକାର। ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୬ ପ୍ରତିଶତ ହିତାଧିକାରୀ ଇ-କେୱାଇସି କରି ସାରିଛନ୍ତି। ବାକି ଯେଉଁ ୪ ପ୍ରତିଶତ ବାକି ରହିଛନ୍ତି, ସେମାନଙ୍କ ପାଇଁ ଆଉ ୨ ମାସ ଏହି ଅବଧି ବୃଦ୍ଧି କରାଯାଇଛି ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବୁଧବାର ମନ୍ତ୍ରୀ କହିଛନ୍ତି ଯେ ଇ-କେୱାସି ଯୋଗୁଁ ରାସନ ପାଇବାରୁ ବଞ୍ଚିତ ନ ରୁହନ୍ତୁ ବୋଲି ସରକାର ଚାହୁଁଛନ୍ତି। ତେଣୁ ଏହି ଦୁଇ ମାସ ମଧ୍ୟରେ ବାକି ଲୋକମାନେ ଇ-କେୱାଇସି କରାଇନେବେ ବୋଲି ସରକାର ଆଶା ରଖିଥିବା ମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ୩ କୋଟି ୨୫ ଲକ୍ଷ ୫୧ ହଜାର ୭୭୩ ଜଣ ହିତାଧିକାରୀଙ୍କ ଇ-କେୱାଇସି ଲାଗି ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏହା ଭିତରେ ୩ କୋଟି ୧୨ ଲକ୍ଷ ଲୋକ ▶ପୃଷ୍ଠା-୭



# ପ୍ରବଳ ଶୀତରେ ଥରୁଛି ସମଗ୍ର ଉତ୍ତର ଭାରତ

ନୂଆଦିଲ୍ଲୀ, ୩୧।୧୨(ଏଜେନ୍ସି): ସମଗ୍ର ଉତ୍ତର ଭାରତରେ ପ୍ରବଳ ଶୀତ ଲହରୀ ଜାରି ରହିଛି। ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଭଳି ପାହାଡିଆ ରାଜ୍ୟରେ ତୁଷାରପାତ ହେଉଛି। ଏହାର ପ୍ରଭାବ ସମତଳ ଅଞ୍ଚଳଗୁଡିକରେ ମଧ୍ୟ ଦେଖା ଦେଇଛି। ଜମ୍ମୁ-କଶ୍ମୀର ସୋନମାର୍ଗ ଟନେଲ ପ୍ରବଳ ତୁଷାରପାତ ହୋଇଛି। ସେହିପରି ମଙ୍ଗଳବାରଠାରୁ ହିମାଚଳର ଲାହୌଲି ସ୍ପିତିରେ ପ୍ରବଳ ତୁଷାରପାତ ଜାରି ରହିଛି। ଏଠାରେ ତାପମାତ୍ର ବିୟୁକ୍ତ ୧୦ ଡିଗ୍ରୀକୁ ଖସିପାରେ। ସେପଟେ ମଧ୍ୟପ୍ରଦେଶର କଲ୍ୟାଣପୁର, ଶାହଡୋଲରେ ତାପମାତ୍ରା ୧.୭ ଡିଗ୍ରୀ ଥିଲା। ଛତିଶଗଡ଼ର ମୌନପଟରରେ ରାତିରେ ତାପମାତ୍ରା ୨ ଡିଗ୍ରୀରେ ପହଞ୍ଚି ଥିଲା। ସେହିପରି ଅମ୍ବିକାପୁର, ଗୌରେଲା- ପେଣ୍ଡ୍ରା-ମାରୱାହିରେ କାକର

**ପାର୍ବତ୍ୟ ଅଞ୍ଚଳରେ ତୁଷାରପାତ**

ଜମାଟ ବାନ୍ଧିଥିବା ଲକ୍ଷ୍ୟ କରାଯାଇଛି। ରାଜସ୍ଥାନରେ ପ୍ରବଳ ଥଣ୍ଡା ଜାରି ରହିଥିବା ବେଳେ ୨ ଦିନ ପାଇଁ ବର୍ଷା ହେବାର ସତର୍କତା ଜାରି କରାଯାଇଛି।

ଅନ୍ୟପକ୍ଷରେ ଘନ କୁହୁଡ଼ି ଓ ଦୃଶ୍ୟମାନ କ୍ଷମତା ହ୍ରାସ କାରଣରୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର (ଆଇଜିଆଇଏ)ରେ ବୁଧବାର ବିମାନ ଚଳାଚଳ ଗୁରୁତର ବାଧାପ୍ରାପ୍ତ ହୋଇଛି। ଏଥିଯୋଗୁଁ ଅତିକମ୍‌ରେ ୧୪୮ଟି ବିମାନକୁ ବାତିଲ କରାଯାଇଛି। ୧୫୦ରୁ ଅଧିକ ବିମାନ ବିଳମ୍ବିତ ହୋଇଛି। ଏହି ବିମାନବନ୍ଦରରେ ପ୍ରତିଦିନ ୧୩୦୦ ବିମାନ ଚଳାଚଳ କରିଥାଏ। ଉତ୍ତର ଭାରତରେ ବିଭିନ୍ନ ସ୍ଥାନରେ କୁହୁଡି ସ୍ଥିତି କିଛି ନିର୍ଦ୍ଦିଷ୍ଟ ବିମାନ ବନ୍ଦରରେ ବିମାନ ଚଳାଚଳକୁ ପ୍ରଭାବିତ କରିପାରେ ବୋଲି କୁହାଯାଇଛି। ଅନ୍ୟପଟେ ଜାମ୍ମୁ-କଶ୍ମୀର ଶ୍ରୀନଗର ବିମାନ ବନ୍ଦରରେ ୬ଟି ବିମାନ ବାତିଲ ହୋଇଛି।



## ଭାରତ ପୂର୍ବରୁ ୨୯ ଦେଶରେ ନୂଆବର୍ଷର ଆଗମନ

ନୂଆଦିଲ୍ଲୀ, ୩୧।୧୨(ଏଜେନ୍ସି): ନୂଆବର୍ଷ ୨୦୨୬ର ଆଗମନକୁ ସାରା ବିଶ୍ୱ ଧୂମ୍‌ଧାମ୍‌ରେ ପାଳନ କରିଛି। ତେବେ ପୃଥିବୀର ବିଭିନ୍ନ ସ୍ଥାନରେ ଦେଶଗୁଡିକ ଅବସ୍ଥିତ ହୋଇଥିବାରୁ ରାତି ୧୨ଟା ତଥା ଜିରୋ ନାଇଟ୍ ଏବଂ ସୂର୍ଯ୍ୟୋଦୟ ବିଭିନ୍ନ ଦେଶରେ ଭିନ୍ନ ସମୟରେ ହୋଇଥାଏ। ଅନ୍ୟ ଦେଶଗୁଡିକଠାରୁ ଭାରତରେ ଜିରୋ ନାଇଟ୍ ସେଲିବ୍ରେସନ ତଥା ନୂଆବର୍ଷର ଆଗମନର ସମୟ ଭିନ୍ନ। ପୃଥିବୀର ସବୁଠାରୁ ପୂର୍ବରେ ରହିଥିବା କରିବାଟି ଗଣରାଜ୍ୟରେ ନୂଆବର୍ଷ ଭାରତୀୟ ସମୟର ଅପରାହ୍ନ ୩ଟାରେ ପଦାର୍ପଣ କରିଥାଏ। ଏହି ଦେଶରେ ଭାରତର ୮ ଘଣ୍ଟା ୩୦ ମିନିଟ ପୂର୍ବରୁ ନୂଆବର୍ଷ ଆସିଛି। ଏହାପରେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଏସିଆ ମହାଦେଶର ବିଭିନ୍ନ ଦେଶରେ ନୂଆବର୍ଷ ଗୋଟିଏ ପରେ ଗୋଟିଏ ଆସିଥାଏ। ଭାରତରେ ଡିସେମ୍ବର ୩୧ ଅର୍ଥାତ ବୁଧବାର ରାତି ୧୨ରେ ହିଁ ପଦାର୍ପଣ କରିଥିବା ବେଳେ ଏହାପୂର୍ବରୁ ୨୯ଟି ଦେଶରେ ନୂଆବର୍ଷ ଆସି ସାରିଛି। ଭାରତରେ ନୂଆ ବର୍ଷ ବେଳକୁ ୟୁରୋପ ଓ ଆମେରିକାରେ ଡିସେମ୍ବର ୩୧ ସନ୍ଧ୍ୟା ହୋଇଥିବ। ତେବେ ୯ ଘଣ୍ଟା ପରେ ଯାଇ ଆମେରିକାରେ ନୂଆବର୍ଷ ପଦାର୍ପଣ କରିବ ବୋଲି ଜଣାପଡ଼ିଛି।

## ଢାକାରେ ତାରିକ, ପାକ୍ ବାଚସ୍ପତିଙ୍କୁ ଭେଟିଲେ ଜୟଶଙ୍କର





ଢାକା, ୩୧।୧୨ (ଏଜେନ୍ସି): ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ଶେଷକୃତ୍ୟ ଆଜି ସମ୍ପନ୍ନ ହୋଇଛି। ଖାଲେଦାଙ୍କୁ ସଂସଦ ପରିସରରେ ଥିବା ତାଙ୍କ ସ୍ୱାମୀ ତଥା ପୂର୍ବତନ ବାଂଲାଦେଶ ରାଷ୍ଟ୍ରପତି ଜିଆଉର ରହମାନଙ୍କ କବର ନିକଟରେ ଜିଆ ଉଦ୍ୟାନରେ କବର ଦିଆଯାଇଛି। ଭାରତ ପକ୍ଷରୁ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏହି ଅନ୍ତିମ ସଂସ୍କାରରେ ଯୋଗ ଦେଇଥିଲେ। ଏହି ଅବସରରେ ଖାଲେଦାଙ୍କ ପୁଅ ତଥା ବିଏନ୍‌ପି ମୁଖ୍ୟ ତାରିକ ରହମାନଙ୍କୁ ସାକ୍ଷାତ କରିଥିଲେ ଜୟଶଙ୍କର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ଶୋକପତ୍ରକୁ ସେ ତାରିକଙ୍କୁ ଦେଇଥିଲେ। ଭାରତ-ବାଂଲାଦେଶ ସଂପର୍କକୁ ସୁଦୃଢ଼ କରିବାରେ ଖାଲେଦାଙ୍କ ଭୂମିକାକୁ ଏଥିରେ ପ୍ରଶଂସା କରାଯାଇଛି।

**ଖାଲେଦାଙ୍କ ଶେଷକୃତ୍ୟ ସଂପନ୍ନ**

ଏହି ଅନ୍ତିମ ସଂସ୍କାରରେ ଅନ୍ତରୀଣ ସରକାରଙ୍କ ମୁଖ୍ୟ ମହମ୍ମଦ ୟୁନୁସ, ସବୁ ରାଜନୈତିକ ଦଳର ମୁଖ୍ୟ ଓ ଭିନ୍ନ ଭିନ୍ନ ଦେଶର ପ୍ରତିନିଧି ଯୋଗ ଦେଇଥିଲେ। ପାକିସ୍ତାନ ସଂସଦର ବାଚସ୍ପତି ସର୍ଦାର ଅୟାଜ ସାଦିକ ମଧ୍ୟ ଉପସ୍ଥିତ ଥିଲେ। ଅୟାଜ ସାଦିକଙ୍କୁ ମଧ୍ୟ ଭେଟିଛନ୍ତି ଜୟଶଙ୍କର। ଉଭୟ ନେତା ହାତ ମିଳାଇଛନ୍ତି। ଗତ ମେ'ରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା 'ଅପରେସନ ସିନ୍ଦୂର' ପରେ ପ୍ରଥମ ଥର ପାଇଁ ଦୁଇ ଦେଶର ବଡ଼ ନେତା ମୁହାଁମୁହିଁ ହୋଇ ହାତ ମିଳାଇଛନ୍ତି। ଏହି ଦୃଷ୍ଟିରୁ ସାକ୍ଷାତକୁ କୂଟନୈତିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି।

## ନିଷିଦ୍ଧ ହେଲା ୧୦୦ ଏମ୍‌ଜିରୁ ଅଧିକ ନିମୁସ୍ଲାଇଡ୍ ଔଷଧ

ନୂଆଦିଲ୍ଲୀ, ୩୧।୧୨(ଏଜେନ୍ସି): କେନ୍ଦ୍ର ସରକାର ୧୦୦ ମିଲିଗ୍ରାମ୍‌ରୁ ଅଧିକ ମାତ୍ରାରେ ନିମୁସ୍ଲାଇଡ ଔଷଧ ଉତ୍ପାଦନ ଓ ବିକ୍ରୟ ଉପରେ ତୁରନ୍ତ ନିଷେଧାଦେଶ ଲଗାଇଛନ୍ତି। ଏହି ଔଷଧ ସେବନ ଦ୍ୱାରା ଜ୍ୱର ଓ ଯନ୍ତ୍ରଣାରୁ ଶୀଘ୍ର ମୁକ୍ତି ମିଳିଥାଏ। ମାତ୍ର ଏହାର ଅଧିକ ବ୍ୟବହାର ଯକୃତକୁ ବହୁତ କ୍ଷତି ପହଞ୍ଚାଇଥାଏ। ଏହି କଟକଣା କେବଳ ୧୦୦ ଏମଜିରୁ ଅଧିକ ମାତ୍ରାର ନିମୁସ୍ଲାଇଡ୍ ଥିବା ଔଷଧ ପାଇଁ ପ୍ରଯୁଜ୍ୟ। ତେବେ ଏହା କମ୍ ଡୋଜରେ ଉପଲବ୍ଧ ରହିବ।

## ଚୀନ୍‌ର ଦାବି: ଭାରତ-ପାକ୍ ଯୁଦ୍ଧ ବନ୍ଦ କରାଇଛୁ

ବେଜିଂ, ୩୧।୧୨(ଏଜେନ୍ସି): ୨୦୨୫ ମେ'ରେ ଭାରତ- ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧ ରୋକିବା ନେଇ ବିଶ୍ୱର ଆଉ ଏକ ଶକ୍ତିଶାଳୀ ଦେଶ ଦାବି କରିଛି। ପ୍ରଥମେ ଆମେରିକା ଦାବି କରି ଆସୁଥିବା ବେଳେ ଏବେ ଚୀନ୍ ମଧ୍ୟ ଏନେଇ ତା'ର ଦାବି କରିଛି। ମଙ୍ଗଳବାର ଆୟୋଜିତ ଅନ୍ତର୍ଜାତୀୟ ପରିସ୍ଥିତି ଓ ଚୀନ୍‌ର ବୈଦେଶିକ ସମ୍ପର୍କ ଉପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଚୀନ୍ ବିଦେଶ ମନ୍ତ୍ରୀ ୱାଙ୍ଗ ୟି କହିଛନ୍ତି ଯେ, ଭାରତ- ପାକିସ୍ତାନ ବିବାଦ ସମେଦ ବିଶ୍ୱସ୍ତରରେ ଅନେକ ବିବାଦରେ ଚୀନ୍ ମଧ୍ୟସ୍ଥତା ଭୂମିକା ଗ୍ରହଣ କରିଆସିଛି। ଚୀନ୍ ବିଦେଶ ମନ୍ତ୍ରଣାଳୟ ଦ୍ୱାରା ସାମାଜିକ ଗଣମାଧ୍ୟମ ଏକ୍ସରେ ସେୟାର କରାଯାଇଥିବା ଏକ ବିବୃତିରେ କୁହଯାଇଛି। ୱାଙ୍ଗ ୟି କହିଛନ୍ତି ଯେ, ସ୍ଥାୟୀ ଶାନ୍ତି ସ୍ଥାପନ ପାଇଁ, ଆମେ ଏକ ଉଦ୍ଦେଶ୍ୟମୂଳକ ଓ ନ୍ୟାୟପୂର୍ଣ୍ଣ ମତାମତ ଦେଇଆସିଛୁ ଓ ବିବାଦର ମୂଳ କାରଣର ସମାଧାନ ପାଇଁ ବରାବର ଧ୍ୟାନ ଦେଇ ଆସିଛୁ। ଏହି କ୍ରମରେ ଚୀନ୍ ଉତ୍ତର ମ୍ୟାଁମାର, ଇରାନ ପରମାଣୁ ସମସ୍ୟା, ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା, ପାଲେଷ୍ଟାଇନ-ଇସ୍ରାଏଲ ସମସ୍ୟା ଏବଂ କାମ୍ବୋଡିଆ- ଥାଇଲାଣ୍ଡ ମଧ୍ୟରେ ଚାଲିଥିବା ସାମ୍ପ୍ରତିକ ବିବାଦରେ ମଧ୍ୟସ୍ଥତା କରିଛୁ। ତେବେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ (ଏମ୍‌ଇଏ) ଏପର୍ଯ୍ୟନ୍ତ ଏହି ବିଷୟରେ କୌଣସି ପ୍ରତିକ୍ରିୟା ଦେଇନାହିଁ। ଗତ ମେ ମାସରେ ଭାରତ- ପାକିସ୍ତାନ ମଧ୍ୟରେ ହୋଇଥିବା ଏକ ଛୋଟ ତଥା ତୀବ୍ର ସାମରିକ ସଂଘର୍ଷର ୮ ମାସ ପରେ ଚୀନ୍ ଏହି ଦାବି କରିଛି। ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ- ପାକିସ୍ତାନ ଯୁଦ୍ଧ ରୋକିବାର ନେଇ ୫୦ଥର ଦାବି କରି ଶ୍ରେୟ ନେବାକୁ ପ୍ରୟାସ କରିଛନ୍ତି। କିନ୍ତୁ ଭାରତ ସରକାର ବାରମ୍ବାର ଏହି ଦାବିକୁ ପ୍ରତ୍ୟାଖାନ କରିଆସିଛନ୍ତି। ଯୁଦ୍ଧ ରୋକିବାରେ ଅର୍ଥାତ ଅସ୍ତ୍ରବିରତିରେ ତୃତୀୟ ପକ୍ଷର କୌଣସି ଭୂମିକା ନାହିଁ ବୋଲି ଭାରତ ସରକାର କହିଆସିଛନ୍ତି। ଆଜି ମଧ୍ୟ ଭାରତ ସରକାର ପୁଣିଥରେ ଏହା ସ୍ପଷ୍ଟ କରିଛନ୍ତି।

## କାରରେ ୧୫୦ କେଜି ବିସ୍ଫୋରକ

ଜୟପୁର, ୩୧।୧୨(ଏଜେନ୍ସି): ରାଜସ୍ଥାନ ଟୋଙ୍କରୁ ପୁଲିସ ବିପୁଳ ପରିମାଣର ବିସ୍ଫୋରକ ପଦାର୍ଥ ଜବତ କରିଛି। ଏକ ବସ୍ତାରେ ୧୫୦ କେଜି ଆମୋନିୟମ ନାଇଟ୍ରେଟ୍ ରଖା ଯାଇଥିଲା। ଏହାକୁ ଲୁଚାଇବା ପାଇଁ ୟୁରିଆ ସାର ସହିତ ଛପା ଯାଇଥିଲା। ଏଥିସହ ପୁଲିସ ୨୦୦ ବିସ୍ଫୋରକ ବ୍ୟାଟେରୀ ଓ ୬ ବଣ୍ଡଲର ସେଫ୍ଟି ଫ୍ୟୁଜ ତାର ମଧ୍ୟ ଉଦ୍ଧାର କରିଛି। ପ୍ରତ୍ୟେକ ବଣ୍ଡଲରେ ୧୮୩ ମିଟର ତାର ଥିଲା। ଅପରେସନ ସମୟରେ ଏକ ମାରୁତି ସିଆଜ କାର୍‌ରୁ ଏହି ବିସ୍ଫୋରକ ଓ ସାମଗ୍ରୀ ଜବତ କରାଯାଇଥିଲା ବୋଲି ଟୋଙ୍କ ଡିଏସ୍‌ପି ମୃତ୍ୟୁଞ୍ଜୟ ମିଶ୍ର କହିଛନ୍ତି। ଏହି ମାମଲାରେ ବୁନ୍ଦି ଜିଲ୍ଲାର ଦୁଇ ଅଭିଯୁକ୍ତ ସୁରେନ୍ଦ୍ର ପଟୱା ଓ ସୁରେନ୍ଦ୍ର ମୋଚିଙ୍କୁ ଗିରଫ କରାଯାଇଛି। ଏହି ଦୁଇଜଣ ବୁନ୍ଦିରୁ ଟୋଙ୍କକୁ ଏହି ବିସ୍ଫୋରକ ପଦାର୍ଥ ଚାଲାଣ କରୁଥିଲେ।

## ଚଳନ୍ତା ଗାଡ଼ିରେ ମହିଳାଙ୍କୁ ଗଣଦୁଷ୍କର୍ମ

ଫରିଦାବାଦ୍, ୩୧।୧୨(ଏଜେନ୍ସି): ହରିୟାଣା ଫରିଦାବାଦ୍‌ରେ ଜଣେ ୨୮ ବର୍ଷୀୟା ମହିଳାଙ୍କୁ ଚଳନ୍ତା ଗାଡ଼ିରେ ଗଣଦୁଷ୍କର୍ମ କରାଯିବା ଘଟଣା ସାମ୍ନାକୁ ଆସିଛି। ଦୁଇଜଣ ଯୁବକ ସମ୍ପୃକ୍ତ ମହିଳାଙ୍କୁ ସହରର ସଡ଼କ ଉପରେ ୩ ଘଣ୍ଟା ପର୍ଯ୍ୟନ୍ତ ବୁଲାଇଥିଲେ।

**ଲିଫ୍ଟ ଦେବା ବାହାନାରେ ଉଠାଇ ୩ ଘଣ୍ଟା ବୁଲାଇଥିଲେ**

ଗଣଦୁଷ୍କର୍ମ କରିବା ପରେ ତାଙ୍କୁ ରାସ୍ତାରେ ଫୋପାଡି ଦେଇ ପଳାଇ ଯାଇଥିଲେ। ମହିଳାଙ୍କ ମୁହଁ ଓ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ମୁହଁରେ ୧୨ଟି ଷ୍ଟିଚ୍ ପଡ଼ିଛି। ସୋମବାର ରାତିରେ ହିଁ ଏହି ଘଟଣା ଘଟିଥିଲା ବୋଲି ପୀଡ଼ିତାଙ୍କ ଭଉଣୀ କହିଛନ୍ତି। ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ଏହି ବିବାହିତ ମହିଳା ରାତିରେ ଘରକୁ ଫେରିବା ପାଇଁ ଅପେକ୍ଷା କରିଥିଲେ। ସେତିକି ବେଳେ ଦୁଇଜଣ ଯୁବକ ତାଙ୍କୁ ଘରେ ଛାଡିଦେବାକୁ କହି ଗାଡ଼ିରେ ବସାଇଥିଲେ। ଗାଡିଟି ଗୁରଗାଓଁ ଆଡକୁ ଯାଇଥିଲା। ଗାଡ଼ିରେ ୩ ଘଣ୍ଟା ବୁଲାଇବା ବେଳେ ଦୁଇ ଯୁବକ ତାଙ୍କୁ ଦୁଷ୍କର୍ମ କରିଥିଲେ। ଶେଷରେ ରାତି ୩ଟାରେ ଏସ୍‌ଜିଏମ୍ ନଗରର ରାଜା ଛକଠାରେ ତାଙ୍କୁ ଚଳନ୍ତା ଗାଡ଼ି ବାହାରକୁ ଫୋପାଡି ଦେଇଥିଲେ। ପୁଲିସ ଦୁଇ ଯୁବକଙ୍କୁ ଗିରଫ କରିଛି।

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ
ODISHA UNIVERSITY OF TECHNOLOGY AND RESEARCH
(Formerly College of Engineering & Technology, Bhubaneswar)
Where every faculty, staff, and student strives to realise the full potential in a caring environment to meet the changing demands of the society
OUTR Offers the following programmes of studies
B.Tech.
- Civil Engineering
- Mechanical Engineering
- Electronics & Instrumentation Engineering
- Metallurgical & Materials Engineering
- Aerospace Engineering
- Electrical Engineering
- Computer Engineering
- Mechanical Engineering(AI & Robotics)
- Electronics & Communication Engineering
- Textile Engineering
- Biotechnology
- Computer Science Engineering
- Computer Science Engineering (AI & ML)
- Information Technology
- Fashion & Apparel Technology
- B.Plan
- B.Arch





M.Tech.
- Electronics & Communication Engineering
- Semiconductor Technology
- Energy System and Management
- Instrumentation and Control Engineering
- Mechanical Systems Design
- Mechatronics & Machine Learning
- Power System Engineering
- Mechatronics and Machine Learning
- Textile Engineering
- Textile Chemical Engineering
- Power Electronics & Drives
- Thermal engineering
- VLSI Design & Embedded System
- Water Resources Engineering
- Biotechnology
- Computer Science & Engineering
- Industrial Engineering & Management
- Information Technology
- Structural Engineering
- Industrial Engineering & Management(Part Time)
- Information Technology( Part time)
- Instrumentation & Control Engineering(Part Time)
- Water Resources Engineering(Part time)

Integrated M. Sc
- Chemistry
- Mathematics & Computing
- Physics

M. Sc
- Chemistry
- Mathematics & Computing
- Physics
- Industrial Chemistry (Part Time)

MBA
MCA
M. Plan
M.Tech./M.Sc (Research)
Post Graduate Diploma in Management (PGDM)
School of Mechanical Sciences(MBA)
- Logistics and Supply Chain Management

Ph. D.
- All Branches of Science, Technology and Humanities

Industry Collaboration
KFINTECH PHILIPS Nitkal SIEMENS Ansys HUBSECT valnizen TECH mahindra

Our USP
Highly qualified faculty
Visiting Faculty from reputed industries/organizations
Adjunct Faculty from abroad
Professor of Practice
Multiple CoEs
Advanced Lab and Computing facilities
Innovation and Incubation Centre
Support for Start-ups
Updated Curriculum in the light of NEP-2020
01 REGULAR PROGRAMS
02 PART TIME PROGRAMS
OFFERING PROGRAMS
04 SELF SUSTAINING PROGRAMS
03 EXECUTIVE PROGRAMS
Techno Campus, Ghatikia, Bhubaneswar – 751 029 | www.outr.ac.in




ବାଲୁକା କଳାରେ ଇଂରାଜୀ ନବବର୍ଷକୁ ସ୍ୱାଗତ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-186 ◆THURSDAY ◆1 JANUARY 2026 ◆PAGE-12 ◆₹ 7.00
◆ବର୍ଷ-୪୩ ◆ସଂଖ୍ୟା-୧୮୬ ◆ଗୁରୁବାର ◆୧ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

### ଗଞ୍ଜାମରୁ କୋରାପୁଟ ଜାତୀୟ ରାଜପଥ ସମ୍ପ୍ରସାରଣ

## କେନ୍ଦ୍ର କ୍ୟାବିନେଟରେ ୧୫୨୬ କୋଟି ମଞ୍ଜୁର

ଭୁବନେଶ୍ୱର,୩୧।୧୨(ସମିସ): ଓଡ଼ିଶା ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ଏବଂ ସୁଦୃଢ଼ୀକରଣ କରାଯିବ। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ଏହି ପ୍ରକଳ୍ପକୁ ଅନୁମୋଦନ କରିଛି। ଏହି ପ୍ରକଳ୍ପଟି ଗଞ୍ଜାମ ଜିଲ୍ଲାର ମୋହନାଠାରୁ ରାୟଗଡା, ଲକ୍ଷ୍ମୀପୁର ଦେଇ କୋରାପୁଟ ପର୍ଯ୍ୟନ୍ତ ଲମ୍ବିଛି। ଅନୁମୋଦନ ଅନୁଯାୟୀ ବର୍ତ୍ତମାନର

### ଓଡ଼ିଶାର ପ୍ରଗତି ପାଇଁ ପ୍ରୋତ୍ସାହନ: ପ୍ରଧାନମନ୍ତ୍ରୀ

୨ ଲେନ୍ ବିଶିଷ୍ଟ ଏହି ଏନ୍ଏଚ୍‌ର ୬୮.୬ କିମିରୁ ୩୧୧.୭କିମି ପର୍ଯ୍ୟନ୍ତ ସେକ୍ସନକୁ ଇପିସି ମୋଡ୍‌ରେ ପେଭ୍‌ଡ ଶୋଲଡର ସହିତ ଉନ୍ନତିକରଣ କରାଯିବ। ଏହି ପ୍ରକଳ୍ପ ପାଇଁ ମୋଟ୍ ୧,୫୨୬.୨୧ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ରାଜପଥର ଉନ୍ନତିକରଣ ଦ୍ୱାରା ଗଜପତି, ରାୟଗଡା ଏବଂ କୋରାପୁଟ ଜିଲ୍ଲାଗୁଡ଼ିକ ଉପକୃତ ହେବେ। ଏହା ମଧ୍ୟ ଏନଏଚ -୨୬, ଏନଏଚ -୫୯, ଏନଏଚ-୧୬ ଏବଂ ରାୟପୁର-ବିଶାଖାପାଟଣା କରିଡର ସହିତ ସଂଯୋଗୀକରଣ ଏବଂ ଗୋପାଳପୁର ବନ୍ଦର, ଜୟପୁର ବିମାନବନ୍ଦର ଏବଂ ଅନେକ ରେଳ ଷ୍ଟେସନକୁ ଶେଷ ମାଇଲ ସଂଯୋଗକୁ ଉନ୍ନତ କରିବ। ଏହି ରାଜପଥ ଓଡ଼ିଶାରେ ଆସିକା ନିକଟବର୍ତ୍ତୀ ଏନଏଚ୍ ୫୯ରୁ ଜଙ୍କସନରୁ ଆରମ୍ଭ ହୋଇ ମୋହନା, ରାଇପଙ୍କା, ଅମଲାଭଟା, ରାୟଗଡ଼ା, ଲକ୍ଷ୍ମୀପୁର ଦେଇ ଯାଇଛି ଏବଂ ଚିଣ୍ଟୁରୁ ନିକଟରେ ଥିବା ଏନଏଚ-୩୦ ଜଙ୍କସନରେ ଶେଷ ହୋଇଛି।

ଏହି ନୂତନ ପ୍ରକଳ୍ପ ଓଡ଼ିଶାର ପ୍ରଗତି ପାଇଁ ଏକ ପ୍ରୋତ୍ସାହନ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର କ୍ୟାବିନେଟ୍ ଓଡ଼ିଶାରେ ଜାତୀୟ ରାଜପଥ-୩୨୬ର ପ୍ରଶସ୍ତିକରଣ ଏବଂ ସୁଦୃଢ଼ୀକରଣକୁ ଅନୁମୋଦନ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଗଜପତି, ରାୟଗଡା ଏବଂ କୋରାପୁଟରେ ଯାତାୟାତକୁ ସୁଗମ କରିବ ଏବଂ ସଂଯୋଗୀକରଣକୁ ଉନ୍ନତ କରିବ। ଏହା ନିଯୁକ୍ତି ସୁଯୋଗ ସୃଷ୍ଟି କରିବ, ପର୍ଯ୍ୟଟନ ଓ ଶିଳ୍ପକୁ ପ୍ରୋତ୍ସାହିତ କରିବ, ଏବଂ ଆଦିବାସୀ ଅଞ୍ଚଳରେ ସମାବେଶୀ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଅପରପକ୍ଷେ ଏହି ସମ୍ପ୍ରସାରଣକୁ ଅନୁମୋଦନ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ପ୍ରଦୂଷଣ ପ୍ରମାଣପତ୍ର ବିନା ପେଟ୍ରୋଲ, ଡିଜେଲ ନ ମିଳିବା ନିର୍ଦ୍ଦେଶ

## ସୁପ୍ରିମକୋର୍ଟଙ୍କଠାରୁ ଊର୍ଦ୍ଧ୍ୱରେ ପରିବହନ ବିଭାଗ!

ଭୁବନେଶ୍ୱର,୩୧।୧୨(ସମିସ): ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ଗାଡ଼ି ଚାଳକଙ୍କୁ ପେଟ୍ରୋଲ, ଡିଜେଲ ଦିଆନଯିବା ନେଇ ରାଜ୍ୟ ପରିବହନ ବିଭାଗର ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ପ୍ରଦୂଷଣ ରୋକିବା ନୁହେଁ; ବରଂ ଏହି ଆଳରେ ପୂର୍ବରୁ ପରିବହନ ବିଭାଗର ବକେୟା ଜରିମାନା ରାଶି ଆଦାୟ ଷଡ଼ଯନ୍ତ୍ର କରାଯାଇଥିବା ସାଧାରଣ ଲୋକେ ଅଭିଯୋଗ କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ କଡ଼ା ସମାଲୋଚନା କରୁଥିବା ବେଳେ ଏହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଖୋଲା ଉଲ୍ଲଂଘନ ବୋଲି କହିଛନ୍ତି ବରିଷ୍ଠ ଆଇନଜୀବୀ। ୨୦୨୦ ମସିହାରେ ଏକ ମମାଲାର ଶୁଣାଣି କରି ସୁପ୍ରିମକୋର୍ଟ ପ୍ରଦୂଷଣ ପ୍ରମାଣପତ୍ର ବାହାନାରେ ଗାଡ଼ି ମାଲିକଙ୍କୁ ପେଟ୍ରୋଲ, ଡିଜେଲ ପ୍ରଦାନରୁ ବଞ୍ଚିତ କରାଯାଇ ପାରିବ ନାହିଁ ବୋଲି କହିଛନ୍ତି। ମାତ୍ର ରାଜ୍ୟ ପରିବହନ ବିଭାଗ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅମାନ୍ୟ ଓ ଉଲ୍ଲଂଘନ କରିଥିବା ଆଇନଜୀବୀମାନେ ଅଭିଯୋଗ କରିଛନ୍ତି।

ରାଜ୍ୟ ପରିବହନ କମିଶନର ଓଡ଼ିଶାରେ ତୈଳ ବିତରଣ କରୁଥିବା କମ୍ପାନୀମାନଙ୍କ ପାଇଁ ନିର୍ଦ୍ଦେଶନାମା ଜାରି କରି ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିବା ଗାଡ଼ିକୁ ପେଟ୍ରୋଲ, ଡ଼ିଜେଲ ପ୍ରଦାନ ନ କରିବାକୁ ଚିଠି ଲେଖିଛନ୍ତି। ୨୦୧୫ ମସିହାରେ ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ପେଟ୍ରୋଲ ଡ଼ିଜେଲ ନ ଦେବାକୁ ମଧ୍ୟପ୍ରଦେଶରେ ଏକ ମାମଲା ରୁଜୁ ହୋଇଥିଲା ଓ ଏହି ମାମଲାକୁ ସେତେବେଳେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)କୁ ପ୍ରେରଣ କରିଥିଲେ। ଏହା ଉପରେ ଶୁଣାଣି କରି ଏନ୍‌ଜିଟି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେଉଁମାନେ

■ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଆଇନଜୀବୀଙ୍କ ବିରୋଧ
■ ସର୍ବୋଚ୍ଚ ଅଦାଲତଙ୍କ ରାୟର ଖୋଲାଖୋଲି ଉଲ୍ଲଂଘନ
■ ଗୋଟିଏ ଆଇନର ଉଲ୍ଲଂଘନ ପାଇଁ ଅତିରିକ୍ତ ଦଣ୍ଡ କାହିଁକି?

ବୈଧ ପ୍ରଦୂଷଣ ପ୍ରମାଣପତ୍ର କରିନଥିବେ, ସେମାନଙ୍କୁ ପେଟ୍ରୋଲପମ୍ପରେ ପେଟ୍ରୋଲ, ଡିଜେଲ ଦିଆଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏହା ସହ ମଧ୍ୟପ୍ରଦେଶ ସରକାର ଏହି ନିର୍ଦ୍ଦେଶନାମାର ଅନୁପାଳନ କରି ନ ଥିବାରୁ ଏନ୍‌ଜିଟି ୨୫ କୋଟି ଟଙ୍କାର ଜରିମାନା ମଧ୍ୟ ଲଗାଇଥିଲେ। ଏହି ରାୟ ବିରୋଧରେ ସେତେବେଳେ ମଧ୍ୟପ୍ରଦେଶ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସୁପ୍ରିମକୋର୍ଟ ମାମଲାର ଶୁଣାଣି କରି ମୋଟର ଯାନ ଆଇନ ୧୯୮୯ କିମ୍ବା ଏନ୍‌ଜିଟି ଆଇନ ୨୦୧୦ ରେ କେଉଁଠାରେ ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ଗାଡ଼ିକୁ ପେଟ୍ରୋଲ, ଡିଜେଲ ପ୍ରଦାନ ନ କରିବା ନେଇ କୌଣସି ବ୍ୟବସ୍ଥା ନାହିଁ। ଅତଏବ ଯାହା ପାଖରେ ପ୍ରଦୂଷଣ ପ୍ରମାଣ ପତ୍ର ନାହିଁ; ସେମାନଙ୍କୁ ପେଟ୍ରୋଲ, ଡିଜେଲ ପ୍ରଦାନ ଦିଗରେ କୌଣସି ପ୍ରତିବନ୍ଧକ ରଖିହେବ ନାହିଁ। ସେହିପରି କୌଣସି ଆଇନର ଅମାନ୍ୟ ପାଇଁ ଗୋଟିଏ ଦଣ୍ଡବିଧାନ ଥିଲାବେଳେ, ସମାନ ଭାବେ ଆଉ ଏକ ଅତିରିକ୍ତ ଦଣ୍ଡବିଧାନ/ଜରିମାନା କରାଯାଇପାରିବ ନାହିଁ। ତେଣୁ ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ଗାଡିଗୁଡ଼ିକୁ ଇନ୍ଧନ ଯୋଗାଣ ବନ୍ଦ ସଂକ୍ରାନ୍ତରେ ଏନ୍‌ଜିଟିଙ୍କ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ରଦ୍ଦ କରି ଦେଇଥିଲେ।

ମାତ୍ର ବର୍ତ୍ତମାନ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ଯେଉଁ ନିଷ୍ପତ୍ତି ନେଇଛି ତାହା ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିର ଖୋଲା ଉଲ୍ଲଂଘନ କରିଛି। ପୂର୍ବରୁ ପ୍ରଦୂଷଣ ସାର୍ଟିଫିକେଟ ନଥିଲେ, ମୋଟର ଯାନ ଆଇନରେ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ୧୦ ହଜାର ଜରିମାନା ସହ ରେଜିଷ୍ଟ୍ରେସନ ସାର୍ଟିଫିକେଟ ବାତିଲ ପରି ବ୍ୟବସ୍ଥା ଏଥିରେ ରହିଛି। ମାତ୍ର ସରକାର ଏବେ ସମାନ ଆଇନର ଉଲ୍ଲଂଘନ ପାଇଁ ଏବେ ନିଜର ଏକ ନିୟମ ଆଣିବାକୁ ଉଦ୍ୟମ କରୁଛନ୍ତି। ପେଟ୍ରୋଲ, ଡିଜେଲ ଯୋଗାଣ ବନ୍ଦ କରିବାକୁ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଅଗଣତାନ୍ତ୍ରିକ ଏବଂ ବେଆଇନ ବୋଲି କୁହାଯାଉଛି। ପେଟ୍ରୋଲ, ଡିଜେଲ ଅତ୍ୟନ୍ତ ଦରକାରୀ ଇନ୍ଧନ ଅଟେ। ଏହାର କୌଣସି ପରିସ୍ଥିତିରେ ସାମାନ୍ୟ ସମୟ ପାଇଁ ଯୋଗାଣ ବନ୍ଦ ହେଲେ, ଏହା ରାଜ୍ୟ କିମ୍ବା ଦେଶର ଅର୍ଥନୀତି ଉପରେ କୁପ୍ରଭାବ ପକାଇଥାଏ। ଏପରିସ୍ଥଳେ ରାଜ୍ୟ ସରକାର ଏକ ବେଆଇନ ନିୟମ ଆଣି ସାଧାରଣ ଲୋକଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଅନ୍ୟପକ୍ଷରେ ପ୍ରଦୂଷଣ ପ୍ରମାଣପତ୍ର ନ ଥିବା ଯୋଗୁଁ ଗୋଟିଏ ଗୋଟିଏ ଗାଡ଼ିକୁ ଗୋଟିଏ ଦିନରେ ୩/୪ଟି ଟୋଲ୍ ଗେଟ୍‌ରେ ୧୦ ହଜାର ଟଙ୍କା ଲେଖାଏଁ ୩୦ରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଚାଲାଣକୁ ଆଇନଜୀବୀମାନେ ଅନ୍ୟାୟ ଓ ଅଯୌକ୍ତିକ ବୋଲି କହିଛନ୍ତି ।

## ଶ୍ରୀମନ୍ଦିର କ୍ୟାଲେଣ୍ଡରରେ ବଡ଼ ତ୍ରୁଟି

ପୁରୀ,୩୧।୧୨(ସମିସ): ବର୍ଷ ଶେଷରେ ବଡ଼ ଭୁଲ୍ କରିଦେଇଛି ଶ୍ରୀମନ୍ଦିର ପ୍ରଶାସନ। ଆଉ ସବୁଠୁ ଦୁର୍ଭାଗ୍ୟର ବିଷୟ ହେଉଛି ତାହା ପୁଣି ମହାପ୍ରଭୁଙ୍କୁ ନେଇ। ପ୍ରତିବର୍ଷ ଭଳି ଏଥର ମଧ୍ୟ ମନ୍ଦିର ପ୍ରଶାସନ ପ୍ରସ୍ତୁତ କରିଛି ଇଂରାଜୀ ନବବର୍ଷ ୨୦୨୬ କ୍ୟାଲେଣ୍ଡର। ଏହି କ୍ୟାଲେଣ୍ଡରରେ ମହାପ୍ରଭୁଙ୍କର ଯେଉଁ ଚିତ୍ର ସ୍ଥାନିତ କରାଯାଇଛି ସେଥିରେ ଗୁରୁତର ତ୍ରୁଟି ଥିବା ପରିଲକ୍ଷିତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଭାଇ ଶ୍ରୀବଳଭଦ୍ରଙ୍କ ସ୍ଥାନ ଅଦଳବଦଳ କରିଦିଆଯାଇଛି। ଅର୍ଥାତ୍ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀବଳଭଦ୍ର ଏବଂ ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ଚିତ୍ର ଥିବା ଫଟୋ କ୍ୟାଲେଣ୍ଡରରେ ସ୍ଥାନ ପାଇଛି। କେବଳ ଏହି ଗୋଟିଏ ତ୍ରୁଟି ନୁହେଁ ଏକାଧିକ ଭୁଲ୍‌କୁ ନେଇ ସାମାଜିକ ଗଣମାଧ୍ୟମରେ ସମାଲୋଚନାର ଶରବ୍ୟ ହୋଇଛି ମନ୍ଦିର ପ୍ରଶାସନ। ଚତୁର୍ଦ୍ଧାବିଗ୍ରହଙ୍କ ଫଟୋରେ ଶ୍ରୀସୁଦର୍ଶନଙ୍କୁ ମଧ୍ୟ ସ୍ଥାନ ଦିଆଯାଇ ନାହିଁ। ସେହିପରି କ୍ୟାଲେଣ୍ଡରରେ ରହିଥିବା ତିନିରଥରେ ମଧ୍ୟ ତ୍ରୁଟି ଦେଖିବାକୁ ମିଳିଛି। ରଥଟଣା ହେଉ କି ରଥ ଖଳାରେ ନିର୍ମାଣ ଅବା ସିଂହଦ୍ୱାର ସମ୍ମୁଖରେ ସବୁବେଳେ ଭଉଣୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ମଝିରେ ଥାଏ। ହେଲେ ଏଥିରେ ବ୍ୟତିକ୍ରମ ଘଟିଛି। ପ୍ରଥମେ ଦର୍ପଦଳନ ରଥ ରହିଥିବାବେଳେ ପରେ ଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ସ୍ଥାନ ପାଇଛି। ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରୁଥିବା ଶ୍ରୀମନ୍ଦିର ପ୍ରଶାସନ ନିଜେ କିପରି ଏଭଳି ଅକ୍ଷମଣୀୟ ତ୍ରୁଟି କଲା ତାହାକୁ ନେଇ ସମସ୍ତେ ପ୍ରଶ୍ନ ଉଠାଇଥିବା ବେଳେ ଏଭଳି ତ୍ରୁଟି ପାଇଁ ମନ୍ଦିର ପ୍ରଶାସନ କ୍ଷମା ପ୍ରାର୍ଥନା କରିଛି।



■ କ୍ଷୋଭ ପ୍ରକାଶ କଲେ ଭକ୍ତ, ସେବାୟତ
■ ପ୍ରୋଜେକ୍ଟ କଲ୍‌ଚରାଲ ସବ୍ କମିଟି ଜାଣିଥିଲା ନା ନାହିଁ?
■ କ୍ଷମା ପ୍ରାର୍ଥନା କଲା ଶ୍ରୀମନ୍ଦିର ପ୍ରଶାସନ
■ ସ୍ଥଗିତ ରହିଲା କ୍ୟାଲେଣ୍ଡର ବିକ୍ରି

ତେବେ ଏଭଳି ତ୍ରୁଟିକୁ ଜଗନ୍ନାଥପ୍ରେମୀ ଭକ୍ତ ଓ ଶ୍ରୀମନ୍ଦିର ସେବାୟତ ସମାଲୋଚନା କରିଛନ୍ତି। କାହା ପରାମର୍ଶରେ ଶ୍ରୀମନ୍ଦିର ପ୍ରଶାସନ ଏଭଳି ତ୍ରୁଟିପୂର୍ଣ୍ଣ ଫଟୋ କ୍ୟାଲେଣ୍ଡରରେ ସ୍ଥାନ ଦେଇଛି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ବି ପ୍ରୋଜେକ୍ଟ କଲ୍‌ଚରାଲ ସବ୍ କମିଟି ରହିଛି। ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ବହୁ ବିଦ୍ୱାନ, ଜ୍ଞାନୀଗୁଣି ବ୍ୟକ୍ତି ଏହାର ସଦସ୍ୟ ଅଛନ୍ତି। ମନ୍ଦିର ପ୍ରଶାସନର ଏହି କ୍ୟାଲେଣ୍ଡର ଛାପିବା ପୂର୍ବରୁ କ'ଣ ସେମାନଙ୍କୁ ଏହା ଦେଖାଇ ନ ଥିଲା? ଯଦି ଦେଖାଥିଲା ତା'ହେଲେ ଏଭଳି ତ୍ରୁଟି ଖସିଗଲା ▶ପୃଷ୍ଠା-୭

### ରାଜ୍ୟବାସୀଙ୍କୁ ନବୀନଙ୍କ ନୂଆବର୍ଷ ଶୁଭେଚ୍ଛା



ଭୁବନେଶ୍ୱର,୩୧।୧୨(ସମିସ): ଇଂରାଜୀ ନୂଆବର୍ଷ ୨୦୨୬ ଉପଲେକ୍ଷ ବିରୋଧୀ ଦଳନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏକ ଭିଡିଓ ବାର୍ତ୍ତାରେ ନବୀନ କହିଛନ୍ତି, ନୂଆବର୍ଷ ୨୦୨୬ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ବହୁତ ଅଭିନନ୍ଦନ ଜଣାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର କରୁଣାରୁ ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଓ ସଫଳତାର ବର୍ଷ ହେଉ ବୋଲି ନବୀନ କହିଛନ୍ତି।

## ଗ୍ୟାରେଜରେ ୨ ଯୁବକଙ୍କୁ ପିଟିପିଟି ହତ୍ୟା

କଟକ/ଟାଙ୍ଗୀ,୩୧।୧୨(ସମିସ): କଟକ ଜିଲ୍ଲାର ଟାଙ୍ଗୀ ଅଞ୍ଚଳରେ ବର୍ଷ ଶେଷରେ ଏକ ହୃଦୟବିଦାରକ ଡବଲ ମର୍ଡର ଘଟଣା ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ୨୦୨୫କୁ ବିଦାୟ ଦେଇ ୨୦୨୬କୁ ସ୍ୱାଗତ କରିବା ପାଇଁ ସମସ୍ତେ ପ୍ରସ୍ତୁତ ହେଉଥିବା ବେଳେ ଏହି ନିର୍ମମ କାଣ୍ଡ ଲୋକଙ୍କ ଛାତି ଥରାଇ ଦେଇଛି। ଟାଙ୍ଗୀ ଥାନା ଅନ୍ତର୍ଗତ ନିର୍ଗୁଣ୍ଡି ରେଳଷ୍ଟେସନ ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା 'ଓମ୍ ନମଃ ନାରାୟଣୀ' ପୋକଲିନ୍ ଗ୍ୟାରେଜରେ ମଙ୍ଗଳବାର

### ଗ୍ୟାରେଜ ମାଲିକ ଓ ଜଣେ କର୍ମଚାରୀ ଥାନାରେ ଅଟକ

ବିଳମ୍ବିତ ରାତିରେ ଏକ ବର୍ବରୋଚିତ ହତ୍ୟାକାଣ୍ଡ ଘଟିଛି। ଦୁର୍ବୃତ୍ତମାନେ ଦୁଇଜଣ ଯୁବକଙ୍କୁ ଅତି ଅମାନୁଷିକ ଭାବେ ପିଟି ପିଟି ମାରିଦେଇଥିବା ବେଳେ ବୁଧବାର ସକାଳେ ସେମାନଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଦ୍ୱୟ ହେଲେ ଟାଙ୍ଗୀ ବିଲତେରୁଆଁ ଗ୍ରାମର ମହମ୍ମଦ ସୋଏବ (୨୦) ଏବଂ ଚୌଦ୍ୱାର ଯାତ୍ରାପଡ଼ିଆ ଅଞ୍ଚଳର ପ୍ରଶାନ୍ତ ଜେନା (୨୨) ଉଭୟ ସ୍ଥାନୀୟ ଅଞ୍ଚଳରେ ଥିବା ମେଡିସିନ ଗୋଦାମରେ କାମ କରୁଥିଲେ।

ପୁଲିସର ପ୍ରାଥମିକ ଅନୁସନ୍ଧାନରୁ ହତ୍ୟାକାଣ୍ଡର ଯେଉଁ ଚିତ୍ର ସାମ୍ନାକୁ ଆସିଛି, ତାହା ଅତ୍ୟନ୍ତ ଭୟାବହ। ହତ୍ୟା ପୂର୍ବରୁ ଦୁଇ ଯୁବକଙ୍କୁ ପ୍ରବଳ ନିର୍ଯାତନା ଦିଆଯାଇଥିଲା। ଦୁର୍ବୃତ୍ତମାନେ ସେମାନଙ୍କ ପୋଷାକ କାଢ଼ି ଗ୍ୟାରେଜ୍ ଭିତରେ ଥିବା ଏକ ଖମ୍ବରେ ବାନ୍ଧି ଦେଇଥିଲେ। ଏହାପରେ ସେମାନଙ୍କ ଉପରେ ଥଣ୍ଡା ପାଣି ଢାଳି ନିର୍ଦ୍ଦୟଭାବେ ପିଟିପିଟି ସେମାନଙ୍କୁ ହତ୍ୟା କରିଥିଲେ। ସକାଳେ ଘଟଣାସ୍ଥଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଏ ସମ୍ପର୍କରେ ଦୋକାନ ମାଲିକଙ୍କୁ ଜଣାଇବା ପରେ ସେ ପହଞ୍ଚି ଟାଙ୍ଗୀ ଥାନାକୁ ଖବର ଦେଇଥିଲେ।

ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଟାଙ୍ଗୀ ଥାନା ଅଧିକାରୀ ଡ. ବିକାଶ ସେଠୀ, ଚୌଦ୍ୱାର ଏସଡିପିଓ ଉମାକାନ୍ତ ନାୟକ, ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ଏବଂ ଏକ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହତ୍ୟାକାଣ୍ଡ ପରଠାରୁ ଗ୍ୟାରେଜର କର୍ମଚାରୀମାନେ ଫେରାର ଥିବାରୁ ସେମାନଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହୋଇଛି। ଗ୍ୟାରେଜରେ କାମ କରୁଥିବା ବାଲେଶ୍ୱର ସୋର ଅଞ୍ଚଳର ଜଣେ କର୍ମଚାରୀଙ୍କୁ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ବାଲେଶ୍ୱରରୁ ଧରିଥିବା ସୂଚନା ମିଳିଛି। ଗ୍ୟାରେଜ ମାଲିକ ଦିଲ୍ଲୀପ ନାୟକ ଓ ବାଲେଶ୍ୱରରୁ ଧରା ପଡ଼ିଥିବା ଜଣେ କର୍ମଚାରୀଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରୁ ପୁଲିସ ▶ପୃଷ୍ଠା-୭

DADLS-73




ନବ ବର୍ଷ-୨୦୨୬ ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଓ ଶୁଭେଚ୍ଛା ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

ଇଂରାଜୀ ନୂଆବର୍ଷ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ନୂଆବର୍ଷ ୨୦୨୬ ଉପଲକ୍ଷେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖମୟ ହେଉ । ୨୦୨୬ ବର୍ଷ ଓଡ଼ିଶା ପାଇଁ ଶାନ୍ତି, ପ୍ରଗତି ଓ ସମୃଦ୍ଧିର ବର୍ଷ ହେଉ । ଆସନ୍ତୁ, ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-

ସକାଳ
THE SAKALA



# ମଣ୍ଡିରେ ପଡ଼ିରହିଛି ହଜାର ହଜାର ବସ୍ତା ଧାନ

**ଉମରକୋଟ, ୩୧।୧୨(ସମିସ)**

ନବରଙ୍ଗପୁର ଜିଲ୍ଲା ଉମରକୋଟ ଧାନ ମଣ୍ଡିରେ ପଡ଼ି ରହିଛି ହଜାର ହଜାର ବସ୍ତା ଧାନ। ଉମରକୋଟ ଧାନ ମଣ୍ଡିକୁ ଚାଷୀ ମାନେ ଧାନ ଦେଇ ୨୪ ଘଣ୍ଟା ହେଲାଣି। କିନ୍ତୁ ବର୍ତ୍ତମାନ ସୁଦ୍ଧା କେଜିଏ ମଧ ପ୍ରଶାସନ ପକ୍ଷରୁ ଉଠାଯାଇ ପାରିନାହିଁ। ତେଣୁ ଚାଷୀଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଘଟଣାକୁ ନେଇ ଧାନ ମଣ୍ଡିରେ ବୁଧବାର ଅନେକ ଚାଷୀ ଏକତ୍ରିତ ହୋଇଥିଲେ ଏବଂ ପ୍ରଶାସନ ଉପରେ ଅସନ୍ତୋଷ ଜାହିର କରିଥିଲେ। ଆସନ୍ତା ମଙ୍ଗଳବାର ସୁଦ୍ଧା ଧାନ ନ ଉଠିଲେ ରାଜ ରାସ୍ତାରେ ଧାନ ଗାଡି ରଖି ପ୍ରତିବାଦ କରାଯିବ ବୋଲି କହିଛନ୍ତି। ଚଳିତ ମାସ ୧୭ ତାରିଖରୁ ଧାନ ମଣ୍ଡି ଉଦ୍‌ଘାଟନ ହୋଇଥିଲା। କିନ୍ତୁ ମଙ୍ଗଳବାର ଦିନ ଶତାଧିକ ଚାଷୀ ମଣ୍ଡିକୁ ଧାନ ଆଣିଥିଲେ। ଯାହାକି ମଣ୍ଡି ଠାରୁ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ଧାନ ଗାଡି ଲମ୍ବିଥିଲା। ବୁଧବାର ସନ୍ଧ୍ୟାରେ ସବୁ ଧାନ ଅନ୍‌ଲୋଡ ହୋଇ ଯାଇଛି। ସ୍ୱୟଂସହାୟିକା ଗୋଷ୍ଠୀର ମୋଟ ୧୧୬ ଜଣ ଚାଷୀଙ୍କର ୧୨୯୯୩ ବସ୍ତା ଓ ଉମରକୋଟ ଲ୍ୟାମ୍ପସର ୪୫ ଜଣ ଚାଷୀଙ୍କର ମୋଟ ୩୭୨୧ ବସ୍ତା ମଣ୍ଡିରେ ରହିଛ। ଆନାଲିସିସ୍ ଚାଲିଛି, ଅତିଶୀଘ୍ର ଧାନ ଉଠିବ ବୋଲି କହିଛନ୍ତି, ଉମରକୋଟ ଯୋଗାଣ ଅଧିକାରୀ ସୁନିଲ କୁମାର ଜେନା। ତେବେ ଚାଷୀଙ୍କ କହିବା ହେଲା, ଗତକାଲି ମିଲର ଧାନ ଉଠାଇବା ନେଇ କିଛି ଚାଷୀଙ୍କ ସହ ଆଲୋଚନା କରିଥିଲେ ହେଁ ତାହା ବିଫଳ ହୋଇଥିବା ଜଣାପଡ଼ିଛି।। ଅପର ପକ୍ଷରେ ଉମରକୋଟର ଚାଷୀନେତା କୈଳାସ ନାୟକ କହିଛନ୍ତି ୧୭ ତାରିଖରୁ ଧାନମଣ୍ଡି ଆରମ୍ଭ ହୋଇଥିଲେ ମଧ ଆଜି ସୁଦ୍ଧା କେଜିଏ ଧାନ ମଧ କିଣାଯାଇ ପାରିଲା ନାହିଁ। ଗତ କାଲି କିଛି ମିଲର ଚାଷୀ ମାନଙ୍କୁ ଡାକି ଆଲୋଚନା କରିଥିଲେ ହେଁ ସମାଧାନର ବାଟ ବାହାରି ପାରିଲା ନାହିଁ। ସରକାର କଟ୍‌ନିଛଟ୍‌ନି ହେବ ନାହିଁ ବୋଲି କହୁଥିଲେ ହେଁ ଧାନ କଣ ପାଇଁ ଉଠି ପାରୁନାହିଁ ବୋଲି ପ୍ରଶ୍ନ କରିଛନ୍ତି। ତେବେ ଚଳିତ ବର୍ଷ ରାଇଟ କେନାଲରେ ପାଣି ଛଡ଼ା ଆରମ୍ଭ ହେଲାଣି। ରବି ଫସଲ ପାଇଁ ଚାଷୀ ପ୍ରସ୍ତୁତି ଆରମ୍ଭ କଲେଣି। ଚାଷୀ ଧାନ ବିକ୍ରି କରି ପାରୁନଥିବାରୁ ରବି ଫସଲ ଆରମ୍ଭ କରି ପାରୁନି ବୋଲି କୈଳାସ କହିଛନ୍ତି। ଅନ୍ୟପଟେ ଆସନ୍ତା ମଙ୍ଗଳବାର ସୁଦ୍ଧା ଯଦି ଧାନ ନ ଉଠେ ତେବେ ବିଗତ ଦିନରେ ଯେପରି ଚକ ଅଖ ଆନ୍ଦୋଳନ କରାଯାଇ ଥିଲା, ସେମିତି ପୁଣି କରାଯିବ ବୋଲି କହିଛନ୍ତି। ସେହିପରି ଉମରକୋଟର ଅନ୍ୟ ଜଣେ ପୁରୁଖା ଚାଷୀ କିଶୋର ସାହୁ କହିଛନ୍ତି ବର୍ତ୍ତମାନ ସୁଦ୍ଧା ହଜାର ହଜାର ବସ୍ତା ଧାନ ପହଞ୍ଚିଛି। ଧାନ କୌଣସି ମିଲର ନେଇ ନାହାଁନ୍ତି। ତେଣୁ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଆସି ନାହିଁ। ଏତେ ସୁନ୍ଦର ଧାନ ଆସିଥିବା ସତ୍ତ୍ୱେ ଚାଷୀଙ୍କୁ ପ୍ରଶାସନ କଣ ପାଇଁ ହଇରାଣ କରୁଛନ୍ତି ବୋଲି କହିଛନ୍ତି। ଘଟଣାକୁ ନେଇ ଉମରକୋଟ ଲ୍ୟାମ୍ପସ ନିର୍ଦ୍ଦେଶକ ଅସିତ ରାଏ କହିଛନ୍ତି ଅନାଲିସିସ୍ ଚାଲିଛି ଶୀଘ୍ର ଧାନ ଉଠିଯିବ ବୋଲି କହିଛନ୍ତି।

# ଜଳ ପରିଚାଳନା ନେଇ ସଚେତନ କରିବ ରଥ : ଜିଲ୍ଲାପାଳ

**ନବରଙ୍ଗପୁର, ୩୧।୧୨(ସମିସ):** ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅଶୋକ ମେହେଟ୍ଟା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ଆସନ୍ତା ୬ ଜାନୁଆରୀରୁ ୨୦ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ପାଣି ପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।




ବୈଠକରେ ଏସଇ, ଜଳସେଚନ ପଦ୍ମ ଚରଣ ବେହେରା, ସିଡିଏ ଓ ସୁଧୀର ରଞ୍ଜନ ବେହେରା, ଇଇ, ଓଏଲଆଇସି ଦିଲ୍ଲୀପ ଦାସ, ଡିଇଓ ଛତ୍ରପତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପାଣି ପଞ୍ଚାୟତ ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଜଳ ସଞ୍ଚୟ, ସମୁଚିତ ବଣ୍ଟନ, ସୁସ୍ଥାୟୀ ବ୍ୟବହାର ଓ ଭବିଷ୍ୟତ ପିଢ଼ି ପାଇଁ ଜଳ ସୁରକ୍ଷିତ ରଖିବା।ଏଥିପାଇଁ ବିଶେଷ କାର୍ଯ୍ୟକ୍ରମ ପ୍ରସ୍ତୁତି ପାଇଁ ଆଲୋଚନା ହୋଇଥିଲା। ଆସନ୍ତା ୬.୧.୨୦୨୬ରେ ପାଣି ପଞ୍ଚାୟତ ସଚେତନତା ରଥ ଉଦ୍‌ଘାଟନ ହୋଇ ଜିଲ୍ଲାର ସମସ୍ତ ବ୍ଲକ ଓ ପଞ୍ଚାୟତକୁ ଗସ୍ତ କରିବା ସହ ଜଳ ପରିଚାଳନା ଉପରେ ବିଶେଷ ସଚେତନତା ସୃଷ୍ଟି କରିବ ଏବଂ ଆସନ୍ତା ୬.୧.୨୦୨୬ ରେ ଉମରକୋଟ ଏବଂ ନବରଙ୍ଗପୁର ସବ୍ ଡିଭିଜନ ସ୍ତରୀୟ ବିଭିନ୍ନ ପ୍ରତିଯୋଗୀତା, ପ୍ରବନ୍ଧ, ବକ୍ତୃତା, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତା ଆସନ୍ତା ୯.୧.୨୦୨୬ ତାରିଖରେ ଅନୁଷ୍ଠିତ ହେବ। ୧୩ .୧.୨୦୨୬ ତାରିଖ ରେ ଜିଲ୍ଲା ସ୍ତରୀୟ ଉତ୍ସବରେ ଉତ୍ତମ ଚାଷୀ, ଉତ୍ତମ ପାଣି ପଞ୍ଚାୟତ ସହ ଉତ୍ତମ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା, ପ୍ରତିଯୋଗିତାର ପୁରସ୍କାର ବିତରଣ, ଶପଥ ପାଠ, ପ୍ରଦର୍ଶନୀ ଷ୍ଟଲ, ସଭାକାର୍ଯ୍ୟ ଅନୁଷ୍ଠିତ ହେବ ବୋଲି ବୈଠକର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଡଃ ସ୍ୱାଇଁ ସୂଚନା ଦେଇଛନ୍ତି। ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଇଇ, ଟିପିଏସଓ ଡିଏଲ, ଡିଆଇପିଆର୍‌ଓ, ଡିଡି, ଉଦ୍ୟାନ ବିଭାଗ, ସିଡିଭିଓ, ପିଡି, ୱାଟରସେଡ, ଡିଏଫ୍‌ଓ (ମତ୍ସ୍ୟ) ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ବାପା ଓ ପୁଅ ଗୁରୁତର

**ଜୟପୁର, ୩୧।୧୨(ସମିସ):** ଜୟପୁର ସଦରଥାନାର ପୁଟରା ଗ୍ରାମ ନିକଟସ୍ଥ ଖଇରିମୁଣ୍ଡି ଗ୍ରାମରୁ ଆସୁଥିବା ସମୟରେ ଗ୍ରାମ ନିକଟରେ ବାଇକ୍‌ଦୁର୍ଘଟଣାରେ ବାପା ଓ ପୁଅ ଗୁରୁତର ଭାବେ ଆହତ ହୋଇ ବିଶାଖପାଟଣା ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏନେଇ ଆଜି ଜୟପୁର ସଦରଥାନାରେ ଲିଖିତ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ ଗତକାଲି ପୂର୍ବାହ୍ନ ୧୧ ଟା ସମୟରେ ଖଇରିମୁଣ୍ଡି ଗ୍ରାମର ପ୍ରହଲ୍ଲାଦ ହରିଜନ ଓ ତାଙ୍କ ପୁଅ ରିୟାଜ୍ ହରିଜନ ଦୁଇଜଣ ଏକ ବାଇକ୍‌ରେ ଗ୍ରାମକୁ ଆସୁଥିବା ସମୟରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍‌ରେ ଦୁଇ ଜଣ ଆସି ଧକ୍କା ଦେଇଥିଲେ। ଫଳରେ ପ୍ରହଲ୍ଲାଦ ହରିଜନ ଛିଟିକି ପଡ଼ିବା ଫଳରେ ତାଙ୍କ ଗୋଡ ଏବଂ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ପ୍ରହ୍ଲାଦଙ୍କୁ ଜୟପୁର ଡାକ୍ତରଖାନାରେ ଭର୍ତ୍ତି କରିବା ପରେ କୋରାପୁଟ୍ ସ୍ଥାନାନ୍ତର କରାଯାଇଥିଲା। ପ୍ରବଳ ରକ୍ତସ୍ରାବ ଯୋଗୁଁ ଗୁରୁତର ତାଙ୍କ ପୁଅଙ୍କ ସହିତ ତୁରନ୍ତ ବିଶାଖପାଟଣା ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଏହିପରି ବାପା ପ୍ରହ୍ଲାଦଙ୍କ ଅବସ୍ଥା ଗୁରୁତର ରହିଥିବା ନେଇ ତାଙ୍କ ସାନ ଭାଇ କୈଳାସ ହରିଜନ ସଦରଥାନାରେ ଅଭିଯୋଗ କରିଛନ୍ତି ବୋଲି ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ୧୨ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ କଲା ପୁଲିସ



**ବୈପାରିଗୁଡ଼ା, ୩୧।୧୨(ସମିସ):** ବୈପାରୀଗୁଡା ବ୍ଲକର ଅଧିକାଂଶ ଅଞ୍ଚଳ ଦୁର୍ଗମ ତଥା ମାଓପ୍ରବଣ ହୋଇଥିବାରୁ ଗଞ୍ଜେଇ ଚାଷ କରାବା ପାଇଁ ସୁଯୋଗ ପାଉଛନ୍ତି ଗଞ୍ଜେଇ ଚାଷୀ। ଅନ୍ୟପଟେ ନିଶାମୁକ୍ତ କରିବା ପାଇଁ ଅଣ୍ଟା ଭିଡିଛି ପୋଲିସ। ଗ୍ରୀନ କ୍ଲିନ୍ ଅଭିଯାନ ଜରିଆରେ ଗଞ୍ଜେଇ ଚାଷ ନଷ୍ଟ କରାଯାଉଛି। ଏହି ପେରିପେକ୍ଷିରେ ଆଜି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କାଠପଡ଼ା ପଞ୍ଚାୟତର ଡମଣୀଯୋଡି ଅଞ୍ଚଳରେ ବେଆଇନ ଭାବେ ହୋଇଥିବା ୧୨ ଏକର ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି। ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆଙ୍କ ନେତୃତ୍ୱରେ ବୈପାରିଗୁଡା ଥାନା ଏସ୍‌ଆଇ ସଞ୍ଜୀବ ବେହେରା, ଅତିରିକ୍ତ ତହସିଲଦାର ଝାଡେଶ୍ୱର ସଉରା ଏବଂ ବନବିଭାଗର ଟିମ୍ ଚଢ଼ଉ କରି ୧୪ ହଜାର ଗଞ୍ଜେଇ ଗଛ ନଷ୍ଟ କରିବା ସହିତ ସେଥିରେ ନିଆଁ ଲଗାଇ ପୋଡି ଦେଇଥିବା ଜଣାପଡ଼ିଛି। ନଷ୍ଟ ହୋଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ୯୦ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ସୂଚନା ଦେଇଛି।

## ବିପୁଳ ମାଓ ସମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଜବତ

**ମାଲକାନଗିରି, ୩୧।୧୨(ସମିସ):** ପୁଣିଥରେ ସୁରକ୍ଷା କର୍ମୀଙ୍କ ତଲାସି ଅଭିଯାନ ବେଳେ ଜବତ ହୋଇଛି ବିପୁଳ ମାଓ ସାମଗ୍ରୀ। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ମାଓ ଦମନ ନିମନ୍ତେ ସିଆରପିଏଫ ଯବାନ ଓ ଜିଲ୍ଲା ପୋଲିସ ପକ୍ଷରୁ ତଲାସି ଅଭିଯାନ ଜାରି ରହିଥିବା ବେଳେ ସୁକୁମା ଜିଲ୍ଲା ଉରସାଙ୍ଗଲ ଜଙ୍ଗଲରେ ଯବାନ ମାନଙ୍କୁ ଏହି ସଫଳତା ମିଳିଛି। ତଲାସି ଅଭିଯାନ ବେଳେ ମାଟି ତଳେ ଲୁଚାଇ ରଖାଯାଇଥିବା ଏହି ମାଓ ସମଗ୍ରୀକୁ ଯବାନ ଉଦ୍ଧାର କରିଥିବା ବେଳେ ଏଥିରେ ବିଭିନ୍ନ ଆଧୁନିକ ବନ୍ଧୁକ, ଦେଶୀ ବନ୍ଧୁକ, ବିଭିନ୍ନ ବନ୍ଧୁକର ଗୁଳି, ମାଗାଜିନ ଓ ଅନ୍ୟ ମାଓ ସାମଗ୍ରୀ ଥିବା ଦେଖିବାକୁ ମିଳିଥିଲା। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ମାଓବାଦୀ ମାନେ ଏହି ସାମଗ୍ରୀ ଗୁଡିକ ଲୁଚାଇ ରଖିଥିବା ବେଳେ ଏହାକୁ ଜବତ କରି ଯବାନ ମାନେ ମାଓବାଦୀଙ୍କ ଯୋଜନା କୁ ପଣ୍ଡ କରିଛନ୍ତି। ତେବେ ଏହାପରେ ଅଞ୍ଚଳରେ ତଲାସି ଅଭିଯାନକୁ ଆହୁରି ବଢ଼ାଇ ଦିଆଯାଇଛି।



## ଦୋକାନରୁ ଘରୋଇ ଗ୍ୟାସ ସିଲିଣ୍ଡର ଜବତ

**ଗୁଣପୁର/ପଦ୍ମପୁର, ୩୧।୧୨(ସମିସ):** ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପଙ୍କ ନିର୍ଦ୍ଦେଶକ୍ରମେ ଗୁଣପୁର ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ପଦ୍ମପୁର ଅଞ୍ଚଳର ବିଭିନ ବ୍ୟବସାୟିକ ଅନୁଷ୍ଠାନ, ହୋଟେଲ ଆଦିରେ ଚଢ଼ଉ କରି ପଦ୍ମପୁରସ୍ଥ ଜେବିଏସ ରେଷ୍ଟୁରାଣ୍ଟରୁ ୪ଟି, ଶ୍ରୀକନ୍ୟା ଫେମିଲି ରେଷ୍ଟୁରାଣ୍ଟରୁ ୫ଟିକୁ ମିଶାଇ ୯ଟି ଘରେଇ ଗ୍ୟାସ ସିଲିଣ୍ଡର ଜବତ କରିଛନ୍ତି। ବିଭିନ୍ନ ସମୟରେ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କ ନିକଟକୁ ଘରେଇ ଗ୍ୟାସ ସିଲିଣ୍ଡର କଳାବଜାର ହେଉଥିବା ଓ ସାଧାରଣ ଲୋକଙ୍କୁ ଚଢା ଦରରେ ଗ୍ୟାସ ବିକ୍ରି ହେଉଥିବା ଅଭିଯୋଗ ଆସୁଥିଲା। ସମସ୍ତ ପ୍ରକାର ଅଭିଯୋଗ ପାଇବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜିଠାରୁ ପଦକ୍ଷେପ ଗ୍ରହଣ କରାଯାଇ ଆଗାମୀ ଦିନରେ ମଧ ଚଢ଼ଉ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆଜିର ଏହି ଚଢ଼ଉ ସମୟରେ ପଦ୍ମପୁର ଯୋଗାଣ ନିରୀକ୍ଷକ ଅମର ଶବର, ଗୁଣପୁର ଯୋଗଣ ନିରୀକ୍ଷକ ନିଖିଳ ମୋହନ ବସ୍ତିଆ ପ୍ରମୁଖ ସହଯୋଗ କରିଥିଲେ।

## ବାଇକ୍ ଧକ୍କାରେ ଜଣେ ମୃତ

**ବୈପାରିଗୁଡ଼ା, ୩୧।୧୨(ସମିସ):** ବାଇକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ନୂଆ ବର୍ଷ ଆରମ୍ଭ ପୂର୍ବରୁ ଲିଭିଲା ଜୀବନ ଦୀପ। ଏଭଳି ଅଘଟନ ବୈପାରୀଗୁଡା ଥାନା ସମ୍ମୁଖରେ ଆଜି ସନ୍ଧ୍ୟା ୬ଟାରେ ଘଟିଛ। ମୃତକ ବରୁଣ ପରଜା (୩୫)। ସୂଚନା ଅନୁଯାୟୀ, ବୈପାରିଗୁଡା ବ୍ଲକ ବାତ୍ରିପୁଟ ଗ୍ରାମର ଭଗତ ପରଜାଙ୍କ ପୁଅ ବରୁଣ ପରଜା ମିସ୍ତ୍ରୀ କାମ କରନ୍ତି। ସବୁଦିନି ଭଳି ଆଜି ମଧ ସେ ନୂତନ କୋଠା ନିର୍ମାଣ କାମ କରିବା ପାଇଁ ବୈପାରିଗୁଡା ଆସିଥିଲେ। କାମ ସାରି ସନ୍ଧ୍ୟା ସାଢ଼େ ୬ଟା ବେଳେ ଚାଲି ଚାଲି ନିଜ ଗାଁ ବାତ୍ରିପୁଟକୁ ଯାଉଥିବା ବେଳେ ବୈପାରିଗୁଡା ଥାନା ନିକଟରେ (ଓଡି ୧୦ ଡି ୯୫୧୩) ନମ୍ବର ବିଶିଷ୍ଟ ଏକ ବାଇକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ବରୁଣ ରାସ୍ତା ଉପରେ ଛିଟିକି ପଡ଼ି ଯାଇଥିଲେ। ବରୁଣଙ୍କୁ ବାଇକ୍ ଚାଳକ ପଛପଟୁ ଧକ୍କା ଦେଇ ବାଇକ୍ ଛାଡ଼ି ଘଟଣାସ୍ଥଳରୁ ଦୌଡ଼ି ପଳେଇ ଥିଲେ। ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ବୈପାରିଗୁଡା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ବରୁଣଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବା ବେଳେ ନାକରୁ ରକ୍ତସ୍ରାବ ହେଉଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଜୟପୁର ଜିଲ୍ଲା ହସପିଟାଲକୁ ସ୍ଥାନାନ୍ତର କରିଥିଲେ। ଜୟପୁର ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର ଜଣେଇ ଥିଲେ। ଦୁର୍ଘଟଣା ଘଟାଇଥିବା ବାଇକକୁ ସ୍ଥାନୀୟ ଲୋକେ ପୁଲିସର ଜିମା ଦେଇ ବାଇକ୍ ଚାଳକକୁ ଗିରଫ କରିବା ପାଇଁ ଦାବି କରିଛନ୍ତି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ରହିଛି।

## ଜୟପୁରର ପ୍ରଥମ ବିଧାୟକଙ୍କ ତିରୋଧାନ ଦିବସ ପାଳିତ

**ଜୟପୁର, ୩୧।୧୨(ସମିସ) :** ଜୟପୁର ସହରରେ ଶ୍ରମ କାର୍ଯ୍ୟାଳୟ ଛକ ଠାରେ ସ୍ୱାଧୀନତା ସଂଗ୍ରାମୀ ତଥା ଜୟପୁର ବିଧାନସଭା ମଣ୍ଡଳୀର ପ୍ରଥମ ବିଧାୟକ ସ୍ୱର୍ଗତ ଲଇଛନ ନାୟକଙ୍କର ୪୬ତମ ତିରୋଧାନ ଦିବସ ତାଙ୍କର ପ୍ରତିମୂର୍ତ୍ତି ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥି ମାନେ ଉପସ୍ଥିତ ରହି ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ନାୟକଙ୍କ ପୁତ୍ର ରାମ ନାୟକ, ବରିଷ୍ଠ ଆଇନଜୀବୀ ମଦନ ମୋହନ ନାୟକ, ବାଲା ରାୟ, ରାଜେନ୍ଦ୍ର ଗୌଡ, ପରମେଶ୍ୱର ପାତ୍ର, ପ୍ରମୋଦ ରାଉଳ, ଖଲି ପଟ୍ଟନାୟକ, ବୈରାଗି ସାହୁ, ସୁରେନ୍ଦ୍ର ଖରା, ବୃନ୍ଦାବନ ଖରା, ପ୍ରଫୁଲ୍ଲଗୌଡ. ତୁଳସୀଦାସ ଖରା, ନରେଶ ମହାକୁଲ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ନାୟକ ଜୟପୁରର ପ୍ରଥମ ବିଧାୟକ ଭାବେ ୧୯୫୨ ମସିହା ଫେବୃଆରୀ ୧୬ ତାରିଖରୁ ୧୯୫୬ ମସିହା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଥିଲେ।



## ଉଦୟ ବିଜେପି କୋରାପୁଟ ଜିଲ୍ଲା ସାଧାରଣ ସମ୍ପାଦକ



**ଲକ୍ଷ୍ମୀପୁର, ୩୧।୧୨(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ଉଦୟ ହିକକା ହେଲେ କୋରାପୁଟ ଜିଲ୍ଲା ସାଧାରଣ ସମ୍ପାଦକ। ଉଦୟ ଜଣେ ଉଚ୍ଚ ଶିକ୍ଷିତ ଯୁବକ। ନିଜ ଘର ତୋୟାପୁଟ ପଞ୍ଚାୟତରେ। ଜିଲ୍ଲାର ପ୍ରତ୍ୟେକ ସ୍ଥାନ ବୁଲି ସଂଗଠନକୁ ସୁଦୃଢ କରିବେ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ସେ ସରପଞ୍ଚ ମଧ ଥିଲେ। ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ମଧ ରହିଥିବା କହିଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

## ବିଜୁ ସ୍ୱାଭିମାନ ମଞ୍ଚର ସମାବେଶ

# ବିଜେପିରେ ମିଶିବା ପ୍ରଚାରକୁ ଗୁଜବ କହିଲେ ଭାସ୍କର ରାଓ

**ରାୟଗଡ଼ା, ୩୧।୧୨(ସମିସ)**

ରାୟଗଡ଼ା ଜିଲ୍ଲା ବିଜୁ ସ୍ୱାଭିମାନ ମଞ୍ଚ ଆବାହକ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓ ବିଜେପିରେ ମିଶିବା ପ୍ରଚାରକୁ ଖଣ୍ଡନ କରାଯାଇଛି। ଆଜି ମଞ୍ଚର ସମାବେଶ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମରେ ଗଣମାଧ୍ୟମ ଏବଂ ସମର୍ଥିତ ଲୋକଙ୍କ ସମ୍ମୁଖରେ ନିଜର ସ୍ପଷ୍ଟୀକରଣ ରଖିଛନ୍ତି ନିଜେ ଶ୍ରୀ ରାଓ। ସମାବେଶରେ ଶ୍ରୀ ରାଓ କହିଛନ୍ତି, ଯେଉଁ ପ୍ରଚାର ହେଉଛି ତାହା ଗୁଜବ। ଏହାର ଉପରେ କୌଣସି ପ୍ରକାର ବିଶ୍ୱାସ କରିବାର ଆବଶ୍ୟକତା ନାହିଁ। ଆମ ସମସ୍ତଙ୍କ ବିଚାର ଏକ ହେବା ଦରକାର। ଫଳରେ ପଞ୍ଚାୟତ ନିର୍ବାଚନ ହେଉ କିମ୍ବା ପୌର ନିର୍ବାଚନ, ପୌରାଧ୍ୟକ୍ଷ ନିର୍ବାଚନ ହେଉ ଆମେ ସମସ୍ତେ ଏକଜୁଟ ହୋଇ ଲଢିଲେ ଆମ ଶକ୍ତି ଆମ ପାଖରେ ରହିବ। ବିଜେଡିରେ ଏବେ ବି ରହିବାରେ ତାଙ୍କର କୌଣସି ଆପତ୍ତି ନାହିଁ। ସ୍ୱର୍ଗତଃ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରାଯାଇଥିବାରୁ ସେ ଯୋଗ ଦେବାକୁ ଯାଇଥିବା ବେଳେ ଉଭୟ କଂଗ୍ରେସ ଓ ବିଜେପି ନେତୃମଣ୍ଡଳୀଙ୍କ ସହ ଭେଟିଥିଲେ। ତେବେ ସୋସିଆଲ ମିଡିଆରେ ଏହାକୁ ଅନ୍ୟ ପ୍ରକାର ଭାବେ ଉପସ୍ଥାପନା କରାଯାଇଥିବାରୁ ଗୁଜବ ହୋଇଥିଲା। ତେଣୁ ଏହାକୁ ବିଶ୍ୱାସ ନ କରି ଆଗାମୀ ପଞ୍ଚାୟତ ନିର୍ବାଚନ ଯାଏଁ ଆମ ଭିତରେ ଥିବା ଏକତାକୁ ବଜାୟ ରଖିବାକୁ କହିଥିଲେ। ନିର୍ବାଚନ ସମୟରେ ଯାହା ନିଷ୍ପତି ହେବ, ସେ ନେଇ ଯେଉଁ ଦଳକୁ ଚାହିଁବା ସେହି ଦଳକୁ ସମର୍ଥନ ଦିଆଯିବ। କେଉଁ ଦଳ ସହ ମିଶିବା ନ ମିଶିବା ସମସ୍ତ ସମର୍ଥକଙ୍କ ନିଷ୍ପତି ଉପରେ ନିର୍ଭର କରୁଛି ବୋଲି ସେ କହିଛନ୍ତି। ବିଜୁ ସ୍ୱାଭିମାନ ମଞ୍ଚ ଏକ ସାମାଜିକ ସଂଗଠନ ହୋଇ ରହିଛି ଏବଂ ରହିବ ବୋଲି ଶ୍ରୀ ରାଓ କହିଛନ୍ତି। ସେହିପରି ମଞ୍ଚରେ ଉପସ୍ଥିତ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା ମଧ ଭାସ୍କର ରାଓଙ୍କ ସମର୍ଥନରେ ଥିବା ସମସ୍ତ ସମର୍ଥକଙ୍କ ନିଷ୍ପତିକୁ ଅଗ୍ରାହ କରି ତାହାକୁ କାର୍ଯ୍ୟକାରୀ କରିବାକୁ ଆହ୍ୱାନ ଦେଇଥିଲେ। ବିଜୁ ସ୍ୱାଭିମାନ ମଞ୍ଚ ସହ ଯୋଡି ହୋଇଥିବା କିଛି ବ୍ୟକ୍ତି ନିଜର କିଛି କାରଣ ଯୋଗୁଁ ଅନ୍ୟ ଦଳକୁ ଚାଲି ଯାଇଥିବା ଶ୍ରୀ ରାଓ କହିଥିଲେ। ମଞ୍ଚରେ ବାନାଗାଡି ତିରୁପତି, ବ୍ଲକ ଉପାଧ୍ୟକ୍ଷା ହରପ୍ରସାଦ ହେପୃକାଙ୍କ ସମେତ ଅନ୍ୟମାନେ ଭାସ୍କର ରାଓଙ୍କ ନେତୃତ୍ୱକୁ ସମର୍ଥନ ଜଣାଇଥିଲେ। ପରେ ବହୁ ନିର୍ବାଚିତ ଲୋକ ପ୍ରତିନିଧି ସହ ଭାସ୍କର ରାଓ ରୁଦ୍ଧଦ୍ୱାର ବୈଠକ କରିଥିବା ବେଳେ ଏଥିରେ ଗୁଣପୁର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ (ସାନ ଗୌଡ), ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଣ ମାଝୀ ବିନାୟକ କର, ଅମୀୟ ସ୍ୱାଇଁ, ଚନ୍ଦ୍ରକାନ୍ତ ସାମଲ, ଅବିନାଶ ବିଷୋୟୀ ଓ ଅମିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




## ସରକାରୀ ଓକିଲ ନିଯୁକ୍ତ

**ଉମରକୋଟ ୩୧।୧୨ (ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ୭ ଜଣ ଆଇନଜୀବୀଙ୍କୁ ରାଜ୍ୟ ସରକାର ସରକାରୀ ଓକିଲ ଭାବେ ନିଯୁକ୍ତି ଦେଇଛନ୍ତି। ରାଜ୍ୟ ସରକାରଙ୍କ ଆଇନ ବିଭାଗର ବିଜ୍ଞପ୍ତି ଅନୁସାରେ ଉମରକୋଟ ଅତିରିକ୍ତ ଜିଲା ଦୌରଜଜ୍‌ଙ୍କ କୋର୍ଟରେ ବରିଷ୍ଠ ଆଇନଜୀବି ଅଶୋକ କୁମାର ପାଢ଼ୀଙ୍କୁ ଏପିପି ଭାବେ ନିଯୁକ୍ତି ମିଳିଥିବା ବେଳେ ରାମ କୃଷ୍ଣ ନାୟକଙ୍କୁ ଅତିରକ୍ତ ସରକାରୀ ପ୍ଲିଡର, ଶ୍ରୀକ୍ରିଷ୍ଣ ରାୟଙ୍କୁ ଉମରକୋଟ ଜେଏମଏଫସି କୋର୍ଟରେ, ଉମରକୋଟ ତହସିଲ କାର୍ଯ୍ୟାଳୟରେ ଶିବଶଙ୍କର ପତି, ଝରିଗାଁ ଜେଏମ୍‌ଏଫସି କୋର୍ଟରେ ପ୍ରଦୀପ ପଟ୍ଟନାୟକ, ଉମରକୋଟ ଅତିରିକ୍ତ ଜିଲା ଦୌରଜଜଙ୍କ କୋର୍ଟରେ ସ୍ୱତନ୍ତ୍ର ପିପି ଭାବେ ଗୋପୀନାଥ ସାହୁ ଓ ଚନ୍ଦାହାଣ୍ଡି ତହସିଲ କାର୍ଯ୍ୟାଳୟ ଠାରେ ସୀମାଞ୍ଚଳ ମଲ୍ଲିକଙ୍କୁ ସହକାରୀ ପିପି ଭାବେ ନିଯୁକ୍ତି ମିଳିଛି।








## ବନ୍ଦେ ମାତରମ୍ ପ୍ରଶିକ୍ଷଣ ଶିବିର

**ଜୟପୁର, ୩୧।୧୨(ସମିସ) :** କୋରାପୁଟ ଜିଲ୍ଲା ଜୟପୁର ଠାରେ ୬ଟି ଜିଲ୍ଲାର ଶିକ୍ଷକ ଓ ଅଧ୍ୟାପକଙ୍କୁ ନେଇ ମଣ୍ଡଳ ସ୍ତରୀୟ ବନ୍ଦେ ମାତରମ୍ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଥିଲା। କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜୟପୁର ପୌରସଂସ୍ଥାର ବାବା ସାହେବ ମଣ୍ଡପ ଠାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ କୋରାପୁଟ, ନ ବ ର ଙ୍ଗ ପୁ ର , ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି ଏବଂ ନୂଆପଡ଼ା ଜିଲ୍ଲାର ପ୍ରତ୍ୟେକ ବ୍ଲକ, ପୌରାଞ୍ଚଳର ୨ଜଣ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଜଣେ ଅଧପକ ତଥା ଅଧ୍ୟାପିକା ମାନେ ଯୋଗଦାନ କରିବା ସହ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏହିପରି ଏଠାରୁ ପ୍ରଶିକ୍ଷଣ ଗ୍ରହଣ ପରେ ସେମାନଙ୍କ ଜିଲ୍ଲାର ବ୍ଲକ ଓ ପୌରାଞ୍ଚଳରେ ପ୍ରଶିକ୍ଷଣ ପ୍ରଦାନ କରିବେ। ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସାରା ରାଜ୍ୟରେ ଏକତା, ଦେଶପ୍ରେମ ଓ ବଳିଦାନ ନେଇ ଯୁବକ ମାନଙ୍କ ମଧ୍ୟରେ ସଚେତନତା କରିବା ନେଇ ଏହା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହିପରି ସାରା ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବନ୍ଦେ ମାତରମ ସଙ୍ଗୀତ ଓ ଅନ୍ୟାନ୍ୟ ପ୍ରତିଯୋଗିତା ମାଧ୍ୟମରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସେହିପରି ଏହି ତାଲିମ କେନ୍ଦ୍ର ସଙ୍ଗୀତ ଉପରେ ଅଧିକ ଜ୍ଞାନ କିମ୍ବା ଗାୟନ କରୁଥିବା ଶିକ୍ଷକ, ଶିକ୍ଷୟତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା ମାନଙ୍କୁ ଅଗ୍ରାଧିକାର ଦିଆଯାଇଛି। ଏହି ପ୍ରଶିକ୍ଷଣ ଶିବିର ପରିଚାଳନା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ୯ଜଣିଆ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି।



## ଡୁମୁରିପୁଟରେ ଖରିଫ ଧାନମଣ୍ଡି ଉଦ୍‌ଘାଟିତ




କୋରାପୁଟ, ୩୧।୧୨(ସମିସ): କୋରାପୁଟ ବ୍ଲକ ଡୁମୁରିପୁଟ ଲ୍ୟାମ୍ପ୍‌ସରେ ମଙ୍ଗଳବାର ଖରିଫ ଦାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଡୁମୁରିପୁଟ ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ପଦ୍ମନ ପୁଜାରୀଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଯଦୁ ଜାନୀ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ବିନୋଦ ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ସାହୁ, ପ୍ରଫୁଲ୍ଲ କୁମାର ଦେବତା ପ୍ରମୁଖ ଉପସ୍ଥିତ ରହି ଧାନର ମାନ ନିର୍ଦ୍ଧାରଣ, କରି ଚାଷୀମାନଙ୍କୁ ଧାନ ବିକ୍ରି ବିଷୟରେ ସଚେତନତା କରାଇଥିଲେ। ସମିତି ପରିଚାଳନା କମିଟି ସଦସ୍ୟ ସୁରଜିତ ବାଘ, ବସନ୍ତ ଖୋସଲା, ଡମ୍ବରୁ ଦେଉଳପାଡ଼ିଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଲ୍ୟାମ୍ପ୍‌ସର ବଳଭଦ୍ର ପାଙ୍ଗି, ସରୋଜ ଗାଦାବା, ସଞ୍ଜୁକ୍ତା ନାୟକ ଉପସ୍ଥିତ ରହି ମଣ୍ଡି ପରିଚାଳନାରେ ସହାୟତା କରିଥିଲେ।

### ● ଆହାର କେନ୍ଦ୍ର ଟେଣ୍ଡରରେ ଅନିୟମିତତା

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ



ସୁନାବେଡ଼ା/କୋରାପୁଟ, ୩୧।୧୨(ସମିସ): ସୁନାବେଡ଼ା ପୌର ପରିଷଦ ଅଧୀନରେ ଥିବା ଆହାର କେନ୍ଦ୍ର ପରିଚାଳନା ପାଇଁ ମଙ୍ଗଳବାର ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ଉଠିଥିଲା। ସୂଚନା ଅନୁଯାୟୀ, ମୋଟ ୧୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏହି ଟେଣ୍ଡରରେ ଆବେଦନ କରିଥିଲେ। କିନ୍ତୁ ଟେଣ୍ଡର ଖୋଲାଯିବା ସମୟରେ ପଞ୍ଚସୂତ୍ର ନିୟମ (ଓଡ଼ିଶା ସରକାରଙ୍କ ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ନିମନ୍ତେ ଥିବା ପଞ୍ଚସୂତ୍ରୀୟ ନିର୍ଦ୍ଦେଶାବଳୀ) ଅନୁସରଣ ନ କରି ସମସ୍ତ ଆବେଦନକାରୀଙ୍କ ସମ୍ମୁଖରେ ନଥିପତ୍ର ଦେଖାଯାଇ ନଥିଲା। ପରବର୍ତ୍ତୀ ସମୟରେ ଅଧିକ ନଥିପତ୍ର ମାଗିବା ନେଇ ଅଭିଯୋଗ ହୋଇଛି। ଏହି ଅନିୟମିତତାକୁ ନେଇ ୧୨ଟି ଗୋଷ୍ଠୀ ମଧ୍ୟରୁ ୮ଟି ଗୋଷ୍ଠୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ, ସ୍ଥାନୀୟ ପ୍ରଶାସନ ତାଙ୍କର ନଥିପତ୍ରକୁ ଉପେକ୍ଷା କରି ଅନ୍ୟାୟ କରୁଛନ୍ତି। ଏହାର ଉଚିତ ସମାଧାନ ନ ହୋଇଥିବାରୁ ସେମାନେ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ଜଣାଇଛନ୍ତି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମହିଳା ମାନଙ୍କ ଅଭିଯୋଗ ଶୁଣିବା ପରେ ଏ ସମ୍ପର୍କରେ ତଦନ୍ତ ଓ ତୁରନ୍ତ ଯାଞ୍ଚ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଟେଣ୍ଡରରେ ଅନିୟମତା ଅଭିଯୋଗ

# ପୌର କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ଏଚ୍‌ଜିର ଧାରଣା

ଜୟପୁର, ୩୧।୧୨(ସମିସ)



ଜୟପୁର ପୌରସଂସ୍ଥା ପକ୍ଷରୁ କେବଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ଙ୍କ ପାଇଁ ଆହାର କେନ୍ଦ୍ରର ରୋଷେଇ ଓ ଖାଦ୍ୟ ବଣ୍ଟନ ସମେତ ରାତ୍ରିବିଶ୍ରାମ ସ୍ଥଳ ଏବଂ ଏମ୍‌ସିସିର ମଳମୂତ୍ର ଓ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା। କିନ୍ତୁ ଏହି ଟେଣ୍ଡର ପ୍ରକ୍ରିୟା ଏବଂ ଏହାର ସ୍ୱଚ୍ଛତାକୁ ନେଇ ସନ୍ଦେହ ରହିଛି ଏବଂ ବ୍ୟାପକ ଅନିୟମତା ହୋଇଥିବା ଅଭିଯୋଗ ହୋଇଛି। କିଛି ନିର୍ଦ୍ଦିଷ୍ଟ ଏସ୍‌ଏଚ୍‌ଜିଙ୍କୁ ଏହି ଦାୟିତ୍ୱ ଦେବା ପାଇଁ ସେମାନଙ୍କୁ ସୁହାଇଲା ଭଳି ସର୍ତ୍ତ ରଖାଯାଇଛି ବୋଲି ଏଥିରେ ବାଦ ପଡ଼ିଥିବା ଏସଏଚଜି କର୍ମକର୍ତ୍ତା ଓ ସଦସ୍ୟ ମାନେ ଅଭିଯୋଗ ନେଇ ପୌରସଂସ୍ଥାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ଏହିପରି ପୌରସଂସ୍ଥାର ମନମୁଖୀ ଏବଂ ଏକତରଫା ଟେଣ୍ଡର ପ୍ରକ୍ରିୟାରେ ନିୟମ ଯୋଗୁଁ ଏହି ଟେଣ୍ଡର ପାଇଁ ଯୋଗ୍ୟତା କରିବାକୁ ନୂତନ ଏସଏଚଜି ମାନେ ସୁଯୋଗ ପାଇପାରିବେ ନାହିଁ ବୋଲି ଧାରଣା ଦେଇଥିବା ଏସଏଚିଜି ମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ସେମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ ସହିତ ପୁନଃର୍ବାର ସଠିକ ଭାବେ ୪ଟି ସଂସ୍ଥାକୁ ଟେଣ୍ଡର ପାଇଁ ଯୋଗ୍ୟତା ହାସଲ କରିଥିବା ୧୦ଟି ଏସଏଚଜିଙ୍କୁ ନେଇ ଲଟେରୀ କରାଯାଉ, ଯେଉଁ ମାନେ ଏହି ଲଟେରୀ ପ୍ରକ୍ରିୟାରେ କୃତକାର୍ଯ୍ୟ ହେବେ ସେମାନଙ୍କୁ ଉକ୍ତ ସ୍ଥାନର ଦାୟୀତ୍ୱ ପ୍ରଦାନ କରାଯାଉ ବୋଲି ଆନ୍ଦୋଳନକାରୀ ମାନେ ଦାବି କରିଥିଲେ। ଖବରପାଇ ଘଟଣାସ୍ଥଳରେ ଟାଉନଥାନା ପୁଲିସ ପହଞ୍ଚି ଧାରଣା ଦେଇଥିବା ମହିଳା ଏସ୍‌ଏଚ୍‌ଜିଙ୍କୁ ବୁଝାସୁଝା ପରେ ଉଠିଥିଲେ। ଗତ ଡିସେମ୍ବର ମାସରେ ପ୍ରଥମ ସପ୍ତାହରେ ଉପରୋକ୍ତ ସଂସ୍ଥା ଗୁଡିକର ପରିଚାଳନା ନିମନ୍ତେ କେବଳ ମହିଳା ଏସଏଚଜି ମାନେ ଆବେଦନ କରିବା ନେଇ ଟେଣ୍ଡର ଅନ୍‌ଲାଇନ ମାଧ୍ୟମରେ ଆହ୍ୱାନ କରାଯାଇଥିଲା। ଏଥିରେ ଜୟପୁର ପୌରାଞ୍ଚଳର ବିଭିନ୍ନ ୱାର୍ଡର ସମୁଦାୟ ୮୩ଟି ଏସଏଚଜି ଟେଣ୍ଡର ପ୍ରକ୍ରିୟା ଯୋଗଦେଇ ଆବେଦନ ଦାଖଲ କରିଥିଲେ। ସଠିକ କାଗଜପତ୍ର ଯାଞ୍ଚ ଓ ନିୟମାବଳୀ ଅନୁଯାୟୀ ଏସଏଚ୍‌ଜି ଏହି କେନ୍ଦ୍ର ମାନଙ୍କ ପରିଚାଳନା ପାଇଁ କୃତକାର୍ଯ୍ୟ ହୋଇଥିଲେ। ଏହିପରି ସର୍ତ୍ତାବଳୀ ଅନୁଯାୟୀ ଏଏଚଜି ମାନଙ୍କ ବାର୍ଷିକ ଆୟ ଓ ବ୍ୟାୟ ବ୍ୟାଙ୍କ ଖାତା, କାର୍ଯ୍ୟଦକ୍ଷତା ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀ ଯାଞ୍ଚ ପରେ ଆହାର କେନ୍ଦ୍ରର ରୋଷଇଶାଳ ପରିଚାଳନା ପାଇଁ ସହରର ୧୦ଟି ଏସଏଚଜିଙ୍କ ମଧ୍ୟରୁ ୨ଟି ଏସଏଚଜି ମାଁ ଜଗତଜନନୀ ଏବଂ ଜୟସନ୍ତୋଷୀ ମାଁ ଏସଏଚଜି କୃତକାର୍ଯ୍ୟ ହୋଇଥିଲେ। ଉଭୟ ଏସଏଚଜିଙ୍କୁ ନେଇ ଲଟେରୀ ବିଜୟୀ ହୋଇ ରୋଷେଇଶାଳ ପାଇଁ ମାଁ ଜଗତଜନନୀ ଯୋଗ୍ୟତା ହାସଲ କରିଥିଲେ। ସେହିପରି ଜିଲ୍ଲା ଚିକିତ୍ସାଳୟ ଆହାର କେନ୍ଦ୍ର, ଟାଉନ ହଲ ଆହାର କେନ୍ଦ୍ର ଖାଦ୍ୟ ବଣ୍ଟନ ଏବଂ ରାତ୍ରି ଆଶ୍ରୟ ସ୍ଥଳୀର ପରିଚାଳନା ପାଇଁ ଯୋଗ୍ୟତା କରିଥିବା ସମୁଦାୟ ୨୦ଟି ଏସଏଚଜିଙ୍କଙ୍କ ମଧ୍ୟରୁ ମାତ୍ର ୩ଟି ଏସଏଚଜି ଯୋଗ୍ୟତା ହାସଲ କରିଥିଲେ। ସେମାନଙ୍କ ମଧ୍ୟରୁ ମାଁ ସମଲେଶ୍ୱରୀ, ତିତିଲି ଏସଏଚଜି ଏବଂ ମାଁ ହୁଣ୍ଡି ଠାକୁରାଣି ଏସଏଚଜିକୁ ଯଥାକ୍ରମେ ଲଟେରୀ ପ୍ରକ୍ରିୟାରେ ବିଜୟୀ ହୋଇ ଏହି ୩ଟି ସଂସ୍ଥାର ପରିଚାଳନା ଦାୟୀତ୍ୱ ପ୍ରଦାନ କରାଯାଇଥିଲା। ଆଜି ପୌରସଂସ୍ଥାର କାର୍ଯ୍ୟାଳୟ ଠାରେ ଉପଜିଲ୍ଲାପାଳ ତଥା ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଏ.ଶଶ୍ୟା ରେଡ୍ଡି, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ପୂଜା ରାଉତ, ପୌର କର୍ମଚାରୀ ଏବଂ ଯୋଗ୍ୟତା ହାସଲ କରିଥିବା ସମସ୍ତ ଏଏଚଜିଙ୍କ ଉପସ୍ଥିତିରେ ସର୍ତ୍ତାବଳୀ ଯାଞ୍ଚ ଅନୁଯାୟୀ ମୂଲ୍ୟାଙ୍କନ କରିବା ପରେ ୪ଟି କେନ୍ଦ୍ର ପାଇଁ ୫ଟି ଏସଏଚଜି ଯୋଗ୍ୟତା ହାସଲ କରିଥିଲେ। ପ୍ରକାଶଯେ, ଟେଣ୍ଡର ପ୍ରକ୍ରିୟାରେ ଆହାର କେନ୍ଦ୍ର ରୋଷେଇଶାଳ ପାଇଁ ସମୁଦାୟ ୨୭ଟି ଏସଏଚଜି ଆବେଦନ କରିଥିବା ବେଳେ ୧୦ଟି ଯୋଗ୍ୟତା ହାସଲ କରିଛନ୍ତି। ସେହିପରି ଟାଉନହଲ ଏବଂ ଜିଲ୍ଲା ଚିକିତ୍ସାଳୟସ୍ଥିତ ଆହାର କେନ୍ଦ୍ର ଖାଦ୍ୟ ବିତରଣ ଏବଂ ଆଶ୍ରୟସ୍ଥଳୀ ପାଇଁ ସମୁଦାୟ ୨୯ଟି ମଧ୍ୟରୁ ୨୦ ଜଣ ଯୋଗ୍ୟତା ହାସଲ କରିଛନ୍ତି। ମଳମୂତ୍ର ପରିଚାଳନା ପ୍ରକ୍ରିୟାକରଣରେ ୨ଟି ଏସଏଚଜି ଟେଣ୍ଡରରେ ଆବେଦନ କରିଥିଲେ। କେବଳ ଜଣେ ଯୋଗ୍ୟତା ହାସଲ କରିଥିବା ଯୋଗୁଁ ସିଙ୍ଗଲ ଟେଣ୍ଡର ପାଇଁ ନିୟମ ଅନୁଯାୟୀ ଏହାକୁ ବାତିଲ କରାଯାଇଛି। ଏହି ସଂସ୍ଥାକୁ ହାସଲ କରିବା ନେଇ ପ୍ରାରମ୍ଭରୁ ବିବାଦ ଆରମ୍ଭ ହୋଇଥିଲା ଏବଂ ଗତ କାଉନ୍‌ସିଲ ବୈଠକରେ ଟେଣ୍ଡର ମାଧ୍ୟମରେ ମହିଳା ଏସଏଚଜିଙ୍କୁ ପ୍ରଦାନ କରିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। କିନ୍ତୁ ଏହାର କିଛି ଦିନ ପରେ ପୁଣି ୨୧ ଜଣ କାଉନସିଲର ସ୍ୱାକ୍ଷରିତ ଏକ ସୁପାରିଶପତ୍ର ମାଧ୍ୟମରେ ପୂର୍ବରୁ ଏହି କେନ୍ଦ୍ର ଗୁଡିକ ପରିଚାଳନା କରୁଥିବା ମହିଳା ଏସଏଚଜିଙ୍କୁ ପ୍ରଦାନ ନେଇ ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା କାଉନସିଲର ମାନଙ୍କ ବୈଠକର ନିଷ୍ପତି ଅନୁଯାୟୀ ପୌର ନିର୍ବାହୀ ଅଧିକାରୀ ଅଗ୍ରାଧିକାର ଦେବା ସହିତ ଟେଣ୍ଡର ଆହ୍ୱାନ କରିଥିଲେ।

## ଜୟପୁର ବିଧାୟକଙ୍କ ଜନ୍ମଦିନ ପାଳିତ


କୋରାପୁଟ, ୩୧।୧୨(ସମିସ): କୋରାପୁଟ ପ୍ରେସକ୍ଲବ ପକ୍ଷରୁ ବହୁବର୍ଷ ଧରି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଜନ୍ମଦିନ ପାଳନ କରାଯାଉଛି। ଅସୁସ୍ଥତା କାରଣରୁ ବିଧାୟକ ଶ୍ରୀ ବାହିନୀପତି ଭୁବନେଶ୍ୱରରେ ରହୁଛନ୍ତି। ତାଙ୍କର ଅନୁପସ୍ଥିତିରେ ମଧ୍ୟ ପ୍ରେସକ୍ଲବ ପକ୍ଷରୁ ତାଙ୍କର ଜନ୍ମଦିନ ପାଳନ କରାଯାଇଛି। କୋରାପୁଟ ପ୍ରେସକ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପ୍ରେସକ୍ଲବ ଅନେକ ସଭ୍ୟ ମାନେ ଉପସ୍ଥିତ ରହି କେକ କାଟି ଜନ୍ମ ଦିନ ପାଳନ କରିଥିଲେ। ଭିଡିଓ କନଫରେନ୍ସ ମାଧ୍ୟମରେ ଜୟପୁର ବିଧାୟକ ଶ୍ରୀ ବାହିନୀପତିଙ୍କୁ ସଭ୍ୟମାନେ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ ଅତିବାହିତ ହେଉ ବୋଲି କାମନା କରିଥିଲେ। ବରିଷ୍ଠ ସଭ୍ୟ ବିଦ୍ୟାଧର ଚୌଧୁରୀ, ସିଏଚ ସାନ୍ତାକାର, ବାବୁଲ ସିଂ, ରଞ୍ଜନ କୁମାର ଦାସ, ପବିତ୍ର ମୋହନ ସେଠୀ, ମଦନ ମୋହନ ସାହୁ, ସୂର୍ଯ୍ୟ ନାରାୟଣ ପଣ୍ଡା, ସତ୍ୟଜିତ ମହାନ୍ତି, ପରୀକ୍ଷିତ ବିଶ୍ୱାଳ, ତ୍ରିଲୋଚନ ମହାରଣା, ଅମିତ୍ ହୋତା, ବଟକୃଷ୍ଣ ପ୍ରଧାନ, ପି କେ ପାଢ଼ୀ, ସୌମ୍ୟ ରଞ୍ଜନ ସାହୁ, ଅଶୋକ ଷଡଙ୍ଗୀ, ଗୋପାଳ ପାଢ଼ୀ, ଉତ୍ତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




## ମୃତ ଛାତ୍ରଙ୍କ ପରିବାରକୁ ରେଡ୍‌କ୍ରସର ସହାୟତା

ନନ୍ଦପୁର, ୩୧।୧୨(ସମିସ): ବାପାଙ୍କ ସହ ତୀର୍ଥ ଯାତ୍ରା କରିବାକୁ ଯାଇ ଅକାଳ ମୃତ୍ୟୁବରଣ କରିଥିବା କୋରାପୁଟ ଜିଲ୍ଲା ଅନ୍ତର୍ଗତ ନନ୍ଦପୁର ବ୍ଲକ ଓଡ଼ିଶା ଆନ୍ଧ୍ର ସୀମାନ୍ତ ଗୋଲୁରୁ ଗ୍ରାମପଞ୍ଚାୟତ ସଦର ଗ୍ରାମର ରାମ ସ୍ୱାମୀ ଖୁଡ଼ାଙ୍କ ପୁଅ ପ୍ରସନ୍ନ କୁମାର ଖୁଡ଼ାଙ୍କ ପ୍ରୟାଗରାଜଠାରେ ଅକାଳ ବିୟୋଗ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ମୃତ ଶରୀର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଆଜି ରାଜସ୍ୱ ବିଭାଗ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି।









ସକାଳ
THE SAKALA

# ସମ୍ପାଦକୀୟ



ନବ ଆଶା ନବ ଭାବ ସଞ୍ଚାରି ପରାଣେ, ଫିଟାଇ ଦିଅ ହେ ନବ କଲ୍ୟାଣର ପଥ
ପୁଣ୍ୟ ଉତ୍ସାହର ମନ୍ତ୍ର ଉଚ୍ଚାରି ସଘନେ, ଉଦ୍ଧାର ଉଦ୍ଧାର ଏହି ଦୀନହୀନ ଜନେ।
-ଭକ୍ତକବି ମଧୁସୂଦନ ରାଓ

## ଶୁଭମ୍ ଭବତୁ

ଆମ ଦେଶରେ ପ୍ରଚଳିତ ବିଭିନ୍ନ ଭାଷା, ପରମ୍ପରା ଓ ଚଳଣି ଆଧାରରେ ନୂଆବର୍ଷ ପାଳନ ନେଇ ପାର୍ଥକ୍ୟ ଥିଲେ ମଧ୍ୟ ଇଂରାଜୀ କ୍ୟାଲେଣ୍ଡର ଓ ତାରିଖର ଗ୍ରହଣୀୟତା ଏବଂ ଜନଜୀବନରେ ପାଳିତ ହେଉଥିବା ତିଥି, ନକ୍ଷତ୍ର ଓ ପର୍ବପର୍ବାଣିକୁ ସେହି ତାରିଖ ଅନୁଯାୟୀ ସୂଚିବାଦ୍ଧ କରାଯାଉଥିବାରୁ ବର୍ଷାରମ୍ଭ ଜାନୁଆରୀ ୧ ତାରିଖକୁ ଆମେ ଏକପ୍ରକାର ମାନିନେଇଛେ। ତେଣୁ ତ ବର୍ଷାନ୍ତ ଓ ବର୍ଷାରମ୍ଭ ନେଇ ସବୁସ୍ତରରେ ବିଶଦ ଆଲୋଚନା ଓ ବିତର୍କର ସୁଯୋଗ ରହିଛି। କେଉଁ ଦୃଷ୍ଟିରୁ ଗଲା ବର୍ଷଟି ସ୍ମରଣୀୟ, ତାହାର ତର୍ଜମା କରି ଆମେ ପାଦ ଥାପିଥିବା ନୂଆବର୍ଷଟି କିପରି ହେବ ସେ ସଂପର୍କରେ ଆଲୋକପାତ କରୁଛେ। ବର୍ଷର ଶେଷ ପ୍ରାନ୍ତରେ ଏମିତି କିଛି ନିଷ୍ପତ୍ତି ବା ନିର୍ଣ୍ଣୟ ନିଆଯାଇଛି, ଯାହାର ସକାରାତ୍ମକ ଦୃଷ୍ଟିଭଙ୍ଗୀରୁ ବିଚାର କଲେ ମନେ ହେବ ଆଗକୁ ଆମେ କ'ଣ ଭଲ ସମୟ ସମ୍ମୁଖୀନ ହେବାକୁ ଯାଉଛେ। ପ୍ରତିକୂଳ ପରିସ୍ଥିତିରେ ଆମେ ବର୍ଷ ତମାମ ସମୟ ସହ ଲଢ଼ିଛେ ନିଜର ମର୍ଯ୍ୟାଦା ଓ ଆତ୍ମସମ୍ମାନର ସୁରକ୍ଷା ପାଇଁ, ଯାହାର ସୁଫଳ ରାଷ୍ଟ୍ରୀୟ ଜୀବନର ସବୁ ବିଭବରେ ଏବେ ଅନୁଭୂତ ହେବା ଆରମ୍ଭ ହୋଇଛି। ତେଣୁ ନୂଆବର୍ଷକୁ ଆମେ ଏକ ସମ୍ଭାବନା ବର୍ଷ ରୂପେ ଗ୍ରହଣ କରିପାରିବା।

ଆମେରିକାର ନୂତନ ରାଷ୍ଟ୍ରପତି ରୂପେ ଡୋନାଲ୍ଡ ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବା ପରେ ପରେ ବିଶ୍ୱରେ ବାଣିଜ୍ୟକୁ ନେଇ ଯେଉଁ ଶୀତଳ ଯୁଦ୍ଧ ଆରମ୍ଭ ହୋଇଗଲା ତାହାର ଗୁରୁତର ପ୍ରତିକୂଳ ପ୍ରଭାବ ଆମ ଉପରେ ପଡ଼ିଥିଲେ ହେଁ ଆମେ ହାର ମାନିନେ। ଆର୍ଥିକ ଦୃଷ୍ଟିରୁ ଭାରତ କ୍ଷତିଗ୍ରସ୍ତ ହୋଇଛି ସତ, ନୂଆବଜାର ଓ ନୂଆ ସଂପର୍କ ମାଧ୍ୟମରେ ସେହି କ୍ଷତିଭରଣା କରି ଅଗ୍ରଗତିର ନୂଆ ଦିଗ ହାସଲ କରିବାର ପ୍ରୟାସ ଜାରି ରହିଛି। ଏଥି ମଧ୍ୟରେ ୭ଟି ରାଷ୍ଟ୍ର ସହ ଶୁଳ୍କମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କାନାଡ଼ା ସହ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହେବାକୁ ଯାଉଛି। ଜୋହାନ୍ସବର୍ଗ ଜି-୨୦ ଶିଖର ସମ୍ମିଳନୀରେ ଦୁଇ ଦେଶର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ପ୍ରାରମ୍ଭିକ ଆଲୋଚନା ଖୁବ୍‌ଶୀଘ୍ର ରାଜିନାମାର ରୂପ ନେବାକୁ ଯାଉଛି। ଅନ୍ୟପକ୍ଷରେ ଟ୍ରମ୍ପ – ଜେଲେନ୍‌ସ୍କି – ପୁଟିନଙ୍କ କଥାବାର୍ତ୍ତାର ସକାରାତ୍ମକ ଦିଗରୁ ବିଚାର କଲେ ସେମାନେ ଏକ ପୂର୍ଣ୍ଣଛେଦର ନିକଟବର୍ତ୍ତୀ ହେଉଥିବା ସ୍ପଷ୍ଟ ହେଉଛି। ଯୁଦ୍ଧ ବନ୍ଦ ହିଁ ବିଶ୍ୱ ଭୂ-ରାଜନୈତିକ ଦୃଶ୍ୟପଟରେ ବ୍ୟବସ୍ଥା ସୁଧାରିବାରେ ନିର୍ଣ୍ଣାୟକ ହେବ।

ଆମ ଗଣତନ୍ତ୍ରର ପ୍ରମୁଖ ସ୍ତମ୍ଭ ନ୍ୟାୟପାଳିକା ଆରାବଳୀ ପର୍ବତମାଳା ଓ ଉନ୍ନାଓ ଦୁଷ୍କର୍ମ ମାମଲାରେ ହସ୍ତକ୍ଷେପ କରି ବ୍ୟବସ୍ଥା ପ୍ରତି ସାଧାରଣରେ ଯେଉଁ ଆସ୍ଥା ସ୍ଥାପନ କରିଛନ୍ତି ତାହାର ସୁଫଳ ଏକାଧିକ କ୍ଷେତ୍ରରେ ଅନୁଭୂତ ହେବ। ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତର ଅଭ୍ୟୁଦୟ ସୁଦୂରପ୍ରସାରୀ ହେବ। ଓଡ଼ିଶାର ସିଲିକନ୍ କାର୍ବାଇଡ ଫ୍ୟାବ୍ ସେହି ପ୍ରୟାସର ଅଂଶବିଶେଷ। ଆମ ରାଜ୍ୟରେ ୯ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଯାଉଥିବା ୪ଟି ନୂଆ ରେଳ ଲାଇନକୁ ବୋର୍ଡର ଅନୁମୋଦନ ଏକ ସକାରାତ୍ମକ ଦିଗ। ଆଗକୁ ଯାହା ହେବ, ତାହା ନିଶ୍ଚୟ ଭଲ ହେବ।

## ଚାଷୀଙ୍କୁ ଧୋକା

ଆମ ରାଜ୍ୟର ଚାଷୀଙ୍କ ଦୁଃଖ ଦିନକୁ ଦିନ ବଢ଼ିବାରେ ଲାଗିଛି। ବୋନସ ଓ ରିହାତି ଘୋଷଣା କାର୍ଯ୍ୟକାରିତାରେ ଯେ ଏତେ ବ୍ୟବଧାନ ତାହା ବୁଝିବା ବେଳକୁ ସେମାନେ କରଜରେ ବୁଡ଼ିଗଲେଣି। ବ୍ୟବସ୍ଥାଗତ ପେଞ୍ଚରୁ ମୁକୁଳି ସୁବିଧା ହାସଲ କରିବା ସେଭଳି ସହଜ ନୁହେଁ। ତେଣିକି ସେ ଧାନ ଚାଷୀ ହେଉକି କପା ଚାଷୀ କେହି ଭଲରେ ନାହାନ୍ତି। ଏବେ ଦୁଗ୍ଧଚାଷୀଙ୍କ ଦୁଃଖ ବୁକେଇ ପଡ଼ିଛି। ସମସ୍ତଙ୍କୁ ଏବେ ଋଣବୋଝ ନୟାନ୍ତ କରିଛି। ପରିଲକ୍ଷିତ ସଂକଟ ଦୂର କରିବାରେ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ନପାଇଲେ ସେମାନଙ୍କ ସଂସାର ଉଚ୍ଛନ୍ନ ହୋଇଯିବ। ତେଣିକି ଯାହା ଉପୁଜିବ ସେ ସଂପର୍କରେ ଆଗୁଆ କିଛି ମତାମତ ନଦେବା ଭଲ।

ସମନ୍ୱୟ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ମନେ ହେଉଥିଲା, ଧାନ ସଂଗ୍ରହରେ ପରିଲକ୍ଷିତ ସମସ୍ୟା ଶୀଘ୍ର ଦୂର ହୋଇଯିବ। ମଣ୍ଡି ଓ ମିଲରଙ୍କୁ ନେଇ ସୃଷ୍ଟି ହୋଇଥିବା ଅବ୍ୟବସ୍ଥା ଅପରିବର୍ତ୍ତିତ ରହିଥିବାରୁ ସ୍ୱାଭାବିକ ଭାବେ ଚାଷୀ ଆନ୍ଦୋଳନ କରିବାକୁ ସଜବାଜ ହେଲେଣି। ବିଭିନ୍ନ ଜିଲ୍ଲାରେ ରାସ୍ତା ଅବରୋଧଠାରୁ ଆରମ୍ଭ କରି ବିଭିନ୍ନ ଦପ୍ତରରେ ବିକ୍ଷୋଭ ସରକାରଙ୍କୁ ଅଡୁଆରେ ପକାଇଛି। ଘଟଣାକ୍ରମଠାରୁ ନିଜକୁ ଦୂରେଇ ରଖି କର୍ତ୍ତୃପକ୍ଷ ସରକାରଙ୍କୁ ତ୍ରୁଟିପୂର୍ଣ୍ଣ ତଥ୍ୟ ଦେଇଥିବାରୁ ପରିସ୍ଥିତି ସୁଧୁରିବା ପରିବର୍ତ୍ତେ ବିଗିଡ଼ିବା ଆରମ୍ଭ କରିଛି। ସରକାରଙ୍କ ପକ୍ଷରୁ ପାଲଟା ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ଦୁଇପକ୍ଷ ଏବେ ମୁହାଁମୁହିଁ ଅବସ୍ଥାକୁ ଆସିଯାଇଛନ୍ତି। ଧାନ ବିକ୍ରି ପାଇଁ ଯେଉଁ ଚାଷ ଜମିକୁ ଦର୍ଶାଇ ଚାଷୀ ପଞ୍ଜୀକରଣ କରିଛନ୍ତି ତାହାର ଯାଞ୍ଚ ସକାଶେ ସମବାୟ ବିଭାଗ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମିଥ୍ୟା ସତ୍ୟପାଠ କ୍ଷେତ୍ରରେ ଚାଷୀଙ୍କ ନାମରେ ପଞ୍ଚାୟତ କାନ୍ଥରେ ନୋଟିସ ଲାଗିବ ବୋଲି ଚେତାବନୀ ଦିଆଯାଇଛି। କିନ୍ତୁ ଆମର ଏଠାରେ କହିବାର କଥା ହେଲା, ଜାଲିଆତି ଯାଞ୍ଚ ନାଁରେ ଧାନ ସଂଗ୍ରହକୁ ବିଳମ୍ବିତ କରାନଯାଉ। ଆଗ କାମକୁ ପଛରେ ପକାଇ ରାଗ ସାଧିବାର ସମୟ ଇଏ ନୁହେଁ। ସରକାର ଧାନ କିଣିବେ, ଅନୁଦାନ ବାଣ୍ଟୁ ନାହାନ୍ତି, ତେବେ ଏତେ ହରବର କାହିଁକି? ଏହା ପଛକୁ କପାଚାଷୀଙ୍କ ଦୁର୍ଦ୍ଦଶା କହିଲେ ନସରେ। ବିକଳ୍ପ ଚାଷକୁ ପ୍ରୋତ୍ସାହନ ଦେଇ ରାୟଗଡ଼ା ବାଲାଙ୍ଗୀର ଓ କଳାହାଣ୍ଡି ଭଳି ଜିଲ୍ଲାରେ କପା ଚାଷକୁ ପ୍ରୋତ୍ସାହନ ଦିଆଯାଇଥିଲା। ଧଳା ସୁନା ରୂପେ ପରିଚିତ କପାଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବଢ଼ିଲା, ଭାରତୀୟ କପା ନିଗମ ନିମ୍ନମାନର କପାଦର୍ଶାଇ ଚାଷୀଙ୍କଠାରୁ କିଣୁନଥିବାରୁ ସେମାନଙ୍କ ଦୁଃଖ ବଢ଼ିଯାଇଛି। ଯେତେଦୂର ମନେ ହୁଏ, ନିଗମ ଓ ଘରୋଇ ଦଲାଲଙ୍କ ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ପରିସ୍ଥିତି ଏପରି ହୋଇଛି ଯେ ସରକାରୀ ଦର କୁଇଣ୍ଟାଲ ପିଛା ୮୧୧୦ ଟଙ୍କା ବଦଳରେ ଅଞ୍ଚଳରେ ପଇଁତରା ମାରୁଥିବା ଦଲାଲଙ୍କୁ ୬,୫୦୦ଟଙ୍କାରେ ଚାଷୀ ବିକିବାକୁ ବାଧ୍ୟ ହେଲେ। ଏକ୍ଷେତ୍ରରେ ରାଜ୍ୟ ସରକାର ହସ୍ତକ୍ଷେପ ନକଲେ କପା ଚାଷୀଙ୍କ ଭେଳା ବୁଡ଼ିଯିବ। ରାଜ୍ୟର ଦୁଗ୍ଧ ଚାଷୀଙ୍କୁ ବଳଦେବା ସକାଶେ ସରକାର ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀଙ୍କ କାମଧେନୁ ଯୋଜନା। ରିହାତି ମିଳିବା ଆଶାରେ ଚାଷୀ ସବୁ ସର୍ତ୍ତପୂରଣ କରି କାର୍ଯ୍ୟାରମ୍ଭ କରିଦେଲେ। ହେଲେ ରିହାତି ଅର୍ଥ ସେମିତି ଅଟକି ରହିଛି। ଚାଷୀ ଋଣ ବାବଦରେ ବ୍ୟାଙ୍କକୁ ସୁଧଦେଇ ଚାଲିଛନ୍ତି। ଶେଷରେ ଚାଷୀ ଗାଇ ବିକି ଋଣ ସୁଝିବାକୁ ବାଧ୍ୟ ହେବ।

ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କରିବାରେ କିଛି ଅସୁବିଧା ନାହିଁ। କିନ୍ତୁ ଜଣେ ନୋଡାଲ ଅଧିକାରୀଙ୍କ ମାଧ୍ୟମରେ ତାହାର କାର୍ଯ୍ୟକାରିତା ପ୍ରତି ସରକାର ଧ୍ୟାନ ଦେବା ଉଚିତ। ଏକ୍ଷେତ୍ରରେ କିନ୍ତୁ ତ୍ରୁଟିବିଚ୍ୟୁତି ହେଲେ ସବୁ ପ୍ରଶଂସା ଶେଷରେ ନିନ୍ଦାରେ ପରିଣତ ହେବ।

## ଓଡ଼ିଶାରେ 'ଜୀ ରାମ ଜୀ': କାର୍ଯ୍ୟାନ୍ୱୟନ ଓ ଆହ୍ୱାନ

ଜିତେନ୍ଦ୍ର ରଥ

ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) - 'ଜୀ ରାମ୍ ଜୀ' ଡିସେମ୍ବର ୨୧ ତାରିଖରେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇ ଆଇନରେ ପରିଣତ ହୋଇଛି। ଏହାଦ୍ୱାରା ପ୍ରାୟ ଦୁଇଦଶନ୍ଧି ଧରି ଗ୍ରାମାଞ୍ଚଳର ଶ୍ରମିକମାନଙ୍କର ରୋଜଗାର ଅଧିକାରକୁ ସୁରକ୍ଷିତ କରୁଥିବା 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ' - 'ଏମ୍‌ନରେଗା' ଆଇନ ଇତିହାସ ପାଲଟିଛି। ଏହାକୁ ନେଇ ଦେଶସାରା ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗ୍ରାମୀଣ ନିଯୁକ୍ତି କ୍ଷେତ୍ରରେ 'ଜୀ ରାମ୍ ଜୀ' ଏକ ଦୂରଦର୍ଶୀ ପଦକ୍ଷେପ ଏବଂ ଏହାଦ୍ୱାରା ଗ୍ରାମୀଣ ଭିତ୍ତିଭୂମି ବିକାଶ, ଆୟ ସୁରକ୍ଷା ସହ ସରକାରୀ ଉତ୍ତରଦାୟିତ୍ୱକୁ ପୂର୍ବ ଆଇନଠାରୁ ଅଧିକ ବଢ଼ାଇବ ବୋଲି ସରକାର ଓ ସପକ୍ଷବାଦୀମାନେ ମତ ଦେଉଥିବା ବେଳେ ରୋଜଗାର ଆଇନ ପାଇଁ ଲଢ଼ିଥିବା ବିଭିନ୍ନ ସାମାଜିକ ସଂଗଠନ ଓ ପ୍ରମୁଖ ବିରୋଧୀ ଦଳ ଏହାକୁ ମୂଳ ରୋଜଗାର ଗ୍ୟାରେଣ୍ଟିର ପରିପନ୍ଥୀ ବୋଲି ଦର୍ଶାଇଛନ୍ତି। ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବା ଏବଂ ଜଣେ ଶ୍ରମିକର କାମ ପାଇଁ ଦାବି କରିପାରୁଥିବାର ଅଧିକାରକୁ ଖୁବ ବିଚକ୍ଷଣତାର ସହ ନୂଆ ଆଇନରେ ପରିବର୍ତ୍ତନ କରିବାକୁ ନେଇ ମଧ୍ୟ ଅଭିଯୋଗ ହୋଇଛି। ଉଭୟ ସପକ୍ଷ ଓ ବିପକ୍ଷରେ ହେଉଥିବା ଏହି ଚର୍ଚ୍ଚାରୁ ଟିକେ ହଟି ଆମ ରାଜ୍ୟ ସନ୍ଦର୍ଭରେ ଏହାକୁ ଦେଖାଯିବାର ଆବଶ୍ୟକତା ରହିଛି।

ଯଦି ଏମ୍‌ନରେଗା ଆଇନକୁ ଦେଖାଯାଏ, ତେବେ ଏହା ଅନ୍ତର୍ଗତ ସମଗ୍ର ଭାରତ ବର୍ଷର ପ୍ରାୟ ୧୨ କୋଟି ୧୬ ଲକ୍ଷ ଶ୍ରମିକ ରହିଛନ୍ତି। ଆମ ରାଜ୍ୟରେ ଏହି ସଂଖ୍ୟା ପ୍ରାୟ ୧ କୋଟ ୯ ଲକ୍ଷ। ଅର୍ଥାତ ପ୍ରାୟ ୯ ପ୍ରତିଶତ ଶ୍ରମିକ ଓଡ଼ିଶାର ଏବଂ ରାଜ୍ୟ ଜନସଂଖ୍ୟାର ପ୍ରାୟ ୨୭ ପ୍ରତିଶତ ଲୋକ ଏହି ଆଇନ ମାଧ୍ୟମରେ ସୃଷ୍ଟି ହେଉଥିବା ରୋଜଗାର ଉପରେ ନିର୍ଭରଶୀଳ। ଏ ପରିସ୍ଥିତିରେ ଏକ ନୂତନ ଆଇନ ରାଜ୍ୟରେ କିଭଳି କାର୍ଯ୍ୟକାରୀ ହେବ ରାଜ୍ୟ ଏଥିପାଇଁ କେତେଦୂର ପ୍ରସ୍ତୁତ, ତାହା ଦେଖିବାର ଆବଶ୍ୟକତା ରହିଛି। ଏମ୍‌ନରେଗା ଅନ୍ତର୍ଗତ ପ୍ରତ୍ୟେକ ଶ୍ରମିକ ପରିବାର ୧୦୦ ଦିନ କାମ ପାଇବା ପାଇଁ ହକଦାର ଥିଲେ। ନୂତନ ଆଇନରେ ସରକାର ଏହାକୁ ବଢ଼ାଇ ୧୨୫ ଦିନ କରିଛନ୍ତି। ଆମ ରାଜ୍ୟରେ ପୁରୁଣା ଆଇନର କାର୍ଯ୍ୟାନ୍ୱୟନ ଅଭିଜ୍ଞତା ଆଧାରରେ ନୂଆ ଆଇନ କିପରି ଭାବେ କାର୍ଯ୍ୟ କରିବ, ତାହାର ଏକ ପୂର୍ବାନୁମାନ କରାଯାଇପାରେ।

ରାଜ୍ୟରେ ପ୍ରାୟ ୬୭ ଲକ୍ଷ ପରିବାର ପାଖରେ ଏହି ଆଇନ ଅନ୍ତର୍ଗତ କର୍ମନିଯୁକ୍ତି କାର୍ଡ ରହିଛି। ଯଦି ବିଗତ ପାଞ୍ଚ ବର୍ଷର ତଥ୍ୟକୁ ଦେଖାଯାଏ ତେବେ ହାରାହାରି ବାର୍ଷିକ କେବଳ ୫ ପ୍ରତିଶତ ପରିବାର ହିଁ ୧୦୦ ଦିନର କାର୍ଯ୍ୟ କରିପାରିଛନ୍ତି। ୨୦୨୧-୨୨ରେ ଏହି ସଂଖ୍ୟା ୪.୫୭ ଲକ୍ଷ ଥିବା ବେଳେ ୨୦୨୨-୨୩ରେ ୪.୧୬ ଲକ୍ଷ, ୨୦୨୩-୨୪ରେ ୩.୩୯ ଲକ୍ଷ ଓ ୨୦୨୪-୨୫ରେ ମାତ୍ର ୨ ଲକ୍ଷ ପରିବାର ସମ୍ପୂର୍ଣ୍ଣ ୧୦୦ଦିନ କାର୍ଯ୍ୟ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷର ଅର୍ଦ୍ଧାଧିକ ସମୟ ଅତିବାହିତ ହୋଇଥିଲେ ମଧ୍ୟ ମାତ୍ର ୯୫ ହଜାର ପରିବାର ୧୦୦ଦିନର କାର୍ଯ୍ୟ କରିଛନ୍ତି। ଦ୍ୱିତୀୟରେ, ପରିବାର ପିଛା ହାରାହାରି କାର୍ଯ୍ୟଦିବସ ଧାର୍ଯ୍ୟ ଅଧିକାରଠାରୁ ଅନେକ ତଳେ ରହିଛି। ୨୦୨୧-୨୨ରେ ଏହା ବାର୍ଷିକ ପ୍ରାୟ ୫୭ ଦିନ, ୨୦୨୨-୨୩ରେ ୫୫ ଦିନ, ୨୦୨୩-୨୪ରେ ୫୬ ଦିନ ଓ ୨୦୨୪-୨୫ରେ ମାତ୍ର ୫୧ ଦିନ ରହିଛି। ମୋଟାମୋଟି ଭାବେ କହିବାକୁ ଗଲେ ଆମେ ରାଜ୍ୟରେ ପ୍ରତ୍ୟେକ ଯୋଗ୍ୟ ପରିବାରଙ୍କୁ ସମ୍ପୂର୍ଣ ୧୦୦ଦିନର କାର୍ଯ୍ୟ ଯୋଗାଇବାରେ ସଫଳ ହୋଇ ପାରିନାହୁଁ ଏବଂ ପରିବାର ପିଛା ହାରାହାରି କାର୍ଯ୍ୟ ଦିବସ ୬୦ ଦିନ ମଧ୍ୟ ଛୁଇଁ ପାରିନି। ରାଜ୍ୟ ସରକାର ଦାଦନପ୍ରବଣ ପ୍ରାୟ ୩୦ ଗୋଟି ବ୍ଲକରେ ପ୍ରଥମେ ୨୦୦ ଦିନ ଏବଂ ବର୍ତ୍ତମାନ ୩୦୦ ଦିନ କାର୍ଯ୍ୟ ଦିବସ ଧାର୍ଯ୍ୟ କରିଥିଲେ ମଧ୍ୟ ସେହି ଅଞ୍ଚଳରେ ମୋଟାମୋଟି ସ୍ଥିତି ଭିନ୍ନ ନୁହେଁ। ଏହାର ଅର୍ଥ ଆମ କାର୍ଯ୍ୟାନ୍ୱୟନ ବ୍ୟବସ୍ଥାରେ ଏମିତି କିଛି ସମସ୍ୟା ଅଛି, ଯାହାକୁ ସଜାଡ଼ିବା ବିନା ନୂତନ ଆଇନ ଅନ୍ତର୍ଗତ ୧୨୫ ଦିନର କାର୍ଯ୍ୟ ପ୍ରତିଶ୍ରୁତିର ପ୍ରତିଫଳନ କେବେ ବି ସହଜ ହେବନାହିଁ।

ଏବେ ଫେରିବା ଆଇନ କାର୍ଯ୍ୟାନ୍ୱୟନର ଆଉ ଏକ ମୌଳିକ ପ୍ରସଙ୍ଗକୁ। ତାହା ହେଉଛି ଏହାର କାର୍ଯ୍ୟକାରିତା ପାଇଁ ଧାର୍ଯ୍ୟ ହେଉଥିବା ଅର୍ଥରାଶି। ଏମ୍‌ନରେଗା ଆଇନର କାର୍ଯ୍ୟକାରିତା ପାଇଁ କେନ୍ଦ୍ର ସରକାର ବଡ଼ ଆର୍ଥିକ ଭାର ନେଉଥିଲେ। ଅଣକୁଶଳୀ ଶ୍ରମିକ ମଜୁରୀର ଶତପ୍ରତିଶତ କେନ୍ଦ୍ର ସରକାର ବହନ କରୁଥିବା ବେଳେ ଅନ୍ୟ ଉପାଦାନ ଯଥା କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରୀ, କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ, ପ୍ରଶାସନିକ ଖର୍ଚ୍ଚ ଓ ଟିକସ ଆଦିର ୭୫ ପ୍ରତିଶତ କେନ୍ଦ୍ର ସରକାର ବହନ କରୁଥିଲେ। ଏହା ଫଳରେ ରାଜ୍ୟ ସରକାରଙ୍କ ଉପରେ ଆର୍ଥିକ ଭାର କମ ରହୁଥିଲା। ନୂତନ ଆଇନରେ ସରକାର ଏହି ଅନୁପାତରେ ପରିବର୍ତ୍ତନ କରିଛନ୍ତି।

'ଜୀ ରାମ୍ ଜୀ' କାର୍ଯ୍ୟକାରିତା ପାଇଁ ପ୍ରତ୍ୟେକ ଉପାଦାନଗୁଡ଼ିକରେ କେନ୍ଦ୍ର ସରକାର ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥ ପ୍ରଦାନ କରିବେ। ଅର୍ଥାତ, ରାଜ୍ୟ ସରକାରଙ୍କ ଉପରେ ଏହା ନିଶ୍ଚିତ ଭାବରେ ଏକ ଅତିରିକ୍ତ ବୋଝ ସୃଷ୍ଟି କରିବ। ଗୋଟିଏ ଆର୍ଥିକ ବର୍ଷକୁ ଉଦାହରଣ ଭାବେ ଧରି ଆମ ରାଜ୍ୟ ଉପରେ ପଡ଼ିବାକୁ ଥିବା ଅତିରିକ୍ତ ଭାରକୁ ବୁଝା ଯାଇପାରେ। ୨୦୨୪-୨୫ ଆର୍ଥିକ ବର୍ଷରେ ଏମ୍‌ନରେଗା ଆଇନ ପାଇଁ ରାଜ୍ୟରେ ପ୍ରାୟ ୪, ୬୩୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏଥିରେ ପ୍ରାୟ ୩, ୧୮୬ କୋଟି ଟଙ୍କା ଅଣକୁଶଳୀ ଶ୍ରମିକଙ୍କ ମଜୁରୀରେ ଖର୍ଚ୍ଚ ହୋଇଥିଲା। ଏହା ସମ୍ପୂର୍ଣ୍ଣ ରୂପେ କେନ୍ଦ୍ର ସରକାର ବହନ କରିଥିଲେ। ଅନ୍ୟ ଉପାଦାନଗୁଡ଼ିକରେ ୨୫ ପ୍ରତିଶତ ଅବଦାନ ହିସାବରେ ରାଜ୍ୟସରକାର ମାତ୍ର ୩୪୧ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ଅର୍ଥାତ ଏମ୍‌ନରେଗା ଆଇନର କାର୍ଯ୍ୟାନ୍ୱୟନରେ ରାଜ୍ୟରେ ଖର୍ଚ୍ଚ ହୋଇଥିବା ସମ୍ପୂର୍ଣ୍ଣ ଅର୍ଥର ମାତ୍ର ୭ ପ୍ରତିଶତ ରାଜ୍ୟ ସରକାର ବହନ କରିଥିଲେ। ବିଗତ ଅନେକ ବର୍ଷ ଧରି ପାଖାପାଖି ଏହି ଧାରା ରହି ଆସୁଥିଲା।

ଯଦି ଏହି ଖର୍ଚ୍ଚକୁ ଆଧାର ହିସାବରେ ନେଇ ଆକଳନ କରାଯାଏ, ତେବେ ଅଣକୁଶଳୀ ଶ୍ରମିକମାନଙ୍କ ପାଇଁ ୪୦ ପ୍ରତିଶତ ହାରରେ ରାଜ୍ୟ ସରକାରଙ୍କୁ ଏବେ ପ୍ରାୟ ୧, ୨୭୪ କୋଟି ଟଙ୍କା ଏବଂ ଅନ୍ୟାନ୍ୟ ଉପାଦାନଗୁଡ଼ିକରେ ୪୦ ପ୍ରତିଶତ ହାରରେ ପ୍ରାୟ ୫୮୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ମୋଟାମୋଟି ଭାବେ ରାଜ୍ୟ ସରକାରଙ୍କୁ ୩୪୧ କୋଟି ସ୍ଥାନରେ ପ୍ରାୟ ୧, ୮୫୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେବ। ଏହାଛଡ଼ା ରାଜ୍ୟ ତରଫରୁ ଚାଲୁଥିବା ଅତିରିକ୍ତ କାର୍ଯ୍ୟଦିବସର ଭାର ମଧ୍ୟ ରହିବ। ସରକାରଙ୍କ ପାଇଁ ଏହା ଏକ ବଡ଼ ଅର୍ଥରାଶି ହୋଇ ନଥିଲେ ମଧ୍ୟ ଏହାକୁ ଯୋଗାଡ଼ କରିବା ଏତେ ସହଜ ହେବ ନାହିଁ। ଯଦି ସରକାର ଏହି ଅର୍ଥ ଠିକ୍‌ସମୟରେ ବରାଦ ନକରି ପାରନ୍ତି, ତେବେ ନୂତନ ରୋଜଗାର ଯୋଜନା ସଠିକ ଭାବେ କାର୍ଯ୍ୟକାରୀ ହୋଇ ପାରିବ ନାହିଁ।

ଏମ୍‌ନରେଗା ତୁଳନାରେ ନୂତନ ଆଇନରେ ଅନେକଗୁଡ଼ିଏ ମୌଳିକ ପରିବର୍ତ୍ତନ ହୋଇଥିବାରୁ ଏହାର କାର୍ଯ୍ୟାନ୍ୱୟନରେ ରାଜ୍ୟ ସରକାରଙ୍କ ସାମ୍ନାରେ କାର୍ଯ୍ୟ ଦିବସ ଓ ବଜେଟ ଛଡ଼ା ଆହୁରି ଅନେକଗୁଡ଼ିଏ ଆହ୍ୱାନ ଆସିବାର ସମ୍ଭାବନା ରହିଛି। ଆଇନ ପାରିତ ହେବାର ଛଅ ମାସ ମଧ୍ୟରେ ନିୟମ ତିଆରି କରିବା ଆବଶ୍ୟକ ଥିବାରୁ ରାଜ୍ୟ ସରକାର ଏହାକୁ ନେଇ କାର୍ଯ୍ୟରତ ବିଭିନ୍ନ ସାମାଜିକ ସଂଗଠନ, ଗବେଷଣା ସଂସ୍ଥା, ଶ୍ରମିକ ସଂଗଠନ ଆଦିଙ୍କ ସହ ଏକ ବ୍ୟାପକ ଆଲୋଚନା କରିବା ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୯୩୭୦୦୮୪୩୧

## ନୂତନତା: ଏକ ଭିନ୍ନ ଦୃଷ୍ଟିକୋଣ

ଡ. ଆଭାଞ୍ଜଳି ଶତପଥୀ

ନୂତନ ଓ ପୁରାତନ ହେଲା ମଣିଷ ନିର୍ମିତ ଶବ୍ଦକୋଷର ଏକ ବିଶେଷଣ ମାତ୍ର, ଯାହା ସେହି ଚିରନ୍ତନ ସତ୍ୟ ଓ ଶାଶ୍ୱତ ସମୟ ସହ ସଂଶ୍ଲିଷ୍ଟ। ପୁରାତନ ଓ ନୂତନ ଶବ୍ଦ ତ ମଣିଷ ଦ୍ୱାରା ନିର୍ମିତ କିଛି ସଂଜ୍ଞା ମାତ୍ର, ଯାହା ଚଳନ୍ତି ସମୟର ପ୍ରବାହରେ ଏକ ସୀମାରେଖା ଆଙ୍କିଥାଏ। ମଣିଷ ନିଜ ସୁବିଧା ଅନୁସାରେ ସେହି ଅଭଙ୍ଗା ସମୟକୁ ମୁହୂର୍ତ୍ତ, ଦିନ, ମାସ ଓ ବର୍ଷର ସଂଜ୍ଞାରେ ବିଭକ୍ତ କରିଥାଏ। ବିଗତ ମୁହୂର୍ତ୍ତର ସମାପ୍ତିରେ ଏକ ନୂତନ ମୁହୂର୍ତ୍ତର ଆରମ୍ଭ ହୁଏ; ଠିକ୍ ସେମିତି ବିଗତ ଦିନ, ମାସ ଓ ବର୍ଷର ଅନ୍ତରେ ନୂତନର ପ୍ରାରମ୍ଭ ହୋଇଥାଏ। ଯଦି ସମୟକୁ ଆମେ ସାଗର କହିବା, ତେବେ ନୂତନ ଓ ପୁରାତନ ବର୍ଷ ହେଲା ସେହି ସାଗରର ତରଙ୍ଗମାଳା, ଯାହା ସାଗରରେ ଜନ୍ମ ନେଇ ପୁଣି ସେହି ସାଗରରେ ହିଁ ବିଲୀନ ହୋଇଯାଏ।

ଏହି ନୂତନ ଓ ପୁରାତନ ଶବ୍ଦ କ'ଣ କେବଳ ଭାଷାର ଅଭିବୃଦ୍ଧିରେ ସୀମିତ? ନା, ଏହା ଜୀବନ ଦର୍ଶନ ପାଇଁ ଏକ ମହାର୍ଘ ତଥ୍ୟ। ଏହି ଶବ୍ଦଗୁଡ଼ିକ କେବଳ ବିପରୀତମୁଖୀ ନୁହନ୍ତି, ବରଂ ପରସ୍ପରର ଅନୁପୂରକ। ଏହି ପ୍ରସଙ୍ଗକୁ ବିଭିନ୍ନ ପରିପ୍ରେକ୍ଷୀ ଓ ଦୃଷ୍ଟିକୋଣରୁ ଆଲୋଚନା କରାଯାଇପାରେ। ସାଂସାରିକ ଦୃଷ୍ଟିକୋଣରୁ ଦେଖିଲେ 'ନୂତନତା' ହେଉଛି ଏକ ଆଶା, ଉତ୍ସାହ ଓ ଉନ୍ମାଦନା। କୁହାଯାଏ ଯେ, ପୁରାତନ ଯେତେ ଆକର୍ଷଣୀୟ ହୋଇଥିଲେ ମଧ୍ୟ ତାହା 'ନୂତନ'ର ସ୍ଥାନ ନେଇପାରିବ ନାହିଁ। କାରଣ ନୂତନତା ମଧ୍ୟରେ ଥାଏ ଏକ ଅଜଣା ଉଦ୍‌ବେଗ ଓ ଆକର୍ଷଣ। ଉଦାହରଣ ସ୍ୱରୂପ ନୂତନ ବସ୍ତ୍ର, ନୂତନ ଗୃହ, ନୂତନ ବନ୍ଧୁ, ନୂତନ କାର୍ଯ୍ୟ, ନୂତନ ପରିବେଶ ଓ ନୂତନ ବର୍ଷର ନବୀନତା ମଣିଷକୁ ଆନନ୍ଦିତ କରିବା ସହ ଅନେକ ଆବେଗ ଭରିଦେଇଥାଏ।

ନବୀନତାକୁ ଅଭିନନ୍ଦନ ଜଣାଇବାର ପ୍ରକ୍ରିୟା ମଧ୍ୟ ଅନନ୍ୟ। ଯେପରି ଏକ ନୂତନ ଗୃହକୁ ସ୍ୱାଗତ କଲା ବେଳେ ଦେବତାଙ୍କୁ ଆରାଧନା, ଗୃହ ପ୍ରତିଷ୍ଠା ଓ ସମଷ୍ଟି ଭୋଜନର ଆୟୋଜନ କରାଯାଏ; କିନ୍ତୁ ସେହି ନୂଆ ଘରେ ପୁରୁଣା ଆସବାବପତ୍ର ବ୍ୟବହାର ନ କରିବା ପାଇଁ କୌଣସି ନିୟମ ନଥାଏ। ସେହିପରି ନୂତନ ବର୍ଷକୁ ସ୍ୱାଗତ କଲାବେଳେ ସାରା ବିଶ୍ୱରେ ମହୋତ୍ସବର ପରିବେଶ ସୃଷ୍ଟି ହୁଏ। କେଉଁଠି ରଙ୍ଗବେରଙ୍ଗର ଆଲୋକ ଓ ନୃତ୍ୟ-ଗୀତର ଉଲ୍ଲାସ ତ କେଉଁଠି ସାଂସ୍କୃତିକ ସଭାର ସମ୍ଭାର। କେଉଁଠି ବଣଭୋଜି ଓ ବନ୍ଧୁମିଳନର ଆସର ଜମେ ତ ପୁଣି କେହି କେହି ଦୀପ ଜାଳି ଓ ମନ୍ଦିର ଦର୍ଶନ କରି ଜୀବନକୁ ଶୃଙ୍ଖଳିତ କରିବାର ଶପଥ ନିଅନ୍ତି। ତେବେ ନବବର୍ଷର କିଛିଦିନ ଅତିକ୍ରମ କରିବା ପରେ ସେହି ଉଲ୍ଲାସ ଓ ଉନ୍ମାଦନା ଧୀରେ ଧୀରେ ହ୍ରାସ ପାଇଥାଏ। ଆମେ ନୂତନ ବର୍ଷର ଶପଥକୁ ଭୁଲିଯାଉ ଏବଂ ପୁରାତନ ବର୍ଷର ସ୍ମୃତି ବନ୍ଧନରୁ ମୁକ୍ତି ପାଇପାରୁ ନାହିଁ। ବିଗତ ଦିନର ସ୍ମୃତିରେ ବୁଡ଼ି ରହି ବର୍ତ୍ତମାନର ନୂତନତାକୁ ଅଣଦେଖା କରିଦେଉ। ଫଳରେ ନୂତନତାର ମାଦକତା କ୍ଷଣଭଙ୍ଗୁର ହୋଇଯାଏ। ଏଠାରେ 'ନୂତନ' ଶବ୍ଦଟି କେବଳ ଏକ ଉତ୍ସବର ଉନ୍ମାଦନା ହୋଇ ରହିଯାଏ।

ବୌଦ୍ଧିକ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ନୂତନର ଅର୍ଥ କ'ଣ କେବଳ ଉତ୍ସାହ ଓ ଉତ୍ସବର ଉନ୍ମାଦନା? ନୂତନର ସ୍ଥିତି କ'ଣ ସାମୟିକ? ଆଧ୍ୟାତ୍ମିକ ଦୃଷ୍ଟିରୁ ବିଚାର କଲେ 'ନୂତନ' ଶବ୍ଦରେ ବୌଦ୍ଧିକ ଗାମ୍ଭୀର୍ଯ୍ୟ ରହିଛି। ଏହା କେବଳ ଉତ୍ସାହ ଓ ଉଲ୍ଲାସ ନୁହେଁ, ବରଂ ଏକ ସୁସ୍ଥ ଓ ସୁନ୍ଦର ଜୀବନଚର୍ଯ୍ୟାର ମହାନ ଉପାଦାନ। ନୂତନର ପ୍ରକୃତ ଅର୍ଥ ହେଲା ବିଗତକୁ ସମ୍ପୂର୍ଣ୍ଣ ଭାବେ ପରିତ୍ୟାଗ କରି ଜୀବନର ଏକ ନୂଆ ପର୍ଯ୍ୟାୟକୁ ଉନ୍ମେଷ କରିବା। ବିଗତ ବର୍ଷ, ଦିନ ଓ ମୁହୂର୍ତ୍ତର ନକାରାତ୍ମକ ଭାବନାକୁ ତ୍ୟାଗ କରିବା ମଧ୍ୟରେ ହିଁ ନୂତନତାର ସ୍ପର୍ଶ ରହିଛି। ଗ୍ଲାନି, ଅବସାଦ, ଦୁଃଖ, ବିଷାଦ ଓ ମାନ-ଅଭିମାନ ପରି ନକାରାତ୍ମକ ଚିନ୍ତାଧାରାକୁ ପରିତ୍ୟାଗ କରିବା ଏହାର ମୁଖ୍ୟ ଲକ୍ଷ୍ୟ। ଯେପରି ନୂତନ ବସ୍ତ୍ର ପରିଧାନ କଲା ପରେ ଅନାବଶ୍ୟକ ପୁରୁଣା ବସ୍ତ୍ରକୁ ସାଇତି ନ ରଖି ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରାଯାଏ, ଏଠାରେ ସେହି 'ପରିତ୍ୟାଗ'ର ବିଶେଷ ମର୍ମ ରହିଛି।

'ଗତସ୍ୟ ଶୋଚନମ୍ ନାସ୍ତି'। ଜ୍ଞାନୀମାନେ ଅତୀତକୁ ନେଇ ଅନୁଶୋଚନା କରନ୍ତି ନାହିଁ। ଶ୍ରୀମଦ୍ ଭଗବଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି: 'ଅଶୋଚ୍ୟାନ୍ୟନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ। ଗତାସୂନଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ?' ଅର୍ଥାତ୍ ଯେଉଁ ପୁରୁଣା ସ୍ମୃତି ଆମକୁ କଷ୍ଟ ଦେଉଛି, ତା'କୁ ପୂର୍ଣ୍ଣାହୁତି ଦେଇ ବିଷାଦର ଅନୁଭୂତିକୁ ଅନ୍ତ କରି ଆଗକୁ ବଢ଼ିବା ହିଁ ଶ୍ରେଷ୍ଠ ବୌଦ୍ଧିକ ବିଚାର। ନୂତନତାର ଆଉ ଏକ ଅଙ୍ଗ ହେଲା ପ୍ରତିଟି ମୁହୂର୍ତ୍ତକୁ 'ବର୍ତ୍ତମାନ' ସହ ସଂଯୋଗ କରିବା। ପ୍ରତିଟି ବର୍ତ୍ତମାନରେ ନବୀନତା ଉପଲବ୍ଧି କରିବା ଏବଂ ତାକୁ ଚିରସ୍ଥାୟୀ କରିବାର ପ୍ରୟାସ କରିବା। ଅତୀତର ଅନୁଭୂତି ନିଶ୍ଚିତ ଭାବେ ସ୍ମରଣୀୟ ଏବଂ ଶିକ୍ଷଣୀୟ, କିନ୍ତୁ ଅତୀତରେ ବୁଡ଼ି ରହିବା ଅର୍ଥ ହେଉଛି ବର୍ତ୍ତମାନର ନୂତନତାକୁ ଅଣଦେଖା କରିବା। ଆମେ ପ୍ରତି ମୁହୂର୍ତ୍ତକୁ ବର୍ତ୍ତମାନରେ ସଜେଇ ପାରିବା ଏବଂ ବର୍ତ୍ତମାନ ସହ ସଦା ସଂଶ୍ଳିଷ୍ଟ ହୋଇ ରହିପାରିବା।

ପୁଣି ନୂତନର ଅନ୍ୟ ଏକ ଅର୍ଥ ହେଉଛି ଜୀବନର ପ୍ରତି ମୁହୂର୍ତ୍ତକୁ ଏକ ସକାରାତ୍ମକ ଭାବରେ ପରିପୋଷିତ କରିବା। ସକାରାତ୍ମକ ଭାବର ଉନ୍ମେଷରେ ହିଁ ପ୍ରତିଟି ମୁହୂର୍ତ୍ତ ନୂତନ ହୋଇପାରିବ। ଆମ ପାଇଁ ବିଗତ ସମୟ ସୁଖ-ଦୁଃଖର ଏକ ମିଶ୍ରିତ ଅନୁଭୂତି। ଇତିହାସର ପୃଷ୍ଠାରେ ଏହି କାଳଖଣ୍ଡ ଏକ ସ୍ମୃତି ହୋଇ ରହିଯିବ। ଆମ ଜୀବନ, ଜୀବିକା, ସମାଜ ଓ ସଂସ୍କୃତିରେ ଅନେକ ପରିବର୍ତ୍ତନ ଆସିଛି, ଯେଉଁଥିରେ କିଛି ମଧୁସ୍ମୃତି ଅଛି ତ କିଛି ବିଷାଦ। ତେବେ ମଧୁସ୍ମୃତିରେ ଅତ୍ୟଧିକ ହଜିଗଲେ ନୂତନତା ହଜିଯିବାର ଭୟ ଥାଏ; ତେଣୁ ସେହି ସ୍ମୃତିକୁ କେବଳ ପ୍ରେରଣା ଭାବେ ଗ୍ରହଣ କରି ବର୍ତ୍ତମାନକୁ ସକାରାତ୍ମକତାରେ ଭରିବାକୁ ହେବ। ବିଷାଦପୂର୍ଣ୍ଣ ସ୍ମୃତି ମନରେ ଭୟ ଓ ଅସହାୟତା ଆଣିଥାଏ ସତ, କିନ୍ତୁ ସକାରାତ୍ମକ ଦୃଷ୍ଟିକୋଣ ହିଁ ଏହାର ଏକମାତ୍ର ପ୍ରତିଷେଧକ।

'ଚରୈବେତି' ସମୟ ପରି ଆମ ସୁଖ-ଦୁଃଖର ମିଶ୍ରଣରେ ଜୀବନଯାତ୍ରା ଏକ ନିରନ୍ତର ଚକ୍ର। ଦୁଃଖ ସମୟରେ ମଧ୍ୟ ମନରେ ସକାରାତ୍ମକ ଭାବ ଆଣିବାକୁ ହେବ। ଗୀତାର ବ୍ୟାଖ୍ୟା ଅନୁସାରେ, ବିଷାଦ ଭିତରୁ ହିଁ ଜୀବନ ଦର୍ଶନର ଉତ୍ପତ୍ତି ହୋଇଥାଏ। ଅର୍ଜୁନଙ୍କ ବିଷାଦରୁ ହିଁ ଗୀତାର ଅମୃତ ବାଣୀ ସୃଷ୍ଟି ହୋଇଥିଲା। ନକାରାତ୍ମକ ବିଷାଦରୁ ଅର୍ଜୁନ ସକାରାତ୍ମକ 'ପ୍ରସାଦ'ରେ ରୂପାନ୍ତରିତ ହୋଇଥିଲେ। ସମାଜରେ ବ୍ୟାପିଥିବା ଦୁଃଖକୁ ଆମେ ଅର୍ଜୁନଙ୍କ ବିଷାଦ ସଦୃଶ ଗ୍ରହଣ କରି ତା'କୁ ସକାରାତ୍ମକ ଭାବନାରେ ପରିଣତ କରିପାରିବା। ସେହି ସକାରାତ୍ମକ ଭାବ ନେଇ ନୂତନ ବର୍ଷକୁ ଅଭିନନ୍ଦନ କଲେ ଜଗତବାସୀଙ୍କ ହୃଦୟ ସଦା ନୂତନତ୍ୱରେ ଉଜ୍ଜୀବିତ ରହିପାରିବ।

ଚେନ୍ନାଇ, ମୋ: ୯୮୮୪୧୪୪୯୮୧

## ଦୁଃସାହସିକ ଅଭିସାର: କବି ଖଗେଶ୍ୱର

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ଆମେ ସିନା ବାଗଦେବୀ ମା' ସରସ୍ୱତୀଙ୍କ ସୁଗଠିତ କଳେବର ନିର୍ମାଣ କରି ପୂଜା ମଣ୍ଡପରେ ପ୍ରତିଷ୍ଠା କରୁ। ତେଣେ ଦେବୀସତ୍ତା ଯେ କେତେବେଳେ କି ରୂପରେ କେଉଁଠିକୁ ଅବତରଣ କରି ଆସନ୍ତି ସେଇ ରହସ୍ୟ ଭେଦ କରିବାକୁ କିଏ ଅବା ସମର୍ଥ! ବରଗଡ଼ ଜିଲ୍ଲାର ସରସରା ଗ୍ରାମକୁ ଦିନେ ଓହ୍ଲାଇ ଆସନ୍ତି ଅଶିକ୍ଷିତ ଖଗେଶ୍ୱର ଶେଠ ନାଁ ଧାରଣ କରି। କିସ ପୁଣି ଦେଖା ନଯାଏ ବଂଚିଥିଲେ ଜୀବରେ! କବିର ରୂପ ହୋଇପାରେ ଏତେ ସାଧାରଣ! ମୁଖମଣ୍ଡଳରେ କେତେ ଧୂକା-ଗରଡ଼ିର ଚିହ୍ନ। ଅପରିଚିତ ମୂଲିଆ ବେଶ। ଖଟିଖିଆ। ଦୁଃସ୍ଥ। ଜମିରେ ହଳ କରନ୍ତି, ଜଙ୍ଗଲରୁ କାଠ ହାଣି ମୁଣ୍ଡରେ ବୋହି ହାଟକୁ ଯାଆନ୍ତି ବିକିବାକୁ, ଲିଆ ମୂଢ଼ି ଭାଜି ବିକ୍ରି କରନ୍ତି। ପାଠ ଶାଠ କିଛି ନାହିଁ। ସେ ପୁଣି ଲେଖନ୍ତି କାବ୍ୟ କବିତା! ଭଞ୍ଜୀୟଶୈଳୀରୁ ଆରମ୍ଭ କରି ଗଙ୍ଗାଧରୀୟ ଶୈଳୀ - ସବୁଥିରେ ନିପୁଣ! ଲୋକଭାଷାରେ ଲେଖନ୍ତି 'ପଏର୍ଚ୍ଛା ସତୀ' ପରି କାବ୍ୟ! ତାଙ୍କରି ହାତରେ କଲମ ଧରି ଯିଏ ଲେଖି ଚାଲୁଛନ୍ତି ସେ ତ ଗଙ୍ଗାଧରଙ୍କ 'ତପସ୍ୱିନୀ'ରେ ବର୍ଣ୍ଣିତା 'ଜ୍ୟୋତିର୍ମୟୀ'। ପୃଥିବୀରେ ନୂତନ ଆଲୋକ ବିକିରଣ ପାଇଁ ତାଙ୍କର ଏଇ ଧରାବତରଣ। ବହୁ ଶ୍ରେଷ୍ଠ ସମାଲୋଚକ ତାଙ୍କୁ ଗଙ୍ଗାଧରଙ୍କ ଦ୍ୱିତୀୟ ଅବତାର ବୋଲି ବର୍ଣ୍ଣନା କରିଛନ୍ତି। କିନ୍ତୁ ଖଗେଶ୍ୱର ନିଜେ ନିଜର ସ୍ୱତନ୍ତ୍ର ପରିଚୟ।

ଭାଷା, ବିଷୟ, ଛନ୍ଦ ଅନ୍ତରାଳରେ ପ୍ରବାହିତ ହେଉଥାଏ କବିପ୍ରତିଭାର ଯେଉଁ ନିଜସ୍ୱ ନିଃଶ୍ୱାସ ତାହାକୁ ଶୁଣିବାକୁ ହେଲେ ତାଙ୍କ ଛାତି ପାଖରେ କାନ ଲଗାଇ ରଖିବାକୁ ହେବ। 'ସମାଜ', 'ସୁରଙ୍ଗୀ', 'ବିଷାଦ ନିଶା', 'କାନନ ଯାତ୍ରା', 'ଚଉତିଶା ଚନ୍ଦ୍ରକଳା', 'ଚଇତ-ଅମାସ୍ୟା' ପ୍ରଭୃତି ଅନେକ କାବ୍ୟ କବିତାର ସ୍ରଷ୍ଟା ସେ। ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଏକଦା ତାଙ୍କର ଗ୍ରନ୍ଥାବଳୀ ପ୍ରକାଶ କରିବାରୁ ଲୋକଲୋଚନକୁ ସେ ଆସିପାରିଥିଲେ। କବି ସମାଜର ନିମ୍ନବର୍ଗରେ ଥିଲେ ବି କାବ୍ୟ କବିତା ସାର୍ବଜନୀନ ହେବାରେ ହିଁ ସାର୍ଥକ ହୁଏ ବୋଲି ବର୍ଣ୍ଣନା କରନ୍ତି। ଗଙ୍ଗାଧରଙ୍କୁ ସ୍ମରଣ କରିବାକୁ ଯାଇ ଲେଖିଛନ୍ତି 'ତାହା ସିନା କାବ୍ୟ ଥାଏ ଯହିଁ ସାର୍ବଜନୀନ ଉପାଦେୟତା।'

ତାଙ୍କୁ ଯେଉଁ ଜୀବନ ପ୍ରାପ୍ତ ହୋଇଛି, ସେଥିରେ ତାଙ୍କର ନାହିଁ ଅଭିମାନ, ଅଭିଯୋଗ, ଅସନ୍ତୋଷ। ବରଂ ସମଗ୍ର ମାନବ ସମାଜର ହିତ ଚିନ୍ତନରେ ସେ ଭାବାବିଷ୍ଟ। ଏକ ସୁସ୍ଥ, ସୁନ୍ଦର, ସାମଞ୍ଜସ୍ୟଯୁକ୍ତ ସମାଜ ପାଇଁ ତାଙ୍କ ଦିଗଦର୍ଶନ ଏକାନ୍ତ ବାସ୍ତବବାଦୀ। ସମାଜରେ ଜାତି, ଧର୍ମ, ବର୍ଣ୍ଣର ଭେଦଭାବ ବିଷୟରେ ପ୍ରଶ୍ନ ପଚାରିବାର ସାହସିକତା ସେ ପ୍ରଦର୍ଶନ କରିଛନ୍ତି। ଏପରିକି ନବାବିବାହିତା ସୁକନ୍ୟା ପ୍ରତି ବି ସେ ଉଚ୍ଚାରଣ କରନ୍ତି ଉପଦେଶାତ୍ମକ ବାଣୀ। କାହାକୁ ସୁଦ୍ଧା ନ୍ୟୂନ ଦୃଷ୍ଟିରେ ନ ଦେଖିବା ପାଇଁ ସେ ଦିଅନ୍ତି ପରାମର୍ଶ। ଏକ ନିଶାମୁକ୍ତ ସମାଜ ନିର୍ମାଣ ପାଇଁ ପ୍ରକାଶିତ ହୋଇଛି ତାଙ୍କର ଉଦ୍‌ବେଗ। ଯେଉଁମାନେ ଗଣତନ୍ତ୍ର ନାମରେ ଭୋଟ ଭିକ୍ଷା କରନ୍ତି, ଅଥଚ କ୍ଷମତାର ଅଧିକାରୀ ହେବା ପରେ ଗଣବିରୋଧୀର ଭୂମିକାରେ ହୁଅନ୍ତି ଅବତୀର୍ଣ୍ଣ, ସେମାନଙ୍କ ପ୍ରତି ତୀକ୍ଷଣ ବକ୍ଷଭେଦୀ ବର୍ଚ୍ଛା ନିକ୍ଷେପ କରିଛନ୍ତି ସେ।

କାବ୍ୟ କବିତା ରଚନା ତାଙ୍କର କେବଳ ଚିତ୍ତବିନୋଦନ ନଥିଲା। କିମ୍ବା ନିଜସ୍ୱ ପ୍ରତିଭା ପ୍ରଦର୍ଶନ ପାଇଁ ସେ କେବଳ ଉତ୍ସୁକ ନଥିଲେ। ସାହିତ୍ୟ ଥିଲା ତାଙ୍କ ପାଇଁ ସମାଜ ପୁନର୍ଗଠନର ଆୟୁଧ। ଆତ୍ମଶୋଧନର ସତମାର୍ଗ। ପ୍ରକୃତରେ ସେ ଥିଲେ ପରମାରାଧ୍ୟା ବୀଣାପାଣିଙ୍କ ଏକ ସଚେତନ, ଶକ୍ତିଶାଳୀ, ସୁନିର୍ମିତ ଏକ ସଂଯନ୍ତ୍ର। ଯେତେବେଳେ ସିଧାସଳଖ ସରସ୍ୱତୀ କବି କଣ୍ଠରେ ବା କବିର କଲମରେ ଅଭିବ୍ୟକ୍ତ ହୋଇଉଠନ୍ତି ସେତେବେଳେ ନିର୍ଭୟରେ କବି ଲେଖନୀ ଚାଳନା କରନ୍ତି।

କବି ଖଗେଶ୍ୱର ଶେଠ ଜନ୍ମ ନେଲେ ସିନା ଗୋଟିଏ ଗ୍ରାମରେ। କିନ୍ତୁ ତାଙ୍କ ମନଟି ଥିଲା ପକ୍ଷୀ ପରି। ଲୋକଚରିତ୍ରକୁ ନିକଟରୁ ନିରୀକ୍ଷଣ କରିବାର ପାଇଛନ୍ତି ଦୁର୍ଲଭ ସୁଯୋଗ। ଯେତିକି ଆନ୍ତରିକତାର ସହ ଢେଙ୍କିରେ ଧାନ କୁଟୁଥିଲେ, ମମତାମଗ୍ନ ହୋଇ ଭାଜୁଥିଲେ ମୂଢ଼ି, ସେତିକି ଧ୍ୟାନର ସହ ସହ ଲେଖୁଥିଲେ କବିତା। ଜଙ୍ଗଲ ଭିତରେ ବୁଲୁଥିବା ବେଳେ ଆପଣା ଛାଏଁ ମନକୁ ଆସିଯାଏ ଗୋଟିଏ ପରେ ଗୋଟିଏ ପଦ। ଘରକୁ ଫେରିଲେ କଲମ ଧରିବା ମାତ୍ରକେ ସ୍ୱତଃସ୍ଫୂର୍ତ୍ତ ଭାବରେ କାଗଜ ଉପରକୁ ଉତୁରି ଆସେ ସବୁ ପଦ ନିଖୁଣ ରୂପ ପରିଗ୍ରହ କରି।

ଶବ୍ଦ ସବୁ ଦେଖି କବି ଯେତିକି ଚମତ୍କୃତ, ଶବ୍ଦମାନେ କବିଙ୍କୁ ଦେଖି ତା'ଠାରୁ ଅଧିକ କୃତାର୍ଥ। ସେ କକ୍ଷମୁକ୍ତ; କିନ୍ତୁ ଲକ୍ଷ୍ୟଚ୍ୟୁତ ନୁହନ୍ତି। ସେ ଅମଡ଼ା ବାଟର ଯାତ୍ରୀ। ମାତ୍ର ଆତ୍ମଅନ୍ୱେଷଣ ଆଉ ସାମାଜିକ ପରିବର୍ତ୍ତନ ତାଙ୍କ ଜୀବନ ଓ ପ୍ରତିଭାର ଉଦ୍ଦେଶ୍ୟ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ: ବିଜେଡି

ଭୁବନେଶ୍ୱର,୩୧।୧୨(ସମିସ): ଗତ ୧୮ ମାସର ବିଜେପି ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ସହିତ ଓଡ଼ିଶା ସାରା ଦେଶରେ ନିନ୍ଦିତ ଓ ଲଜ୍ଜିତ ହୋଇଛି। ବିଶେଷକରି ୧୮ ମାସରେ ୪୦,୯୪୭ଟି ମହିଳାଙ୍କ ବିରୋଧରେ ଅପରାଧ ମାମଲା ରୁଜୁ ହୋଇଛି। ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟାରେ ଏହି ଅବଧିରେ ଅହେତୁକ ବୃଦ୍ଧି ପାଇଛି ବୋଲି ବିଜେଡି ତଥ୍ୟ ସହ ସରକାରଙ୍କୁ ତୀବ୍ର ସମାଲୋଚନା କରିଛି।



ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ଦଳର ଜାତୀୟ ମୁଖପାତ୍ର ଡ. ସସ୍ମିତ ପାତ୍ର ଓ ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଆଇନଶୃଙ୍ଖଳା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତାର ଲମ୍ବା ତାଲିକା ଉପସ୍ଥାପନ କରିଛନ୍ତି। ଡ. ସସ୍ମିତ ପାତ୍ର କହିଛନ୍ତି ଯେ ଜୁନ ୨୦୨୪ରେ ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରେ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ଦ୍ୱାରା ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାର ମୂଳଦୁଆ ପଡିଥିଲା। ପୁରୀ ସ୍ଥିତରାଜ୍ୟପାଳଙ୍କ ବାସଭବନ ଭିତରେ ଜଣେ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିବା ସହିତ ଜୋତାରେ ଛେପ ପକାଇ ତାଙ୍କୁ ଚାଟିବାକୁ ବାଧ କରାଯାଇଥିଲା। ଏହି ନିନ୍ଦନୀୟ ଘଟଣାକୁ ରାଜ୍ୟ ବିଜେପି ସରକାର ଚାପି ଦେଇଥିଲେ। ସେହିପରି ବିଜେପି କର୍ମୀମାନଙ୍କ ଦ୍ୱାରା ବିଏମସି କମିସନରଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାଟି ମଧ୍ୟ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ନ୍ୟାୟ ପ୍ରଦାନ କରିବାରେ ବିଜେପି ସରକାରଙ୍କ ଟାଳଟୁଳ ନୀତି ଯୋଗୁଁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅଧିକ ବିପର୍ଯ୍ୟସ୍ତ ହୋଇ ଚାଲିଛି । ଗତ ୧୮ ମାସରେ

- ୧୮ ମାସରେ ୪୦,୯୪୭ଟି ମହିଳା ବିରୋଧୀ ଅପରାଧ
- ରାଜ୍ୟର ଅଭିବୃଦ୍ଧି ହ୍ରାସ କରିଛି ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା
- ୧୮ ମାସରେ ସରକାର ବାତିଲ କରିଛନ୍ତି ୨୦ଟି ପରୀକ୍ଷା

ରାଜ୍ୟରେ ୪୦,୯୪୭ଟି ମହିଳା ନିର୍ଯାତନା ମାମଲା ରୁଜୁ ହୋଇଛି। ଏହି ସଂଖ୍ୟାରୁ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ଦର୍ଶାଉଛି । ଗୋପାଳପୁର ଗଣଦୁଷ୍କର୍ମ, ରାଉରକେଲାରେ ନାବାଳିକା ଗଣଦୁଷ୍କର୍ମ ଓ ହତ୍ୟା ମାମଲା, ବାଲିହରଚଣ୍ଡୀ ଗଣଦୁଷ୍କର୍ମ, ଧଉଳି ଗଣଦୁଷ୍କର୍ମ ସବୁ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚିତ ହୋଇ ଓଡ଼ିଶା ପାଇଁ ଲଜ୍ୟା ଓ ନିନ୍ଦା ଆଣିଛି । ଅପରାଧ କ୍ଷେତ୍ରରେ ଓଡ଼ିଶା ଦେଶର ଅଷ୍ଟମ ଅପରାଧ ପ୍ରବଣ ରାଜ୍ୟ ଭାବେ ଚିହ୍ନିତ ହୋଇଛି। ଅନ୍ୟପକ୍ଷରେ ଗୁରୁ ଖଣିଜ ସମ୍ପଦରୁ ରାଜ୍ୟକୁ ମିଳୁଥିବା ରାଜସ୍ୱ ଯଥାକ୍ରମେ ୫୦,୦୦୦ କୋଟିରୁ ୩୪,୦୦୦ କୋଟିକୁ ଖସିଆସିଛି । ଲଘୁ ଖଣିଜ ସମ୍ପଦରୁ ମିଳୁଥିବା ରାଜସ୍ୱ ୧୪୮୫ କୋଟିରୁ ୬୦୦ କୋଟିକୁ ହ୍ରାସ ପାଇଛି। ଗତ ୧୮ ମାସରେ ୨୦ଟି ପରୀକ୍ଷାକୁ ରାଜ୍ୟ ସରକାର ବାତିଲ କରିବାକୁ ବାଧ ହୋଇଛନ୍ତି। ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ ହୋଇଥିବା ଦୁର୍ନୀତିକୁ ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ରାଜ୍ୟ ସରକାର ଏହାର ତଦନ୍ତ ଦାୟିତ୍ୱ ସିବିଆଇ ହାତରେ ଦେବା ପାଇଁ ବାଧ ହୋଇଥିଲେ। ରାଜ୍ୟର ଗୃହ ମନ୍ତ୍ରାଳୟର ଦାୟିତ୍ୱ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ହାତରେ ରହିଛି, କିନ୍ତୁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଠିକ୍ ରଖିବାରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି।

ଡ. ଲେନିନ ମହାନ୍ତି କହିଛନ୍ତି ଯେ ଗତ ଏକ ବର୍ଷଟି ଗଣଦୁଷ୍କର୍ମର ବର୍ଷ ହୋଇଛି। ରାଜ୍ୟର ପର୍ଯ୍ୟଟନସ୍ଥଳୀ ଗୁଡିକ ମହିଳାମାନଙ୍କ ପାଇଁ ସୁରକ୍ଷିତ ନୁହେଁ ବୋଲି ଅନୁଭବ ହେଉଛି। ଏଥିଯୋଗୁଁ ରାଜ୍ୟର ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟାରେ ଅହେତୁକ ହ୍ରାସ ପାଇଛି। ସେହିପରି ବିଗତ ବର୍ଷଟି ମଧ୍ୟ ଦଙ୍ଗାର ବର୍ଷ ହୋଇଛି। ରାଜ୍ୟ ସରକାରଙ୍କ ବିବାଦୀୟ ନିଷ୍ପତ୍ତି ଯୋଗୁଁ କଟକ ଭଳି ଭାଇଚାରାର ସହରରେ ଦଙ୍ଗାର ଅଲୋଡ଼ା କୀର୍ତ୍ତିମାନ ସ୍ଥାପିତ ହୋଇଛି। ଆଶା କରିବା ଇଂରାଜୀ ନୂତନ ବର୍ଷ ଠାରୁ ରାଜ୍ୟରେ ଶାନ୍ତି ଫେରି ଆସୁ, ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସୁ, ରାଜ୍ୟବାସୀ ନିଜକୁ ସୁରକ୍ଷିତ ମଣନ୍ତୁ ବୋଲି ଡ. ମହାନ୍ତି ଦାବି କରିଛନ୍ତି।

# କଲବଲ କରିବ ଘନ କୁହୁଡ଼ି

ଭୁବନେଶ୍ୱର,୩୧।୧୨(ସମିସ): ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି କଲବଲ କରିବ। ଏହି ସମୟରେ ଅନେକ ସ୍ଥାନରେ ଅତି ଘନ କୁହୁଡ଼ି ପାଇଁ ପାଗ ଅନୁକୂଳ ରହିଛି। ତେଣୁ କିଛି ଅଞ୍ଚଳରେ ଦୃଶ୍ୟମାନ କ୍ଷମତା ଅହେତୁକ ଭାବେ ହ୍ରାସ ପାଇବ। ଏଥିପାଇଁ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ କୁହୁଡ଼ି ଜନିତ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି ହୋଇଥିବା ବେଳେ ଗାଡ଼ି ଚାଳନା ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।

ଉପଗ୍ରହରୁ ମିଳୁଥିବା ସୂଚନା ଅନୁଯାୟୀ, ଉପକୂଳ ତଥା ଉତ୍ତର ଓଡ଼ିଶାର ଅନେକ ସ୍ଥାନ ସହ ଦକ୍ଷିଣ ଓଡ଼ିଶାର କିଛି କିଛି ସ୍ଥାନରେ ବୁଧବାର ଘନ କୁହୁଡ଼ି ଅନୁଭୂତ ହୋଇଛି। ଏହା ପ୍ରଭାବରେ ଏହି ଅଞ୍ଚଳଗୁଡ଼ିକରେ ଦୃଶ୍ୟମାନ କ୍ଷମତା ୨୦୦ ମିଟରରୁ କମକୁ ଖସି ଆସିଛି। ଅନ୍ୟପଟେ ଏହି ଘନକୁହୁଡ଼ିର ପ୍ରଭାବରେ ଉତ୍ତର ଓଡିଶା ସମେତ ପାର୍ଶ୍ୱବର୍ତ୍ତୀ ଜିଲ୍ଲାଗୁଡିକରେ ଦିନ ତାପମାତ୍ରାରେ ଦୁଇ ଦିନ ହେବ ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ହୋଇଥିବା ପରିଲକ୍ଷିତ ହୋଇଛି। ଉତ୍ତର ଓଡ଼ିଶାର ଦିନ ତାପମାତ୍ରା ସ୍ୱାଭାବିକ ଠାରୁ ୬ ରୁ ୭ ଡିଗ୍ରୀ କମ ରହୁଥିବାରୁ ଦିନ ସମୟରେ ଅଧିକ ଥଣ୍ଡା ଅନୁଭୂତ ହେଉଛି। ବୁଧବାର ଭୁବନେଶ୍ୱରରେ ମଧ୍ୟ ଦିନ ପ୍ରାୟ ୧୧ ଟା ପର୍ଯ୍ୟନ୍ତ ଏପରି ସ୍ଥିତି ଲାଗି ରହିବା କାରଣରୁ ସକାଳୁ ପ୍ରବଳ ଶୀତ ଅନୁଭୂତ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ଜଗତସିଂହପୁର, ପୁରୀ ଓ କେନ୍ଦ୍ରାପଡ଼ାରେ ଅତି ଘନ କୁହୁଡ଼ି ଆଶଙ୍କା ରହିଛି। ତେଣୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଗଜପତି, ଗଞ୍ଜାମ, କଟକ, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ, କନ୍ଧମାଳ, ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଭଦ୍ରକ, ଅନୁଗୁଳ ଓ କଳାହାଣ୍ଡିରେ ଘନ କୁହୁଡ଼ି ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରାଯାଇଛି।

ବର୍ତ୍ତମାନ ଉତ୍ତର ପାକିସ୍ତାନ ଏବଂ ପାର୍ଶ୍ୱବର୍ତ୍ତୀ ଆଫଗାନିସ୍ତାନ ଅଞ୍ଚଳରେ ବାୟୁମଣ୍ଡଳର ନିମ୍ନ ଭାଗରେ ପଶ୍ଚିମାଞ୍ଚଳ ଏକ ଘୂର୍ଣ୍ଣିବଳୟ ରୂପରେ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟରେ ୨ ତାରିଖରୁ ଶୀତର ପ୍ରଭାବ କମିବା ସହ ୧ ଏବଂ ୨ ତାରିଖରେ ରାଜ୍ୟ ଉପରେ ବାଦଲ ଆଚ୍ଛାଦନ ବୃଦ୍ଧି ସମ୍ଭାବନା ରହିଛି। ଅନ୍ୟପଟେ ପୂର୍ବାପେକ୍ଷା ତାପମାତ୍ରାରେ ବୃଦ୍ଧି ଘଟିଥିଲେ ମଧ୍ୟରେ ବୁଧବାର ରାଜ୍ୟର ୧୭ ସହରରେ

- ଦୁଇ ଦିନ କୋହଲା ପାଗ ଆଶଙ୍କା
- ତାପମାତ୍ରା ବଢ଼ିବ; କମିବନି ଶୀତ

ତାପମାତ୍ରା ୧୦ ଡିଗ୍ରୀ ତଳେ ରେକର୍ଡ ହୋଇଛି। ୫.୬ ଡିଗ୍ରୀ ସହ ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଫୁଲବାଣୀ ୬.୨, ଖାରସୁଗୁଡ଼ା ୬.୩, ଦାରିଙ୍ଗବାଡି ୭, ରାଉରକେଲା ଏବଂ ହେମିଲିଗୁଡ଼ା ୭.୧, ନବରଙ୍ଗପୁର ୭.୮, କିରେଇ ୮, ସୁନ୍ଦରଗଡ଼ ୮.୨, କୋରାପୁଟ ୮.୩, କେନ୍ଦୁଝର ୮.୮, ସୋନପୁର ୯.୪, ଭବାନୀପାଟଣା ୯.୫, ବୌଦ୍ଧ ୯.୮, ଟିଟିଲାଗଡ଼ ୯.୯, ବାରିପଦା ଓ ବାଲେଶ୍ୱରରେ ପାରଦ ୧୦ ଡିଗ୍ରୀକୁ ଖସିଛି। ପାଣିପାଗ କେନ୍ଦ୍ର କହିଛି, ଆସନ୍ତା ୪ ଦିନ ମଧ୍ୟରେ ରାଜ୍ୟରେ ଅହ୍ଲରି ୩-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି।

## ଭିଜିଲାନ୍ସର ବାର୍ଷିକ ରିପୋର୍ଟ

# ବର୍ଷକରେ ବନ୍ଧା ହୋଇଛନ୍ତି ୨୧୨ ସରକାରୀ ବାବୁ

ଭୁବନେଶ୍ୱର,୩୧।୧୨ (ସମିସ):: ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ)ର ବାର୍ଷିକ ରିପୋର୍ଟ ପ୍ରକାଶ ପାଇଛି। ଦୁର୍ନୀତି ବିରୋଧରେ ଧରପଗଡ଼ ଜାରି ରହିଥିବା ବେଳେ ଦୁର୍ନୀତିଖୋରଙ୍କୁ ଚିହ୍ନଟ ଠାରୁ ଆରମ୍ଭ କରି ଦଣ୍ଡବିଧାନ ପର୍ଯ୍ୟନ୍ତ ଗୁରୁତ୍ୱ ଦେଉଛି ବିଭାଗ। ଚଳିତବର୍ଷ ୨୦୨ ମାମଲାରେ ୨୧୨ ସରକାରୀ ବାବୁ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସେଥିରେ ଜଣେ ଆଇଏଏସ୍, ୫୩ ପ୍ରଥମ ଶ୍ରେଣୀ ଅଧିକାରୀ, ୩୬ ଇଞ୍ଜିନିୟର, ପଞ୍ଚାୟତିରାଜ ବିଭାଗର ୨୨, ୧୭ ପୁଲିସ ଅଧିକାରୀ, ୫ ଡାକ୍ତର, ବନ ବିଭାଗର ୧୭ ଓ ୬ ଜଣ ତହସିଲଦାରଙ୍କ ସମେତ ରାଜସ୍ୱ ବିଭାଗର ୨୦ କର୍ମଚାରୀ ରହିଛନ୍ତି। ୯୭ଟି ଲାଞ୍ଚ ମାମଲାରେ ୧୦୫ ସରକାରୀ ଅଧିକାରୀଙ୍କ ସମେତ ୧୧୪ ଜଣଙ୍କୁ ଗିରଫ କରିଥିବା ବେଳେ ୪୯ ଟି ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ୧୨୦ କୋଟି ଟଙ୍କାର ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ। ସମୁଦାୟ ୨୫୩ ପ୍ଲଟ, ୧୫୩ଟି କୋଠା, ୧୮ କିଲୋ ସୁନା, ୧୨ ଫାର୍ମ ହାଉସ, ୩୬ କୋଟି ୬୧ ଲକ୍ଷ ବ୍ୟାଙ୍କ ଜମା ସହ ୮ କୋଟି ୮୧ ଲକ୍ଷ ଟଙ୍କା ଜବତ କରିଛି। ସେହିପରି ଭିଜିଲାନ୍ସ ଫଣ୍ଡେଡ ୱିଙ୍ଗ ୮୧ଟି ସ୍ଥାନରେ ମିଳିତ ଚଢ଼ଉ କରି ପ୍ରାୟ ୪କୋଟି ଟଙ୍କା ମୂଲ୍ୟର ଚିମ୍ନିର, ମେସିନାରୀ ଓ ଗାଡ଼ି ଜବତ କରିଛି। ଗ୍ରାମ୍ୟ ନିର୍ମାଣ ବିଭାଗର ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ଠାରୁ ସର୍ବାଧିକ ୨.୫୬ କୋଟି, ମାଲକାନଗିରି ଡେପୁଟି ଡାଇରେକ୍ଟର ତଥା ପ୍ରୋଜେକ୍ଟ ଡାଇରେକ୍ଟର ଶାନ୍ତନୁ ମହାପାତ୍ରଙ୍କ ଘରୁ ୨.୮ କୋଟି, ଜୟପୁର ଡେପୁଟି ରେଞ୍ଜର ୧.୪୩ କୋଟି, ବାରଙ୍ଗ ଅତିରିକ୍ତ ତହସିଲଦାର ଜିତେନ୍ଦ୍ର କୁମାର ପଣ୍ଡାଙ୍କ ଘରୁ ୭୩.୭୬ ଲକ୍ଷ ଓ ତତ୍କାଳୀନ ଧର୍ମଗଡ଼ ଉପ ଜିଲ୍ଲାପାଳ ତଥା ଆଇଏଏସ୍ ଧୀମାନ ଚକମାଙ୍କ ଠାରୁ ୫୭ ଲକ୍ଷ ଟଙ୍କା ଜବତ ହୋଇଥିଲା। କେବଳ ସରକାରୀ ଅଧିକାରୀ ନୁହଁନ୍ତି,

- ୩୬ ବାବୁଆଣୀଙ୍କ ନାଁରେ ବି ମାମଲା
- ୧୫୩ଟି କୋଠା, ୧୮ କିଲୋ ସୁନା, ୨୫୪ ପ୍ଲଟ୍ ଓ ୮ କୋଟି ଟଙ୍କା ଠାବ
- ୨୦୮ ମାମଲାରେ ସଜା; ୫୦ ଜଣଙ୍କ ପେନସନ ବନ୍ଦ

ବାବୁଆଣୀ ମଧ୍ୟ ଭିଜିଲାନ୍ସ ମାମଲାରେ ଫସିଛନ୍ତି। ୩୬ ଜଣ ସରକାରୀ ଅଧିକାରୀଙ୍କ ପତ୍ନୀଙ୍କ ନାମରେ ସହ-ଅଭିଯୁକ୍ତ ଭାବେ ମାମଲା ରୁଜୁ କରାଯାଇଛି। ଦୁର୍ନୀତିଖୋର୍ ସରକାରୀ ବାବୁଙ୍କର ମୋଟ୍ ୧୧୯ଟି ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରାଯାଇଥିବା ବେଳେ ତଦନ୍ତ ସାରିବାରେ ସର୍ବକାଳୀନ ରେକର୍ଡ଼ ଭାଙ୍ଗିଛି। ମୋଟ ୪୭୯ ମାମଲାର ତଦନ୍ତ ସାରି ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି ଭିଜିଲାନ୍ସ। ସେଥିରେ ୧୫୫ଟି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରହିଛି। ଚଳିତବର୍ଷ ୧୦୮ଟି ମାମଲାରେ ୧୩୮ଜଣ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବା ସହ ଦଣ୍ଡିତ ହୋଇଛନ୍ତି। ସେଥିରେ ୨୦ ଜଣ ପ୍ରଥମ ଶ୍ରେଣୀ ଅଧିକାରୀ, ୨୩ ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ, ୭୪ ଜଣ ତୃତୀୟ ଶ୍ରେଣୀ ଅଧିକାରୀ, ୨ ଜଣ ଚତୁର୍ଥ ଶ୍ରେଣୀ ଅଧିକାରୀ, ୫ ସରକାରୀ କର୍ମଚାରୀ ଓ ୧୫ ଜଣ ବେସରକାରୀ ଅଭିଯୁକ୍ତ ରହିଛନ୍ତି। ଦଣ୍ଡିତ ହେବାପରେ ୧୪ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ବେଳେ ୫୦ ଜଣ ଅବସରପ୍ରାପ୍ତ ସରକାରୀ ବାବୁଙ୍କ ପେନସନ ବନ୍ଦ ହୋଇଛି।

## ସାନ୍ତାଳୀ ସମ୍ବାଦ ପତ୍ରିକା 'ଫାଗୁନ୍'ର ସମ୍ପାଦିକା ମାଳତୀ ମୁର୍ମୁଙ୍କ ପରଲୋକ

ବାରିପଦା/କୁଳିଅଣା,୩୧।୧୨(ସମିସ): ଅଲଚିକି ଲିପି, ସାନ୍ତାଳୀ ଭାଷା ସାହିତ୍ୟର ବରିଷ୍ଠ ପ୍ରଚାରକ, ମିସନ ଅଲଚିକିର ଦୃଢ଼ ସଂଗଠକ ମାସିକ ସାନ୍ତାଳୀ ସମ୍ବାଦ ପତ୍ରିକା 'ଫାଗୁନ୍'ର ସମ୍ପାଦିକା ମାଳତୀ ମୁର୍ମୁଙ୍କ ମଙ୍ଗଳବାର ରାତିରେ ଭୁବନେଶ୍ୱର ୟୁନିଟ୍ ୬ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କ ସ୍ୱାମୀ ବିଶିଷ୍ଟ ସାନ୍ତାଳୀ ସାହିତ୍ୟିକ ମାଙ୍ଗାତ୍ ମୁର୍ମୁ ଓ ତାଙ୍କର ଦୁଇ ଝିଅ ଉପସ୍ଥିତ ଥିଲେ। ବୁଧବାର ମୟୂରଭଞ୍ଜ ଜିଲ୍ଲାସ୍ଥିତ ନିଜ ଗ୍ରାମ ଚାନ୍ଦୁଆଠାରେ ତାଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ରାଇରଙ୍ଗପୁରଠାରେ ଅନୁଷ୍ଠିତ ହୋଇଥିବା ଅଲଚିକି ଲିପିର ଶତବାର୍ଷିକ ଏବଂ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀରେ



ସେହିଭଳି ରାଷ୍ଟ୍ରପତି ମୁଖ୍ୟଅତିଥି ଥିବା ଅଖିଳ ଭାରତୀୟ ସାନ୍ତାଳୀ ଲେଖକ ସଂଘ ଦ୍ୱାରା ଆୟୋଜିତ ଅଲଚିକି ଲିପିର ଶତବାର୍ଷିକ ପାଳନ ଉତ୍ସବରେ ସାନ୍ତାଳୀ ଭାଷାରେ ଜୀବନ ବ୍ୟାପି ଅବଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା। ତାଙ୍କର ଶେଷ ଦର୍ଶନ ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ଦେହାନ୍ତ ଖବର ପାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଃଖ ପ୍ରକାଶ କରିଛନ୍ତି। ତାଙ୍କ ଦ୍ୱାରା ସମ୍ପାଦିତ 'ଫାଗୁନ୍' ପତ୍ରିକା ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମରେ ପ୍ରକାଶ ପାଉଥିଲା। ବୁଧବାର ତାଙ୍କ ମରଶରୀର କୁଳିଅଣା ଅଣାଯାଇଥିଲା। ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପୁଷ୍ପଗୁଚ୍ଛ ଦେଇ ଚାନ୍ଦୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର ମୁର୍ମୁଙ୍କ ସମେତ ବାବାଙ୍ଗ ହିଁସଦା ସମେତ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଶେଷ ଦର୍ଶନ କରିଥିଲେ। ବିଭିନ୍ନ ବର୍ଗର ଲୋକେ ଶୋକାକୁଳ ପରିବେଶରେ ତାଙ୍କର ଶେଷଦର୍ଶନ କରିଥିଲେ।

## ଅବଶିଷ୍ଟାଂଶ...

### ପିୟୁସିସି କଟକଣା...

ପିୟୁସିସି କରିଛନ୍ତି, ସେମାନେ ଏହି ଷ୍ଟିକର ନେଇପାରିବେ ବୋଲି ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ଏହି କଟକଣା ଭିତରେ ଜାଲ୍ ପିୟୁସି ସାର୍ଟିଫିକେଟ୍ ଭଳି ଅନିୟମିତତା ମଧ୍ୟ ସାମନାକୁ ଆସିଛି। ଏହି ଘଟଣା ସାମନାକୁ ଆସିବା ପରେ ୪୭ଟି ଏପିଟି ସେଣ୍ଟର ଲାଇସେନ୍ସ ବାତିଲ କରାଯାଇଛି। ନୂଆ ସେଣ୍ଟର ପାଇଁ ଆବେଦନ ଆସିଲେ ୨୪ ଘଣ୍ଟାରେ ଅନୁମୋଦନ ମିଳିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପିୟୁସିସି ପାଇଁ ସାରା ରାଜ୍ୟରେ ଲୋକଙ୍କ ପ୍ରବଳ ଭିଡ଼ ଲାଗିଛି। ଅଳ୍ପ ସମୟ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବି ବଢ଼ି ଚାଲିଛି।

### ଆର୍ଥିକ ଚାପ...

ବକେୟା ସୀମା ଅଧିକ ରହିଛି। ଏହା ପରିଶୋଧ କରିବା ପାଇଁ ଅଧିକ ଋଣର ଆବଶ୍ୟକତା ରହିଛି। ଏହା ବ୍ୟତୀତ ହରିୟାଣା ସରକାରଙ୍କୁ ମଧ୍ୟ ଋଣ ପରିଶୋଧ ପାଇଁ ଅଧିକ ଋଣ ନେବାକୁ ପଡ଼ିବ।

ମହାରାଷ୍ଟ୍ରର ବାର୍ଷିକ ଆୟ ୫.୬୩ ଲକ୍ଷ କୋଟି ଥିବାବେଳେ ୧୧.୫୦ ପ୍ରତିଶତ ରିଆଟି ଏବଂ ପ୍ରିଭିକରେ ଯାଉଛି। ୫-୫.୪୦ ପ୍ରତିଶତ ଦରମା, ଭତ୍ତା ଏବଂ ସୁଧରେ, ଋଣ ସୁବିଧାରେ ୧୦.୨୦ ପ୍ରତିଶତ ଯାଉଥିବାବେଳେ ୩୧.୪୦ ପ୍ରତିଶତ ରାଶି ବଳକା ରହୁଛି। ସେହିପରି ରାଜସ୍ଥାନର ବାର୍ଷିକ ଆୟ ୨.୯୪ ଲକ୍ଷ କୋଟି ଟଙ୍କା ରହିଛି। ଏଥିରୁ ୯.୯୦ % ରିଆଟି-ପ୍ରିଭିକ, ୫୩.୫୦% ଦରମା, ଭତ୍ତା ଏବଂ ସୁଧ, ୫୩.୪୦% ଋଣ ପରିଶୋଧରେ ଯାଉଥିବାବେଳେ କୌଣସି ଅର୍ଥ ବଳକା ରହୁନାହିଁ। ଏବଂ ବିଳମ୍ବକୁ ୧୬.୭୦ % ରହିଛି। ହରିୟାଣାର ଆୟ ୧.୩୩ ଲକ୍ଷ କୋଟି ଥିବାବେଳେ ରିଆଟିରେ ୨୧%, ଦରମା ଆଦିରେ ୫୬.୨୦%, ଋଣ ପରିଶୋଧରେ ୫୩.୧୦% ଗଲା ପରେ ସଞ୍ଚୟ ବିଯୁକ୍ତ ୩୦.୨୦% ରହିଛି। ପଞ୍ଜାବର ଆୟ ୧.୧୨ ଲକ୍ଷ କୋଟି ରହିଛି। ମାତ୍ର ରିଆଟି, ମାଗଣା ଯୋଜନାରେ ୨୦%, ଦରମା ଆଦିରେ ୭୩,୨୦%, ଋଣ ପରିଶୋଧରେ ୭୯.୭୦ ପ୍ରତିଶତ ଯିବା ପରେ ସଞ୍ଚୟ ବିଯୁକ୍ତ ୭୨.୭୦ ପ୍ରତିଶତ ଅଛି। ଏହା ବ୍ୟତୀତ ବିହାରର ବାର୍ଷିକ ଆୟ ୨.୬୧ ଲକ୍ଷ କୋଟି ଥିବାବେଳେ ମାଗଣା ଘୋଷଣା ଆଦିରେ ୧୦.୫୦%, ଦରମା ରାଶିରେ ୪୨.୩୦ %, ଋଣ ପରିଶୋଧରେ ୮.୭୦ ଯାଇ ୩୧.୪୦ ପ୍ରତିଶତ ରାଶି ସଞ୍ଚୟ ହେଉଛି।

ମଧ୍ୟପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ବିହାର ଭଳି ରାଜ୍ୟରେ ଋଣ ଜିଡିପି ତୁଳନାରେ ଏକ ତୃତୀୟାଂଶ କିମ୍ବା ଅଧିକ ରହିଛି। ଏଭଳି ସ୍ଥିତିରେ ଆଗାମୀ ଦିନରେ ଋଣ ପରିଶୋଧ ପାଇଁ ରାଜ୍ୟଗୁଡ଼ିକ ଉପରେ ଚାପ ବଢ଼ିବ। ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ପୂରଣ ପାଇଁ ବିହାର ସରକାରଙ୍କ ପୁଞ୍ଜି ବ୍ୟୟ ୨୫ ଗୁଣ ବଢ଼ିପାରେ। ଏହା ଦ୍ୱାରା ରାଜ୍ୟ ଦେବାଳିଆ ହୋଇଯିବ। ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଆଦି ବଡ଼ ରାଜ୍ୟରେ ବିକାଶ ପାଇଁ ବହୁତ କମ ରାଶି ବଳୁଛି। ରାଜସ୍ଥାନ ସମେତ ଅନେକ ରାଜ୍ୟରେ ୪୫ ଗିଗାୱାଟର ସୌର, ପବନ ଶକ୍ତି କେନ୍ଦ୍ର ଅଟକି ରହିଛି। କାରଣ ସରକାର ବିଦ୍ୟୁତ କ୍ରୟ ପାଇଁ ଚୁକ୍ତି ସ୍ୱାକ୍ଷର କରିପାରୁ ନାହାନ୍ତି।

ପଶ୍ଚିମବଙ୍ଗରେ ଆୟର ୨୧.୨% ସୁଧ ପରିଶୋଧ କରିବାରେ ଖର୍ଚ୍ଚ ହେଉଛି। ଏଠାରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ୧୮.୭ ପ୍ରତିଶତ ବଜେଟ ରହିଛି। ରାଜସ୍ଥାନରେ ବ୍ୟୟ ବହୁଥିବାରୁ ସ୍ୱାସ୍ଥ୍ୟ ବଜେଟ ଉପରେ ଖର୍ଚ୍ଚ ସ୍ଥିର ରହିଛି। ମଧ୍ୟପ୍ରଦେଶରେ ଲାଡଲି ବହନା ଭଳି ଯୋଜନା ପାଇଁ ଋଣ ନେଇ ବୋଝ ବଢ଼ିବାରେ ଲାଗିଛି। କର୍ଣ୍ଣାଟକରେ ଗ୍ୟାରେଣ୍ଟି ଯୋଜନା ପାଇଁ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଋଣ ଅଧିକ ନିଆଯାଇଛି। କୁନ୍ନରେ ମହାରାଷ୍ଟ୍ରରେ ୯୦୩ ପ୍ରକଳ୍ପର ମଞ୍ଜୁରି ରଦ୍ଦ କରିଦିଆଯାଇଛି। ଏଥିରୁ ଅଧିକାଂଶ ଜଳସେଚନ ଏବଂ ବନ୍ଧ ନିର୍ମାଣ ସହ ଜଡ଼ିତ ଥିଲା। ଯଦି ପୁରୁଣା ସରକାର କରିଥିବା ଯୋଜନା ବନ୍ଦ ନ କରାଯାଏ ତେବେ ନୂଆ ଯୋଜନା ପାଇଁ ଅଧିକ ବୋଝ ବଢ଼ିବ ବୋଲି ବିଶେଷଜ୍ଞମାନେ କହୁଛନ୍ତି। କିନ୍ତୁ ପୁରୁଣା ଯୋଜନା ବନ୍ଦ ହୋଇଗଲେ ଲୋକେ କ୍ଷୁବ୍ଧ ହୋଇଯିବେ ବୋଲି ସରକାର ଭୟ କରୁଛନ୍ତି। ଆସାମ ଏବେକାର ସରକାର ଏଥିରୁ ବର୍ଷିବା ଲାଗି ପୂର୍ବ ସରକାରଙ୍କ ଯୋଜନା ବନ୍ଦ କରିଦେଇଥିଲେ। ଅନ୍ୟ ସରକାରମାନେ ଏଭଳି କଲେ ସାମାନ୍ୟ ଆଶ୍ୱସ୍ତି ମିଳିପାରେ।

### ଇ-କେୱାଇସି ଅବଧି...

ନିଜ ଇ-କେୱାଇସି କରିସାରିଛନ୍ତି। ଆହୁରି ୧୩ ଲକ୍ଷ ୪୨ ହଜାର ୪୫୩ ଜଣଙ୍କ ଏହି ପ୍ରକ୍ରିୟା ବାକି ରହିଛି ବୋଲି ଗତ କିଛି ଦିନ ତଳେ ବିଭାଗ ପକ୍ଷରୁ କୁହାଯାଇଥିଲା। ରାଜ୍ୟ ବାହାରେ ରହୁଥିବା ୧ଲକ୍ଷ ୪୫ହଜାର ୪୪୬ ଜଣଙ୍କ ଇ-କେୱାଇସି କରାଯାଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧ଲକ୍ଷ ୪୨ହଜାର ୩୫୭ ଜଣ, କଳାହାଣ୍ଡି ୭୧ ହଜାର, ବଲାଙ୍ଗିର ୬୮ ହଜାର, ବାଲେଶ୍ୱର ୬୪ ହଜାର, ମୟୂରଭଞ୍ଜ ୬୧ ହଜାର, ପୁରୀ ୬୨ ହଜାର, ଯାଜପୁରରେ ୬୦ ହଜାର ଲୋକ ଏହି ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି। ଦେବଗଡ଼ ଜିଲ୍ଲାରେ ସର୍ବନିମ୍ନ ୬୪୫୩ ଜଣଙ୍କ ଇ-କେୱାଇସି ହୋଇନଥିବା ଜଣାପଡ଼ିଛି।

### ଦୁଇଟି 'ପ୍ରଳୟ'ର...

ଏହି ପରୀକ୍ଷଣ ମିଶନର ସମସ୍ତ ଉଦ୍ଦେଶ୍ୟ ପୂରଣ ହୋଇଛି ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣକେନ୍ଦ୍ର (ଆଇଟିଆର) ପକ୍ଷରୁ ନିୟୋଜିତ ବିଭିନ୍ନ ଟ୍ରାକିଂ ସେନ୍ସର ଦ୍ୱାରା ପ୍ରାପ୍ତ ପରୀକ୍ଷଣ ତଥ୍ୟ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ଅବସ୍ଥିତ ଜାହାଜରେ ନିୟୋଜିତ ଉପକରଣରୁ ତଥ୍ୟ ବିଶ୍ଳେଷଣରୁ ଏହା ପ୍ରମାଣିତ ହୋଇଥିବା କୁହାଯାଉଛି। ଏହି କ୍ଷେପଣାସ୍ତ୍ର କଠିନ ପ୍ରୋପେଲାଣ୍ଟ ରକେଟ୍ ମୋଟର ସହିତ ଚାଳିତ ଏବଂ ଏଥିରେ ଅନେକ ନୂତନ ଟେକ୍ନୋଲୋଜି ରହିଛି। ପ୍ରାୟ ୫୦୦ରୁ ଏକ ହଜାର କିଲୋଗ୍ରାମର ଯୁଦ୍ଧାସ୍ତ୍ର ଧାରଣ କରି ଏହା ୩୫୦-୫୦୦ କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟକୁ ଲକ୍ଷ୍ୟଭେଦ କରିପାରିବ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରଳୟର ସଫଳ ପରୀକ୍ଷଣ ପାଇଁ ଡିଆରଡିଓ, ଭାରତୀୟ ବାୟୁସେନା ଓ ସ୍ଥଳସେନା, ପ୍ରତିରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଅନ୍ୟ ସହଯୋଗୀ ସଂସ୍ଥାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ବିଭାଗ ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ଡ. ସମୀର ଭି କାମତ ବୈଜ୍ଞାନିକଙ୍କ ସମେତ ସଫଳ ପରୀକ୍ଷଣରେ ଜଡିତ ସମସ୍ତ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଶ୍ରୀମନ୍ଦିର କ୍ୟାଲେଣ୍ଡରରେ...

କେମିତି? ନା ମନ୍ଦିର ପ୍ରଶାସନ କାହାକୁ ନ ପଚାରି କାହାର ମତାମତ ନ ନେଇ ମନଇଚ୍ଛା ଏହାକୁ ଛାପିଛି? ଗତ ୨୮ ତାରିଖରେ ଭୁବନେଶ୍ୱରରେ ଖୋଦ୍ ମୁଖ୍ୟମନ୍ତ୍ରୀ ଏହି କ୍ୟାଲେଣ୍ଡର ଲୋକାର୍ପଣ କରିଥିଲେ। ସେଠାରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ଉନ୍ମୋଚନ ପରେ କ'ଣ କାହାରି ନଜରରେ ଏହି ତ୍ରୁଟି ଆସିନ ଥିଲା? ଏମିତି ଅନେକ ପ୍ରଶ୍ନ ଏବେ ଭକ୍ତଙ୍କ ମନରେ ଉଙ୍କି ମାରୁଛି। ଅନ୍ୟପକ୍ଷରେ ଏଭଳି ତ୍ରୁଟିକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। 'ଏହ ବର୍ଷ ତଳର ଏହା ଜଣେ ଚିତ୍ରକରଙ୍କର କଳାକୃତି। ଏହି ତାଳପତ୍ରରେ ଅଙ୍କିତ ଫଟୋ ଚିତ୍ରକୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରୁ ସଂଗ୍ରହ କରାଯାଇ ଇଂରାଜୀ ନବବର୍ଷ କ୍ୟାଲେଣ୍ଡରରେ ସ୍ଥାନିତ କରାଯାଇଛି। କିନ୍ତୁ ଏହା ସାମ୍ପ୍ରତିକ ସ୍ଥିତି ନୁହେଁ। ମହାସେବେକରେ ଜଣେ ଚିତ୍ରଶିଳ୍ପୀର ଚିତ୍ରକଳା ଥିଲା। ଜଗନ୍ନାଥପ୍ରେମୀ ଭୁଲ୍ ବୁଝିବେ ନାହିଁ ବୋଲି ଆଶା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ କ୍ଷମା ପ୍ରାର୍ଥନା ସହ କ୍ୟାଲେଣ୍ଡର୍ ଗୁଡିକର ବିକ୍ରି ସ୍ଥଗିତ ରଖିବା ଲାଗି ମୁଖ୍ୟ ପ୍ରଶାସକ ଘୋଷଣା କରିଛନ୍ତି।' ତେବେ ଏଠାରେ ପ୍ରଶ୍ନଉଠୁଛି ପୁରୁଣା ଚିତ୍ରକଳାକୁ ସ୍ଥାନ ଦେବାବେଳେ କେହି କ'ଣ ଦେଖୁ ନ ଥିଲେ? ତା' ହେଲେ ମହାପ୍ରଭୁଙ୍କ କାମରେ ଏତେ ଖାମଖିଆଲି କ'ଣ ପାଇଁ ବୋଲି ପ୍ରଶ୍ନ ଉଠିଛି। ଯଦି ଠାକୁରଙ୍କ ସମ୍ମାନ ପାଇଁ ଏସବୁ ନଷ୍ଟ କରାଯାଇ ନୂତନ ଛପା ଯାଏ ତେବେ ଏ ବାବଦ ଆର୍ଥିକ କ୍ଷତି କାହାଠାରୁ ଭରଣା ହେବ? ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିକୃତ କରିଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କି' କାର୍ଯ୍ୟାନୁଷ୍ଠାନ ହେବ? ଏ ସବୁର ପର୍ଯ୍ୟାଲୋଚନା ପାଇଁ ଜଗନ୍ନାଥଙ୍କ ନାମର ଦୁହାଇ ଦେଇ ଆସିଥିବା ସରକାର ତୁରନ୍ତ ଏହାର ଉପଯୁକ୍ତ ତଦନ୍ତ କରି ଯେଉଁମାନଙ୍କ ଦାୟିତ୍ୱହୀନତା ପାଇଁ ଆଜି ଏଭଳି ତ୍ରୁଟି ହୋଇଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଜଗନ୍ନାଥପ୍ରେମୀ ଭକ୍ତ ଓ ସେବାୟତ ଦାବି କରିଛନ୍ତି।

### ଗ୍ୟାରେଜରେ ୨ ଯୁବକଙ୍କୁ...

ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ଦଉଡି, ପାଣି ବୋତଲ, ହାତୁଡି ଜବତ କରିଛି। ଅନ୍ୟପକ୍ଷରେ ୨ ମୃତଦେହକୁ ପୁଲିସ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଯଦିଓ ହତ୍ୟାକାଣ୍ଡର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ତଥାପି ଏହା ପଛରେ କୌଣସି ଅନୈତିକ କାର୍ଯ୍ୟକଳାପ ବା ଚୋରା କାରବାର ରହିଥିବା ସନ୍ଦେହ କରାଯାଉଛି। ହତ୍ୟାକାଣ୍ଡର ଶିକାର ହୋଇଥିବା ଦୁଇ ଯୁବକଙ୍କ ମଧ୍ୟରୁ ଜଣଙ୍କ ଘର ସ୍ଥାନୀୟ ଅଞ୍ଚଳରେ ହୋଇଥିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ସେଠାରେ ଉତ୍ତ୍ୟକ୍ତ ପରିବାର ଲୋକଙ୍କୁ ବୁଝାସୁଝା କରିବା ସହ ପରିସ୍ଥିତି ନିୟନ୍ତ୍ରଣ କରିଛି। ଏଥି ସହ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଜାରି ରହିଛି। ବର୍ଷ ଶେଷରେ ଏଭଳି ହତ୍ୟାକାଣ୍ଡ ଘଟିବା ଉଭୟ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି।


**AFFIDAVIT**

I, Aswini Rekha Sahu, aged about 34 years, W/o- Samir Kumar Senapati, resident of At/Po- Gangaram Nuasahi, Ps- Kumbharapada, Dist- Puri, Odisha, PIN- 752001, Odisha declared by this affidavit No. 2655, dtd- 31/12/2025 that now onwards I shall be known as **ASWINI SENAPATI** for all future purposes.

**AFFIDAVIT**

By virtue of an affidavit sworn before Notary Public **Bhubaneswar**, on dated **30.12.2025**, I **Mamina Sethi** resident **At/Po-Amrutamanohi, Sub Dist-Pattamundai, Dist-Kendrapara, Odisha, Pin-754218**, declare that I have changed the name of my Daughter from **Priya Darshinji Sethi** to **Priya Priyadarsini Sethi**. Henceforth, He shall be known as **Priya Priyadarsini** Sethi for all purposes.

**AFFIDAVIT**

By virtue of an affidavit sworn before Notary public **Bhubaneswar** on dated **30.12.2025**, I **Minu Sethi** resident of **At/Po-Amrutamanohi, Dist-Kendrapara, Odisha, Pin-754218** declare that I have changed my name from **Minu Malik** to **Minu Sethi**. Henceforth, I shall be known as **MINU SETHI** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide no 1135, dated 30.12.2025 I, GIRIJA MAJHI, W/o - Asamana Majhi , Residences of Village - Sindhigaon, Po- Sindhigaon, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed the name of my Daughter from HINDU MAJHI to INDU MAJHI. Henceforth, She shall be known as **INDU MAJHI** for all purposes.

Sd/- Girija Majhi

**AFFIDAVIT**

By virtue of an affidavit before the Notary Public, Sambalpur, I, Sagarika Rath, W/o- Prakash Chandra Dash, resident of At - Laxminarayan Pur, Po – Mahajan Pur, Ps- Jagatpur, Dist- Cuttack, Pin – 754200 declare by this affidavit No – 22125, Dtd – 31/12/2025 that now onwards I shall be know as **Sagarika Dash** for all future purposes.

**NAME CORRECTION NOTICE**

I, GHANASHYAM HEMBRAM, S/O Late Phagu Hembram, resident of Village-Bahalda, P.O.- Bahalda, P.S.- Bahalda, Dist.- Mayurbhanj, hereby declare that my name is wrongly mentioned as GHANSHYAM HEMBRAM in my Aadhaar Card (No. 4600 1142 5409). Both names refer to one and the same person. I have applied for correction of my name to GHANASHYAM HEMBRAM.

GHANASHYAM HEMBRAM

n-222

**OFFICE OF THE HEADMISTRESS,**
KASTURABA GANDHI BALIKA VIDYALAYA, PURUNAKATAK
At/Po- Purunakatak, Dist-Boudh, Pin-762013

Letter No. 27/25 — Dated 30.12.2025

**TENDER CALL NOTICE**

Sealed tenders are invited from the registered / reputed firms who having valid PAN, GST registration for supply of consumable items (Grocery) to Kasturaba Gandhi Balika Vidyalaya, Purunakatak Dist- Boudh (Odisha). Bids should be submitted in the envelope duly marked on the top "**Tender supply of Grocery items for Purunakatak KGBV**" Office of the Headmistress, KGBV Purunakatak Post- Purunakatak Block- Boudh, Dist: -Boudh, Pin- 762013 during office hours by 5.00 pm of Dt. **27.01.2026** through Speed Post /Registry Post/ Courier only. No other mode of submission should be accepted. The bid document shall be opened at 11.00AM on Dtd. **28.01.2026** in the office of the Headmistress, KGBV Purunakatak/District Project Coordinator, Samagra Shiksha, Boudh in the presence of the bidders or their authorized representatives and KGBV Procurement Committee. The terms and conditions for the tender can be downloaded from the official website **http://www.osepa.odisha.gov.in** and **www.boudh.nic.in.**

By the Order of DEO-cum-DPC
Headmistress
KGBV, Purunakatak

OIPR-

C-1942

ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି

**OFFICE OF THE MUNICIPAL COUNCIL PARALAKHEMUNDI GAJAPATI**

Phone No.: 06815-222052 E-Mail: parala.mply@gmail.com

Letter No.4603 — Date 30.12.2025

**QUOTATION CALL NOTICE**

Sealed quotations are invited from agency having relevant certificates and past experience for the work "Ward level wall painting on IEC activities relating to sanitation theme for wide awareness of ward habitants". The tender paper will be available on payment of Rs.3000/- (Rupees Three Thousand) only (which is non refundable) in shape of Demand Draft in any Nationalized Bank payable at Paralakhemundi in favour of Executive Officer, Paralakhemundi Municipality or payment of cash. The prescribed bid documents & related terms conditions can be downloaded from www.gajapati.odisha.gov.in or purchased from office from dated 01.01.2026. The Quotations with double cover must comprise with technical bid & the Financial bid. The quotations should reach this office on or before 09.01.2026 by 01.00 PM through Speed Post / Register Post only and the technical bid will be opened on 12.01.2026 at 11.00 AM and financial bid will be open on 16.01.2026 at 11.00 A.M. in presence of the agency or their authorized representative if any.

Quotation incomplete in any respect / received after due date & time will be summarily rejected. The undersigned reserves the right to accept or reject any or all quotations without assigning any reason thereof.

Executive Officer
Paralakhemundi Municipality

OIPR-

**ଧାନ କିଣାରେ ଅନିୟମିତତା**

# କୃଷକ ସଂଘ ପକ୍ଷରୁ ୩ ଅଧିକାରୀଙ୍କ ନାମରେ ଏତଲା

କଲ୍ୟାଣସିଂହପୁର, ୩୧।୧୨(ସମିସ)






ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର କୃଷକ ସଂଘ ପକ୍ଷରୁ ତିନି ଅଧିକାରୀଙ୍କ ନାମରେ ଥାନାରେ ଧାନ କିଣାରେ ଲୁଣ୍ଠନ ଅଭିଯୋଗ କରିଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ସନ୍ଧ୍ୟାରେ କୃଷକ ସଂଘର ସଭାପତି ଶ୍ରୀନିବାସ ଚୌଧୁରୀଙ୍କ ନେତୃତ୍ୱରେ ବ୍ଲକର କିଛି କୃଷକ ଏକତ୍ରିତ ହୋଇ ରାୟଗଡ଼ା ସିଏସଓ ଦାସରଥି ସୁରେନ, ଆରଏମ୍‌ସି ବସନ୍ତ କୁମାର ପାଳ, ଲ୍ୟାମ୍ପ୍‌ସ ପରିଚାଳକ ତାରିଣୀ ପ୍ରସାଦ ତ୍ରିପାଠୀ ତିନିଜଣ ମିଶି ଧାନ କିଣାରେ ଲୁଣ୍ଠନ କରୁଥିବା ଅଭିଯୋଗରେ ଥାନାରେ ଲିଖିତ ଦେଇଛନ୍ତି। ଉକ୍ତ ପତ୍ରକୁ ଥାନା ଅଧିକାରୀ ନୀଳକଣ୍ଠ ବେହେରାଙ୍କ ଅନୁପସ୍ଥିତରେ ଏସ୍‌ଆଇ ହେମନ୍ତ କୁମାର ବରିହାଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ପତ୍ରରେ ମଣ୍ଡିରେ ଚାଷୀଙ୍କୁ ଯୋଗାଣ ବିଭାଗ ତରଫରୁ ଅଖାବସ୍ତା ପ୍ରଦାନ କରିବାକୁ ନିୟମ ରହିଥିଲେ ହେଁ ଚାଷୀଙ୍କୁ ଅଖାବସ୍ତା ପ୍ରଦାନ କରାଯାଉନାହିଁ। ଚାଷୀଙ୍କ ଠାରୁ ୧୦୦ କିଲୋଗ୍ରାମ ବା ଏକ କ୍ୱିଣ୍ଟାଲକୁ ୨୩୬୯ ଟଙ୍କା ଥିବା ବେଳେ ଏକ କ୍ୱିଣ୍ଟାଲ ଦୁଇ କିଲୋର ଧାନ ଗ୍ରହଣ କରୁଛନ୍ତି। ସରକାରୀ ନିୟମ ରହିଛି ଯେ ଧାନ ବିକ୍ରୟର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଜମା ଖାତାକୁ ଟଙ୍କା ପୈଠ ହେବ। କିନ୍ତୁ ଧାନ ବିକ୍ରୟର ଏକ ସପ୍ତାହ ପରେ ମଧ୍ୟ ଟଙ୍କା ଜମା କରୁନାହାନ୍ତି। ସିଏସଓ ଦାଶରଥି ସୋରେନ୍ ଓ ଲ୍ୟାମ୍ପ୍‌ସ ପରିଚାଳକ ତାରିଣୀ ପ୍ରସାଦ ତ୍ରିପାଠୀ ମିଳିତରେ ଚାଷୀଙ୍କୁ ଟୋକନ୍ ପ୍ରଦାନ କରିବାରେ ବିଳମ୍ବ କରି ମିଲରଙ୍କ ଦଲାଲ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଟୋକନ ପ୍ରଦାନ କରାଯାଉଛି ବୋଲି ଏକ ଅଭିଯୋଗ ପ୍ରଦାନ କରିଛନ୍ତି। ନୂତନ ଧାନ ନିରୀକ୍ଷଣ ବିଦ୍ୟୁତ୍ ଚାଳିତ ଯନ୍ତ୍ରରେ ୫ଭାଗ ଚଳୁ କରିଛନ୍ତି। ଫଳରେ ଯେତେ ଭଲ ଧାନ ପକାଇଲେ ବି ତାହା ୬ଭାଗ ଦେଖାଯାଉଛି। ଏହି ୬ଭାଗ ଧାନକୁ ଅସାଧାରଣ ଭାବେ ଘୋଷଣା କରାଉଛି। ଗୋଟିଏ ଦିନରେ ୫ହଜାର କ୍ୱିଣ୍ଟାଲ ଧାନ କିଣିବା ସରକାରୀ ନିୟମ ଆସିଥିବା ବେଳେ କ୍ୱିଣ୍ଟାଲର ଧାନ କିଣି ଅନ୍ୟ ୨ କ୍ୱିଣ୍ଟାଲ ଧାନର ମିଲରଙ୍କ ସହ ସଲାସୁତୁରା ହେଉଥିବା ଚାଷୀ ଅଭିଯୋଗ କରୁଛନ୍ତି। ସେହି ସମୟରେ ସଭାପତି ଶ୍ରୀନିବାସ ଚୌଧୁରୀ, ଉପସଭାପତି ଯୋଗେନ୍ଦ୍ର ୱାଡକା, ଗୋପୀନାଥ ପେରିସିକା, ପ୍ରଶାନ୍ତ କୌଶଲ୍ୟା, କୁମାର ସ୍ୱାମୀ କୌଶଲ୍ୟା, ଗୁଡୁଲା ପ୍ରସାଦ ରାଓ, ଅଜିତ ପାଣିଗ୍ରାହୀ, ଚିନ୍ତାଲି ନାଗେଶ ରାଓ, ଗେଦାଲି ଶ୍ରୀନୁ, ନାଗ ଭୂଷଣ ତାଡିଙ୍ଗି, ମିନାକା ମୋହନ ରାଓ ପ୍ରମୁଖ ଉପସ୍ଥିତ ରହିଥିଲେ। ଏସମ୍ପର୍କରେ ଥାନା ଏସ୍‌ଆଇ ହେମନ୍ତ କୁମାର ବରିହାଙ୍କୁ ପଚାରିବାରୁ ସେ କହିଲେ ଅଭିଯୋଗର ତଦନ୍ତ କରାଯିବ। ଏ ବିଷୟରେ ସେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଛନ୍ତି। ସ୍ଥାନୀୟ ତହସିଲଦାର ଓ ଜିଲ୍ଲାପାଳଙ୍କୁ ଲିଖିତ ଦେବା ପାଇଁ ପରାମର୍ଶ ଦିଆଯାଇଛି।

## ନୂଆବର୍ଷ ୨୬ ପାଇଁ ହଜାର ହଜାର ଜୀବ ହତ୍ୟା



**କଲ୍ୟାଣସିଂହପୁର, ୩୧।୧୨(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ୨୦୨୫ ବର୍ଷକୁ ବିଦାୟ ଓ ୨୦୨୬ ନୂତନ ବର୍ଷକୁ ସ୍ୱାଗତ ନିମନ୍ତେ ହଜାର ହଜାର ଜୀବ ହତ୍ୟା କରାଯାଉଥିବା ଦେଖିବାକୁ ମିଳିଛି। ୨୦୨୫ ବର୍ଷର ଶେଷ ଦିନ ବୁଧବାର ପଡ଼ିଥିବାରୁ ମଙ୍ଗଳବାର ଦିନ ମାଝୀଗୁଡା ପଞ୍ଚାୟତରେ ହେଉଥିବା ସାପ୍ତାହିକ ହାଟ ବା ବଜାରରେ କୁକୁଡ଼ା, ଛେଳି, ମେଣ୍ଢା କିଣିବାକୁ ଲୋକଙ୍କ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଛି। କୁକୁଡ଼ା ଗୋଟାକ ୬ଶହ ଟଙ୍କାରୁ ଆରମ୍ଭ କରି ଦୁଇ ହଜାର ଟଙ୍କା ମଧ୍ୟରେ ବିକ୍ରି ହେଉଥିବା ବେଳେ ଛେଳି ଓ ମେଣ୍ଢା ଗୋଟାକ ୬ ହଜାର ଟଙ୍କାରୁ ଆରମ୍ଭ କରି ୧୫ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ଜଣାପଡ଼ିଛି। ୨୦୨୬ ନୂତନ ବର୍ଷଟି ଗୁରୁବାର ଦିନ ହେଉଥିବା ଯୋଗୁଁ ଆଜି ବୁଧବାର ଆମିଷ ଭୋଜି କରିବା ନିମନ୍ତେ ଦୋକାନରେ ଭିଡ଼ ପରିଲକ୍ଷିତ ହୋଇଛି। କିଛି ଲୋକ ଶୁକ୍ରବାର ଦିନ ଭୋଜି କରିବାର ଅଛି। ବୁଧବାର ୨୦୨୫ ବର୍ଷକୁ ବିଦାୟ ଅବସରରେ ଘରେ ଘରେ ଓ ସାଙ୍ଗ ସାଥିମେଳି ହୋଇ ଭୋଜି ଭାତ କରି ମଧ୍ୟରାତ୍ରିରେ ବାଣ ଫୁଟାଇ ନୂତନ ବର୍ଷ ୨୦୨୬କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଦୁଇଦିନ ଧରି ଆମିଷ ବଜାରରେ ଭିଡ଼ ଲାଗିରହିଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ଘର ଦାଣ୍ଡରେ ରଙ୍ଗବେରଙ୍ଗର ମୁରୁଜ ଝୋଟି ଚିତା ଦେଇ ୨୦୨୫କୁ ବିଦାୟ ଓ ୨୦୨୬କୁ ଧୁମ୍‌ଧାମରେ ସ୍ୱାଗତ କରାଯାଇଛି।

**● ଖବର ପ୍ରକାଶନ ପରେ ଚେତିଲା ପ୍ରଶାସନ**

## ଆରମ୍ଭ ହେଲା ତୁମ୍ବାପଦର ରାସ୍ତା କାମ

**କୁନ୍ଦୁରା, ୩୧।୧୨(ସମିସ):** କୁନ୍ଦୁରା ବ୍ଲକ ଅନ୍ତର୍ଗତ କେରମେଟି ପଞ୍ଚାୟତ ତୁମ୍ବାପଦର ଗୌଡ଼ ସାହି ଠାରୁ ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ଗାଁ ରାସ୍ତା ନିର୍ମାଣ ଚାଲିଛି। ଚେତିଲା ପ୍ରଶାସନ, ଗ୍ରାମବାସୀଙ୍କ ଦ୍ୱାରା ନିର୍ମାଣ ହୋଇଥିବା ରାସ୍ତାକୁ ପ୍ରଥମ ଥର ପାଇଁ



ମନରେଗାରେ ୧୮ ଲକ୍ଷରେ ଦୁଇଟି ପ୍ରକଳ୍ପ ମଞ୍ଜୁର ହୋଇ କାମ ଚାଲିଛି। ଆଜିକୁ ତିନି ସପ୍ତାହ ହେଲା ମନରେଗାରେ କାମ ଚାଲିଛି। ଗାଁ ଓ ଆଖପାଖ ଗାଁର ପୁରୁଷ ଓ ମହିଳା ଶ୍ରମିକ କାମରେ ନିୟୋଜିତ ଅଛନ୍ତି। ଗାଁ ଗଠନ ହେବାର ୬୦ ବର୍ଷରୁ ଅଧିକ ହେଲାଣି। କିନ୍ତୁ ରାସ୍ତାଟିଏ ପାଇଁ ପ୍ରଶାସନର ନଜର ପଡ଼ି ନଥିଲା। ପୂର୍ବପୁରୁଷ କାଳରୁ ଗାଁ ଠାରୁ ମୁଖ୍ୟ ରାସ୍ତାକୁ ବାହାରିବାକୁ ଥିବା ପାଦ ଚଲା ରାସ୍ତାକୁ ଆଜିକୁ ୯ ବର୍ଷ ହେଲା (୨୦୧୭) ମସିହାରୁ ଗାଁ ଲୋକ ଘର ପିଛା ପଇସା ଆଦାୟ କରି ଶ୍ରମଦାନ କରି ଆସୁଥିଲେ। ପାଦ ଚଲା ରାସ୍ତାକୁ ଓସାରିଆ ରାସ୍ତା ନିର୍ମାଣ କରିଥିଲେ। ପାହାଡ଼ିଆ ଅଞ୍ଚଳ ହୋଇ ଥିବାରୁ କିଛି ସ୍ଥାନରେ ବର୍ଷା ଦିନେ ଧୋଇହୋଇ ତିନି ଚାରି ଫୁଟର ଗାତ ହେଉଥିଲା। ଏଣୁ ଯାତାୟତ ସୁବିଧା ଦୃଷ୍ଟିରୁ ପ୍ରତିବର୍ଷ ଗାଁ ଲୋକେ ଦୁଇ, ତିନି ଦିନ ପାଇଁ ଶ୍ରମଦାନ କରି ଆସୁଥିଲେ। ଚଳିତ ବର୍ଷ ମଧ୍ୟ ଗତ ଅକ୍ଟୋବର ୨୪ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଗାଁର ପ୍ରାୟ ୩୫ ରୁ ଅଧିକ ଲୋକ ବାହାରି ମରାମତି କରିଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରସାରଣ ପରେ ଚେତିଲା ପ୍ରଶାସନ ପ୍ରଥମ ଥର ପାଇଁ ଏକ ନୂତନ ରାସ୍ତା ପ୍ରକଳ୍ପ ମଞ୍ଜୁର ହେଲା ଓ ବର୍ତ୍ତମାନ ରାସ୍ତା କାମ ଚାଲିଛି। ଏହି ଗାଁ ଠାରୁ ମୁଖ୍ୟ ରାସ୍ତାକୁ ଦୂରତା ଦେଢ଼ କିମି ରହିଛି ଓ ଏହା ଦ୍ୱାରା ଖରା ଦିନ ସୁବିଧାରେ ଯାତାୟାତ କରି ପାରୁଛନ୍ତି। ହେଲେ ବର୍ଷା ଦିନ ପୁଣି ପୂର୍ବ ଅବସ୍ଥାକୁ ଫେରି ଆସୁଛି ରାସ୍ତା। ଘାଟି ରାସ୍ତା ନିକଟରେ କଙ୍କ୍ରିଟ ଡ୍ରେନ ନିର୍ମାଣ ଏବଂ ମାଉଲୀ ଓ ବାଡନି ଯୋଡ଼ି ନାଳରେ ପୋଲ ନିର୍ମାଣ କରାନଗଲେ ବର୍ଷା ଦିନେ ଯାତାୟାତ ଠପ୍ ହୋଇଯିବ। ଏଣୁ ରାସ୍ତା ନିର୍ମାଣ ପାଇଁ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି ଓ କଙ୍କ୍ରିଟ ଡ୍ରେନ ଓ କଲଭର୍ଟ ନିର୍ମାଣ ପାଇଁ ନିବେଦନ କରିଛନ୍ତି ଗ୍ରାମବାସୀ। ଏ ନେଇ ପିଇଓ ରବୀନ୍ଦ୍ର ପୂଜାରୀଙ୍କୁ ପଚାରିବାରୁ ରାସ୍ତା ସମେତ ଦୁଇଟି କଲଭର୍ଟ ନିର୍ମାଣ ଓ ଜଙ୍ଗଲ ନିକଟରେ ପ୍ରଥମେ ମାଟି ଡ୍ରେନ ନିର୍ମାଣ କରାଯିବ। ଯାହାଫଳରେ ଆଉ ରାସ୍ତା ମଝିରେ ନାଳ ହେବନାହିଁ। ସେ ଗାଁ ପାଇଁ ରାସ୍ତା ସମସ୍ୟା ସବୁଦିନ ପାଇଁ ଦୂରହେବ ବୋଲି କହିଛନ୍ତି। ଏଡିଇଓ ସନ୍ତୋଷ କୁମାର ବେହେରା କହିଛନ୍ତି ବର୍ତ୍ତମାନ ମାଟି କାମ ଚାଲିଛି, ଆଗକୁ ମେଟାଲ, ମୋରମ ପଡ଼ିବ ଏବଂ ଆଉ ମାସେ ଭିତରେ କାମ ସମ୍ପୂର୍ଣ୍ଣ ହେବ।

## ରାତିରେ ବ୍ଲାଷ୍ଟିଂରେ ଥରୁଛି ଗାଁ, ହଜୁଛି ନିଦ





**ମୁନିଗୁଡ଼ା, ୩୧।୧୨(ସମିସ):** ମୁନିଗୁଡ଼ା ତହସିଲ ଅନ୍ତର୍ଗତ କନ୍ତରବାଲି(୧) କଳାପଥର କ୍ୱାରୀରେ ବେଆଇନ ପଥର ବ୍ଲାଷ୍ଟିଂ ଓ କାରବାର ହେଉଥିବା ଯୋଗୁଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ନିକଟସ୍ଥ କନ୍ତରାବାଲି ଗ୍ରାମବାସୀ। ଉକ୍ତ ପଥର କ୍ୱାରୀ ବନ୍ଦ କରିବା ପାଇଁ ଅଣ୍ଟା ଭିଡିଛନ୍ତି ମୁନିଗୁଡ଼ା ବ୍ଲକ କୁମୁଡାବାଲି ପଞ୍ଚାୟତ କନ୍ତରାବାଲି ଗ୍ରାମବାସୀ। ଗ୍ରାମର ଅଧିବାସୀମାନେ ଗ୍ରାମ ନିକଟରେ ହେଉଥିବା ବେଆଇନ କଳା ମୁଗୁନି ପଥର ଉତ୍ତୋଳନ ବନ୍ଦ କରିବା ପାଇଁ ମୁନିଗୁଡ଼ା ଥାନା ଅଧିକାରୀ ଓ ତହସିଲଦାରଙ୍କୁ ଉକ୍ତ ଗ୍ରାମର ବିଭୀଷଣ ପିଡିକାକା, ଗୋବି ପିଡ଼ିକାକା, ତେଜେଶ୍ୱର୍ ମାଣ୍ଡିକା, ଇଟି ମୁଗୁଲି, ପୂର୍ବତନ ସମିତି ସଭ୍ୟ ହେମନ୍ତି କୁଲେଶିକା, ପୂର୍ବତନ ସରପଞ୍ଚ ପାର୍ବତୀ ଗାଡାକା, ୱାର୍ଡ ସଭ୍ୟ ଡମ୍ବୁରୁଧର ଗାଡାକା, ମଧୁସୂଦନ ମୁଗୁଲି, ଲଳିତା ମାଣ୍ଡିକା, କୈଳାସ

**ବେଆଇନ କଳାମୁଗୁନି ପଥର ଉତ୍ତୋଳନ ବନ୍ଦ କରିବାକୁ ଦାବି**

ମୁଗୁଲୀ, ଲଳିତା ପିଡିକାକା ପ୍ରମୁଖ ଲିଖିତ ଅଭିଯୋଗ କରିବା ସହ ଦାବି କରିଛନ୍ତି। କନ୍ତରାବାଲି(୧)ରେ ଥିବା ମୁଗୁନି ପଥର ଖଣିରେ ବେଆଇନ୍ ଭାବରେ ବ୍ଲାଷ୍ଟିଙ୍ଗ୍ କରି ପଥର ଫୁଟାଉଥିବା ବେଳେ ଭାଇବ୍ରେଶନ ଦ୍ୱାରା ଗ୍ରାମରେ ଥିବା ଘର କାନ୍ଥ ଗୁଡ଼ିକରେ ଫାଟ ସୃଷ୍ଟି ହୋଇଯାଇଛି। ରାତି ଅଧିଆ ବ୍ଲାଷ୍ଟିଂ ଯୋଗୁଁ ବୟସ୍କଙ୍କ ଠାରୁ ଆରମ୍ଭ କରି ଛୋଟ ପିଲା ଶୋଇପାରୁନାହାନ୍ତି। ଧୂଳି ଧୂଆଁରେ ପୁରା ଗାଁ ଅନ୍ଧାର ହେଉଛି ବୋଲି ଅଭିଯୋଗ ପତ୍ରରେ ଲିଖିତ ରହିଛି। ଏ ନେଇ ବହୁବାର ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗପତ୍ର ପ୍ରଦାନ କରି ଆସୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆନଯିବାରୁ ବାଧ୍ୟ ହୋଇ ଆଜି ଉକ୍ତ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ମାନେ ମୁନିଗୁଡ଼ା ଥାନା ଅଧିକାରୀ ଓ ତହସିଲଦାର ଏମ ଅନୁରାଧାଙ୍କୁ ସାକ୍ଷାତ ଆଲୋଚନା କରିବା ସହ ଅଭିଯୋଗପତ୍ର ଦେଇଛନ୍ତି। ବ୍ଲାଷ୍ଟିଂ ସ୍ଥାନ ଠାରୁ ଜନବସତି ମାତ୍ର ୩୦୦ ମିଟର ହୋଇଥିବା ବେଳେ ବଡ଼ ବଡ଼ ପଥର ଏବଂ ବ୍ଲାଷ୍ଟିଂ ଶବ୍ଦରେ ଘର ଭାଙ୍ଗିଯାଉଛି। ଯାହାଫଳରେ ଗ୍ରାମବାସୀଙ୍କ ଜୀବନପ୍ରତି ବିପଦ ସୃଷ୍ଟି ହୋଇଛି। ତେଣୁ ଉକ୍ତ ଗ୍ରାମବାସୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ପ୍ରଶାସନ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କନ୍ତରାବାଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।

## ଭିକାରୀ ନାହାକ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ


**ଅମ୍ବାଦଳା, ୩୧।୧୨(ସମିସ):** ବିଷମ କଟକ ନିର୍ବାଚନ ମଣ୍ଡଳୀ ବିଜେପି ଦଳର ଯୁବ ନେତା ଭିକାରୀ ନାହାକଙ୍କୁ ରାୟଗଡ଼ା ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ଦଳ ତରଫରୁ ମୋନନୀତ



କରାଯାଇଛି। ରାଜ୍ୟ ସଭାପତି ମନମୋହନ ମୋହନ ସାମଲଙ୍କ ଅନୁମୋଦନ କ୍ରମେ ତାଙ୍କୁ ଏହି ଦାୟିତ୍ୱ ମିଳିଛି। ଶ୍ରୀ ନାହାକ ଏଥି ପୂର୍ବରୁ ଦୁଇ ଦୁଇ ଥର ଅମ୍ବାଦଳା ମଣ୍ଡଳ ସଭାପତି ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ତାଙ୍କର ଏହି ଦାୟିତ୍ୱ ଗ୍ରହଣ ପରେ ଅଞ୍ଚଳବାସୀ ଶ୍ରୀ ନାହାକଙ୍କୁ ସ୍ୱାଗତ କରିଛନ୍ତି।

## ପ୍ରଶାସନର ଦୃଷ୍ଟି ଆଢୁଆଳରେ ଦାଣ୍ଡିଆକୁଣ୍ଡ ଜଳପ୍ରପାତ

**ମାଲକାନଗିରି/କୋରୁକୋଣ୍ଡା, ୩୧।୧୨(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ପଞ୍ଚାୟତ ରେଙ୍ଗାମଗୁଡା ଗାଁ ନିକଟସ୍ଥ ପ୍ରାକୃତିକ ପରିବେଶ ଘେରା ଏକ ସୁନ୍ଦର ଜଳପ୍ରପାତ ଜିଲ୍ଲା ପ୍ରଶାସନ ତଥା ବ୍ଲକ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛି। କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ସହରରୁ ଜୟପୁର ଯିବା ରାସ୍ତାରେ ଆପନମାଳା ଗାଁ ଠାରୁ ଶହେ ମିଟର ଦୂର ଗଲା ପରେ ଡାହାଣ ପଟେ ରେଙ୍ଗାମଗୁଡା ଗାଁକୁ ଯିବାକୁ ଏକ ମାଟି ରାସ୍ତା ରହିଛି। ସେଠାରୁ ପାଖାପାଖି ଏକ କିଲୋମିଟର ଗଲେ ଏକ ପାହାଡ ପାଖ ଦେଇ ଦାଣ୍ଡିଆକୁଣ୍ଡ ଜଳପ୍ରପାତ ପଡ଼ିଥାଏ। ଶୀତଋତୁରେ ଏଠିକାର ପରିବେଶ ଦାରିଙ୍ଗବାଡି ଠାରୁ ମଧ୍ୟ ଅତି ମନଲୋଭା। ସବୁଜ ବଣ ପାହାଡରେ ପରିପୂର୍ଣ୍ଣ ମଧ୍ୟରେ ଅବହେଳିତ ଭାବେ ପଡ଼ିରହିଛି ଏହି ସୁରମ୍ୟ ଜଳପ୍ରପାତ। ଏହି ଜଳପ୍ରପାତର ଉନ୍ନତି ପାଇଁ ସ୍ଥାନୀୟ ଜନସାଧାରଣ ବାରମ୍ବାର ଅନୁରୋଧ କରୁଛନ୍ତି। ହେଲେ ପ୍ରଶାସନ ଜାଣିଶୁଣି ଏହାକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଏହା ସହିତ ସୋମନାଥପୁର ପଞ୍ଚାୟତ ମଧ୍ୟରେ ଆହୁରି ଅନେକ ଐତିହ୍ୟ କିମ୍ବଦନ୍ତୀ ଭରପୁର ସ୍ଥାନ ରହିଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଗଲେ କିମ୍ବା ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ଧ୍ୟାନ ଦେଲେ ଏଠାକୁ ଜିଲ୍ଲା ଏବଂ ରାଜ୍ୟ ବାହାରୁ ପର୍ଯ୍ୟଟକ ଆସି ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଏଠାରେ ବଣଭୋଜି ଓ ପିକନିକର ମଜା ନେଇପାରିବେ। ଏହି ଅଞ୍ଚଳରେ ଥିବା ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ସ୍ଥାନ ଗୁଡିକକୁ ରାଜ୍ୟ



ପର୍ଯ୍ୟଟନ ବିଭାଗ ଏହି ସବୁ ଜଳପ୍ରପାତ ଏବଂ ପର୍ଯ୍ୟଟନ ସ୍ଥଳୀର ପୁନରୁଦ୍ଧାର ଓ ଉନ୍ନତିକରଣ କରିପାରିଲେ ଏହା ଲୋକଲୋଚନକୁ ଆସିବା ସହ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମିଥାନ୍ତା ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାକୁ ପର୍ଯ୍ୟଟକ ମାନେ ଆସିଲେ ଏହି ସୁନ୍ଦର ସରସ ଜଳପ୍ରପାତକୁ ଉପଭୋଗ କରିବା ସହିତ ସ୍ଥାନୀୟ ଜନଜାତିଙ୍କ ଐତିହ୍ୟ ପରମ୍ପରା ସମ୍ପର୍କରେ ବହୁତ କିଛି ଜାଣିପାରନ୍ତେ। ଏହା ସହିତ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ପର୍ଯ୍ୟଟକଙ୍କ ଆଗମନ ଦ୍ୱାରା ଜିଲ୍ଲାର ରାଜସ୍ୱରେ ଅଭିବୃଦ୍ଧି ଘଟିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବା ପରିଲକ୍ଷିତ ହେଉଛି। ଜିଲ୍ଲାରେ ଅନେକ ଲୁକ୍କାୟିତ ପର୍ଯ୍ୟଟନ ସ୍ଥଳୀ ଲୋକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଉଛି। ଜିଲ୍ଲା ପ୍ରଶାସନର ଅଣଦେଖା ଯୋଗୁଁ ଏହା ଲୋକଲୋଚନକୁ ଆସି ପାରୁନାହିଁ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଲେ ମାଲକାନଗିରି ଜିଲ୍ଲାର ବଣ୍ଡାଘାଟୀ, ଗୁରୁପ୍ରିୟା ସେତୁ ସହ ଲୁଚି ରହିଥିବା ଏହି ସବୁ ପର୍ଯ୍ୟଟନ ସ୍ଥଳୀ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବରେ ସୁନାମ ଅର୍ଜନ କରିବା ସହ ପର୍ଯ୍ୟଟକଙ୍କ ଆଗମନରେ ସହସ୍ରାଧିକ ରାଜସ୍ୱ ମଧ୍ୟ ଆସିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ଯଦି ଆମ ଅଞ୍ଚଳରେ ଏପରି କିଛି ପର୍ଯ୍ୟଟନ ସ୍ଥଳୀ ରହିଛି। ତାହେଲେ ଆଗାମୀ ଦିନରେ ନିଶ୍ଚିତ ଏହାର ଉନ୍ନତିକରଣ କରାଯିବା ନେଇ ପ୍ରୟାସ କରିବୁ ବୋଲି କହିଛନ୍ତି।

## ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ

**ମୁନିଗୁଡ଼ା, ୩୧।୧୨(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ସୌଣ୍ଡିକ ଭବନ ପରିସରରେ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଶତବାର୍ଷିକ ସମାରୋହ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ବିଜେପି ଉପସଭାପତି ଦୁଷ୍ମନ୍ତ ସିଂ ଦେଓ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଏସିଆନ ଏଜର ବିରୋ ଚିପ ଅକ୍ଷୟ କୁମାର ସାହୁ, ରାଜ୍ୟ ବିଜେପି ଓବିଶି ମୋର୍ଚ୍ଚା ଉପସଭାପତି



ରାମଚନ୍ଦ୍ର ବେହେରା, ସ୍ଥାନୀୟ ବରିଷ୍ଠ ଓକିଲ ବୃନ୍ଦାବନ ଗୌଡ଼, ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡରୁକା, ମୁନିଗୁଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ରାଓ ପ୍ରମୁଖ ମଞ୍ଚାସିନ ରହିଥିଲେ। ଅତିଥି ମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବେଳେ ଭାରତ ମାତା ସଙ୍ଗୀତ ଗାନ କରାଯାଇଥିଲା। ବିଷମକଟକ ନିର୍ବାଚନ ମଣ୍ଡଳୀରୁ ସମାଜରେ ଖ୍ୟାତି ଅର୍ଜନ କରିଥିବା ପ୍ରତିଭାବାନ ପ୍ରତିଷ୍ଠିତ ବରିଷ୍ଠ ନାଗରିକ ତଥା ବୁଦ୍ଧିଜୀବୀ ମାନଙ୍କୁ ଉତ୍ତରୀୟ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁନିଗୁଡ଼ା ମଣ୍ଡଳ ସଭାପତି ସୁବାସ ଗୌଡ, ଯୁବ ମୋର୍ଚ୍ଚା ସଭାପତି ଟୁନା କରକରିଆଙ୍କ ସମେତ ବହୁ ବିଜେପି ବରିଷ୍ଠ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

**● ତାଲାପଡ଼ିଲା ଘରେ କଳାକନା ବୁଲୁଛି**

## ଗୋଟିଏ ରାତିରେ ଦୁଇଟି ଚୋରି

**ବିଷମ କଟକ, ୩୧।୧୨(ସମିସ):** ରାୟଗଡ଼ା ଜିଲ୍ଲା ବିଷମ କଟକ ସହରରେ ଗତକାଲି ରାତିରେ ଦୁଇଟି ଘର ତାଲା ଭାଙ୍ଗି କଳାକନା ବୁଲେଇ ଦେଲେ ଦୁର୍ବୃତ୍ତ। ଗୋଟିଏ ରାତିରେ ଦୁଇଟି ସ୍ଥାନରେ ଚୋରି ହୋଇଥିବା ଘଟଣା ବିଷମ କଟକ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛଇ। ଚୋର ମାନେ ଏତେ ସକ୍ରିୟ ଯେ ଘରେ ତାଲଶପଡ଼ିବା ମାତ୍ରେ କଳାକନା ବୁଲେଇ ଦେଉଛନ୍ତି ଏବଂ ସୁନା ଗହଣା ସହ ଲକ୍ଷାଧିକ ଟଙ୍କା ଲୁଟି ନେଉଛନ୍ତି। ଖବରରୁ ପ୍ରକାଶ ଯେ ବିଷମ କଟକ ସହରର ସଦର ଡୁକୁମୁ ରୋଡ ଅଞ୍ଚଳର ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା ଘରେ ଅନୁପସ୍ଥିତ ରହିଥିବା ବେଳେ ଗତକାଲି ରାତିରେ ଚୋର ମାନେ ଘରର ମୁଖ୍ୟ କବାଟର ତାଲା ଭାଙ୍ଗି ଘରେ ପଶିବା ସହ ଘର ମଧ୍ୟରେ ରହିଥିବା ସମସ୍ତ ବଖରା, ଆଲମାରିର ତାଲା ଭାଙ୍ଗି ଦେଇଛନ୍ତି। ଏହି ଘରର ଚାରିପଟେ ସିସି କ୍ୟାମେରା ଲାଗିଥିବାରୁ ଚୋର ମାନେ




ଧରାପଡ଼ିଯିବା ଭୟରେ ସିସି କ୍ୟାମେରା ହାର୍ଡ ଡିସ୍କ ତାଡି ସାଥିରେ ନେଇ ଚାଲିଯାଇଛନ୍ତି। ଆଇନଜୀବୀ ଅନୁପସ୍ଥିତ ରହିଥିବାରୁ ଘରୁ କଣ କଣ ଚୋରି ହୋଇଛି, ତାର ସଠିକ୍ ତଥ୍ୟ ଜଣାପଡ଼ିନାହିଁ। ସେ ଆସିବା ପରେ ଘରୁ କଣ ଚୋରି ହୋଇଛି ତାହା ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି। ସେହିପରି ବିଷମ କଟକ ତେଲିସାହିରେ ଅବଦୁଦ୍ ହାକିମ୍‌ଙ୍କ ଡ୍ରେସ୍ ଗୋଦାମର ମଧ୍ୟ ତାଲା ଭାଙ୍ଗି ପ୍ରାୟ ଦୁଇଲକ୍ଷ ଟଙ୍କାର ଡ୍ରେସ୍ ବସ୍ତା ଚୋର ମାନେ ନେଇ ଚାଲିଯାଇଛନ୍ତି। ଆଜି ସକାଳେ ଘର ଗୁଡିକର ଚାବି ଖୋଲାଥିବା ପଡୋଶୀ ମାନେ ଦେଖି ଘର ମାଲିକଙ୍କୁ ଖବର ଦେବା ପରେ ମାଲିକଙ୍କ ଠାରୁ ସୂଚନା ପାଇ ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ି ଚୋରି ହୋଇଥିବା ଘର ଗୁଡିକକୁ ଯାଇ ସରଜମିନ ତଦନ୍ତ କରିଛନ୍ତି। ଏହି ଚୋରି ସବୁ ଗତକାଲି ମଧ୍ୟରାତ୍ରିରେ ହୋଇଥିବା ସନ୍ଦେହ କରାଯାଉଛି। ତେବେ ମୋବାଇଲ ଟ୍ରାକିଂର ସହାୟତା ନେଇ ଚୋରକୁ ଯଥାଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ପାଢ଼ି କହିଛନ୍ତି।

## ମାଟି ସାମଗ୍ରୀର ଚାହିଦା କମୁଛି, ଜୀବିକା ହରାଇଲେଣି କୁମ୍ଭାର ପରିବାର

● ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ
● ବିସ୍ଥାପିତ ୧୬ ପରିବାରକୁ ଅବହେଳା



କୋରୁକୋଣ୍ଡା, ୩୧।୧୨(ସମିସ)

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତର୍ଲାକୋଟା ଗ୍ରାମ ପଞ୍ଚାୟତର କେନ୍ଦୁଗୁଡା ଗ୍ରାମର ୧୬ କୁମ୍ଭାର ପରିବାର ସେମାନଙ୍କର ଜୀବିକା ହରାଇଥିବା ବେଳେ କିପରି ସେମାନେ ନିଜର ପରିବାର ପ୍ରତିପୋଷଣ କରିବେ ସେନେଇ ଆଜି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କୁ ଭେଟି ପ୍ରଦାନ କରିଛନ୍ତି। ତେବେ ଏହି ୧୬ ପରିବାରଙ୍କ ଅଭିଯୋଗ ଅନୁଯାୟୀ ପୂର୍ବେ ଏମାନେ ନିଜର ପେଷା ଅନୁଯାୟୀ ମାଟି ହାଣ୍ଡି, ଫୁଲକୁଣ୍ଡ, ଦୀପ ସମେତ ମାଟିରେ ନିର୍ମିତ ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରି ତାକୁ ବିକ୍ରି କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ଆଜିକା ସମୟରେ ମାଟି ନିର୍ମିତ ସାମଗ୍ରୀର ଚାହିଦା ନଥିବାରୁ ସେମାନେ ନିଜର ଜୀବିକା ହରାଇଛନ୍ତି। ଫଳରେ ସେମାନଙ୍କର ପରିବାର ପ୍ରତିପୋଷଣ କରିବା ବହୁ କଷ୍ଟକର ହୋଇପଡ଼ିଛି। ତେଣୁ ସରକାର/ପ୍ରଶାସନ ପକ୍ଷରୁ ଯଦି ସେମାନଙ୍କୁ ଚାଷ କରିବା ନିମନ୍ତେ ଜମି ଓ ବସବାସ ନିମନ୍ତେ ଗୃହ ବାଡ଼ି ଆଦି ପ୍ରଦାନ କରାଯାଅନ୍ତା। ତେବେ ସେମାନଙ୍କର ପରିବାର ପ୍ରତିପୋଷଣ କରିବାରେ କୌଣସି ସମସ୍ୟା ହୋଇନଥାନ୍ତା ବୋଲି ଏହି କୁମ୍ଭାର ପରିବାର ମାନେ ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ବହୁ ବର୍ଷ ପୂର୍ବେ ଏହି ପରିବାର ପୂର୍ବ ପିଢ଼ି ମାନେ କୋରାପୁଟ ଜିଲ୍ଲା କୋଲାବ ଡ୍ୟାମ ନିର୍ମାଣ ବେଳେ ବିସ୍ଥାପିତ ଭାବେ ଆସି ଏଠାରେ ବସବାସ କରୁଛନ୍ତି। ଏଣୁ ସେହି ପରିବାରଙ୍କ ପାଖରେ ନିଜସ୍ୱ ଜମି ଖଣ୍ଡିଏ ମଧ୍ୟ ନାହିଁ। ଏଣୁ ବର୍ତ୍ତମାନ କୁମ୍ଭାର କାର୍ଯ୍ୟ ଦିନକୁ ଦିନ ଲୋପ ପାଇବାରେ ଲାଗିଛି। ବର୍ତ୍ତମାନ ପରିବାର ପ୍ରତିପୋଷଣ କରିବାରେ ବହୁ ଆସୁବିଧାର ସମୁଖୀନ ହେଉଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମ ପଞ୍ଚାୟତ ନାଏବ ସରପଞ୍ଚ ପଦ୍ମନାଭ ମାଡ଼କାମୀ, ଶିବ ଚାଲାଣ, ଧନୁର୍ଜୟ ଖିଲ, ଭଗବାନ ଖରା, ରାଜିନ୍ଦ୍ର ଖରା, ସୁବାସ ଖିଲ, ଦାମ ଖିଲ, ଅବି ଖରା, ଆନନ୍ଦ କୁମ୍ଭାର, କମଲୁ କୁମ୍ଭାର, ଡମୁ ଖିଲ, ରଘୁନାଥ ଖରାଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

**ସୁରେଶ ସମ୍ମାନ-୨୦୨୫**

# ସମ୍ମାନିତ ହେଲେ ସାମ୍ବାଦିକ ଶିବ ପ୍ରସାଦ



**ରାୟଗଡ଼ା, ୩୧।୧୨(ସମିସ):** ଦିବଙ୍ଗତ ସାମ୍ବାଦିକ ସୁରେଶ ଚନ୍ଦ୍ର ପାଢ଼ୀଙ୍କ ୭ମ ଶ୍ରାଦ୍ଧ ବାର୍ଷିକ ପାଳନ ଅବସରରେ ଆଜି ରାୟଗଡ଼ା ସହର ସ୍ଥିତ ସେଞ୍ଚୁରିଆନ ପବ୍ଲିକ ସ୍କୁଲ ପରିସରରେ ସୁରେଶ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ସାମ୍ବାଦିକ ଶିବ ପ୍ରସାଦ ଦୋରାଙ୍କୁ 'ସୁରେଶ ସମ୍ମାନ-୨୦୨୫'ରେ ସମ୍ମାନିତ କରାଯାଇଛି। ସମ୍ବାଦ ପରିବେଷଣରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାର ସ୍ମୃତି କମିଟି ସୁରେଶ ମେମୋରିଆଲ୍ ଟ୍ରଷ୍ଟ ତରଫରୁ ଶ୍ରୀ ଦୋରାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ ଡ. ଦୁଷ୍ମନ୍ତ କୁମାର ମହାନ୍ତି ଏହି ସମ୍ମାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସେଞ୍ଚୁରିଆନ୍ ୟୁନିଭରସିଟି, ରାୟଗଡ଼ା ନିର୍ଦ୍ଦେଶକ ତଥା ସ୍ୱର୍ଗତ ଶ୍ରୀ ପାଢ଼ୀଙ୍କ ବଡ଼ ଭାଇ, ସ୍ମୃତି କମିଟିର ସଭାପତି ଡ. ରାଜେଶ କୁମାର ପାଢ଼ୀ, କନିଷ୍ଠ ଭ୍ରାତା ତଥା 'ସକାଳ' ଜୟପୁର ସଂସ୍କରଣର ଆଞ୍ଚଳିକ ମୁଖ୍ୟ ରାକେଶ କୁମାର ପାଢ଼ୀ, ସ୍ୱର୍ଗତ ସୁରେଶ ପାଢ଼ୀଙ୍କ ପତ୍ନୀ ସ୍ନେହା ପାଢ଼ୀ, ତାଙ୍କ ପୁତ୍ର ଏବଂ ପରିବାର ବର୍ଗ ଉପସ୍ଥିତ ଥିଲେ। ଦିବଙ୍ଗତ ସାମ୍ବାଦିକ ସୁରେଶ ପାଢ଼ୀ ସାଲିସବିହୀନ ସାମ୍ବାଦିକତା କରୁଥିଲେ। ସମାଜସେବା କ୍ଷେତ୍ରରେ ତାଙ୍କର ଯୋଗଦାନକୁ ନେଇ ନିମନ୍ତ୍ରିତ ଅତିଥି ମାନେ ଆଲୋଚନା କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷକ ତଥା ସମାଜସେବୀ ଜଗଦୀଶ୍ ଦୋରା, ସମାଜସେବୀ ଶିବ ପ୍ରସାଦ ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ପ୍ରତିବର୍ଷ ରାୟଗଡ଼ା ଜିଲ୍ଲାରେ ସାମ୍ବାଦିକତା କ୍ଷେତ୍ରରେ ସାମ୍ବାଦିକଙ୍କୁ ସୁରେଶ ସମ୍ମାନରେ ସମ୍ମାନିତ କରାଯାଉଥିବା ବେଳେ ଆସନ୍ତା ବର୍ଷ ଠାରୁ ସମାଜସେବା ଏବଂ ଶିକ୍ଷା କ୍ଷେତ୍ରରେ ପ୍ରମୁଖ ଅବଦାନ ପାଇଁ ମଧ୍ୟ ପୁରସ୍କାର ଦିଆଯିବ ବୋଲି ସେଞ୍ଚୁରିଆନ ୟୁନିଭରସିଟିର ନିର୍ଦ୍ଦେଶକ ରାଜେଶ ପାଢ଼ୀ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାକେଶ ପାଢ଼ୀ ସଞ୍ଚାଳନ କରିଥିବା ବେଳେ ସ୍ୱର୍ଗତ ପାଢ଼ୀଙ୍କ ପତ୍ନୀ ସ୍ନେହା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ପାଳିତ

**ଜୟପୁର, ୩୧।୧୨(ସମିସ):** ଜୟପୁର ଯାଦବ ଭବନ ଠାରେ ଉତ୍କଳ ସମ୍ମିଳନୀର ୧୨୨ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଜିଲ୍ଲା ଶାଖା ସଭାପତି ମଦନ ମୋହନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପୌର ଉପାଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ରଥ ଏବଂ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ହରିହର କରସୁଧା ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବାଲା ରାୟ ମଞ୍ଚାସୀନ ଥିଲେ। କୋଟିଆ, ପୋଲାଭରମ ତଥା ଗୁଣପୁର ସମସ୍ୟାକୁ ନେଇ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ରାଜେନ୍ଦ୍ର ଗୌଡ ନିଜ ବକ୍ତବ୍ୟରେ ବିଭିନ୍ନ ସମସ୍ୟାକୁ ନେଇ ଜନସଚେତନତା କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ନବୀନ ମାଦଳା, ସଂଗଠନ ସମ୍ପାଦକ ପରମେଶ୍ୱର ପାତ୍ର ପରିଚାଳନା କରିଥିଲେ। ଶେଷରେ ସଦସ୍ୟ ଚନ୍ଦ୍ରମଣି ବାରିକ ଚନ୍ଦ୍ରକାନ୍ତ ସୂତାର, ରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୁନାଳ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

**କାମରେ ଲାଗୁନି ସରକାରୀ ପ୍ରକଳ୍ପ**

# ଭୂତକୋଠି ପାଲଟିଛି ରିଜୋନାଲ୍ ରିସର୍ଚ୍ଚ ସେଣ୍ଟର ଫର୍ ଚିଲ୍ଡ୍ରେନ୍ କେନ୍ଦ୍ର

କୋରାପୁଟ, ୩୧।୧୨(ସମିସ)



କୋରାପୁଟ ଜିଲ୍ଲା ସଦରମହକୁମା ଓାର୍ଡ ନମ୍ବର ୧୧ର ଅଫିସର୍ସ କଲୋନୀରେ ଥିବା ସମଗ୍ର ଶିକ୍ଷା ଅଭିଯାନର ରିଜୋନାଲ ରିସର୍ଚ୍ଚ ସେଣ୍ଟର ଫର ଚିଲିଡ୍ରେନ କେନ୍ଦ୍ର ଏବେ ଭୁତକୋଠି ପାଲଟିଛି। ଖତ ଖାଉଛି ଲକ୍ଷ ଲକ୍ଷ ଟଙ୍କାର କୋଠା ଓ ଭିତରେ ଥିବା ସାମଗ୍ରୀ। ଅଧିକାରୀ ବଦଳିଲେ କୋରାପୁଟ ଜିଲ୍ଲାରେ ଅନେକ ଯୋଜନାର ବି ଭାଗ୍ୟ ବଦଳି ଯାଉଛି ବୋଲି ଚର୍ଚ୍ଚା ଜୋର ଧରିଛି। ଏହି କୋଠାର ଭାଗ୍ୟ କେବେ ବଦଳିବ ଆଉ ଶିକ୍ଷାର ଏହି ମନ୍ଦିର ପୁଣି ଚାଲୁ ହବ ତାହାକୁ ନେଇ ସମସ୍ତେ ଆଶାବାଦୀ। ୨୦୧୨-୧୩ ଆର୍ଥିକ ବର୍ଷରେ ଇଣ୍ଟିଗ୍ରେଟେଡ୍ ଆକ୍ସନ ପ୍ଲାନ ଯୋଜନାରେ କୋରାପୁଟ ପୌର ପରିଷଦ ଅନ୍ତର୍ଗତ ଅଫିସର୍ସ କଲୋନୀ ଭିତରେ ଏହି କୋଠା ନିର୍ମାଣ କରାଯାଇଥିଲା। ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରିଥିଲା ସମଗ୍ର ଶିକ୍ଷା ଅଭିଯାନ। ଉଦ୍ଦେଶ୍ୟ ଥିଲା ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ଏଇଠି ଦିଆଯିବ ଟିଏଲଏମ ମାଧ୍ୟମରେ ତାଲିମ। ପୁଣି ରିସୋର୍ସ ପର୍ସନ ଅଣାଯାଇ ପ୍ରତି ବ୍ଲକର ଶିକ୍ଷକ ମାନଙ୍କୁ ଅଣାଯାଇ ଉନ୍ନତ ମାନର ଶିକ୍ଷାଦାନର ପଦ୍ଧତି ଏବଂ ସରଳ ଓ ସୁବିଧାରେ କିପରି ପିଲାଙ୍କୁ ପଢ଼ାଯିବ ତାହାକୁ ତାଲିମ ଦିଆଯିବାର ବ୍ୟବସ୍ଥା ହୋଇଥିଲା। ସେଥିପାଇଁ ହଲ, କ୍ଲାସରୁମ, ହଷ୍ଟଲ, ଶୌଚାଳୟ ଓ ଡାଇନିଂ ହଲ ଭଳି ବ୍ୟବସ୍ଥା କରାଯାଇଥିଲା। ୫ବର୍ଷ ଚାଲିଲା ପରେ ହଠାତ୍ ବନ୍ଦ ହୋଇଯାଇଥିଲା। ଏବେ ୧୦ ବର୍ଷ ଧରି ବନ୍ଦ ରହିଥିବାରୁ କୋଠାର ଅବସ୍ଥା ଦେଖିଲେ ସତେ ଯେପରି ଏହି ପ୍ରକଳ୍ପକୁ ଭୁଲି ଯାଇଛି ଶିକ୍ଷା ବିଭାଗ ଭଳି ମନେ ହେଉଛି। କବାଟ, ଫ୍ୟାନ୍, ଟେବୁଲ ଓ ଚେୟାର ଭଳି ଅନେକ ଜିନିଷ ଚୋରି ହୋଇଯାଇଥିବା ବେଳେ କିଛି କାଗଜପତ୍ର ପୋଡିଯାଇଥିବା ନଜରକୁ ଆସିଛି। ଭିତରେ କିନ୍ତୁ ଲଟକି ରହିଛି ତତ୍କାଳୀନ ପ୍ରଶାସକ ଓ ମହାପୁରୁଷଙ୍କ ଛବି। ତେବେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ କଲ୍ୟାଣରେ ନିର୍ମିତ ଏହି ଯୋଜନା ପ୍ରତି ବିଭାଗର ଏତେ ଅବହେଳା କଣ ପାଇଁ ବୋଲି ଶିକ୍ଷାବିତ୍ ମାନେ ପ୍ରଶ୍ନ ଉଠାଇଛନ୍ତି। ନୂତନ ଶିକ୍ଷାଦାନ ପଦ୍ଧତିରେ ଅନେକ ସମୟରେ ଶିକ୍ଷାଦାନର ପଦ୍ଧତି ଏବଂ ପ୍ରଣାଳୀକୁ ନେଇ ବିଭିନ୍ନ ହାଇସ୍କୁଲ ଗୁଡିକରେ ମାସ ମାସ ଧରି ତାଲିମ ପ୍ରଦାନ କରାଯାଉଛି। ଯାହାଦ୍ୱାରା ସମ୍ପୃକ୍ତ ବିଦ୍ୟାଳୟର ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଅନ୍ୟପଟେ ଭାଷାଗତ ଶିକ୍ଷାଦାନକୁ ତାଲିମ ଦେବାପାଇଁ ବି କୋଠାର ଆବଶ୍ୟକ ପଡୁଛି। ଏପରିସ୍ଥଳେ ୫୦ ଲକ୍ଷ ଟଙ୍କା ବ୍ୟୟର ଏହି ବିଶାଳ ସାଧନକେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବାକୁ ଦାବି ଉଠିଛି। ଏ ନେଇ କୋରାପୁଟ ଜିଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ନିର୍ଦ୍ଦେଶକ କରୁଣାକର ଭୁଏ କହିଛନ୍ତି ସେ ନୂଆ ଆସିଛନ୍ତି, ଏ ବାବଦରେ ଜାଣି ନାହାନ୍ତି। ନିଜେ ଦେଖିବେ ଓ କିପରି କାର୍ଯ୍ୟକ୍ଷମ କରାଯାଇପାରିବ ତାହା ଉପରେ ଖୁବ୍‌ଶୀଘ୍ର ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ କହିଛନ୍ତି।

**କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି**

# ଜିଲ୍ଲାସ୍ତରୀୟ 'ପରବ'ରେ ନନ୍ଦପୁର ବ୍ଲକକୁ ପୁରସ୍କାର ନ ମିଳିବା ତର୍ଜମା



**ନନ୍ଦପୁର, ୩୧।୧୨(ସମିସ):** କୋରାପୁଟ ଜିଲ୍ଲାସ୍ତରୀୟ 'ପରବ'ରେ ଏଥର ସେମିଳିଗୁଡା ବ୍ଲକକୁ ଶ୍ରେଷ୍ଠ ବ୍ଲକ ସମ୍ମାନ ମିଳିଛି। ତେବେ ନନ୍ଦପୁର ବ୍ଲକର ଭଲ ପ୍ରଦର୍ଶନ ସତ୍ତ୍ୱେ କାହିଁକି ପୁରସ୍କାର ମିଳିଲାନି ସେ ନେଇ ତର୍ଜମା ଚାଲିଛି।

ଜିଲ୍ଲା ସ୍ତରୀୟ ପ୍ରତିଟି ପ୍ରତିଯୋଗିତାରେ ବିଚାରକ ଭାବେ କାର୍ଯ୍ୟ ତୁଲାଇ ଥିବା ନନ୍ଦପୁର ବ୍ଲକରୁ ଦୁଇ କଳାକାର କାଶୀନାଥ ଗୋଲରି ଓ ଜୟରାମ ଭୋଇ ଜିଲ୍ଲାସ୍ତରୀୟ କଳା ସଂସ୍କୃତି, ପ୍ରତିଭା ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ସତ୍ତ୍ୱେ କାହିଁକି କିପରି ନନ୍ଦପୁର ବ୍ଲକ ପଛରେ ରହିଲା ସେ ନେଇ ବର୍ତ୍ତମାନ ତର୍ଜମା ଚାଲିଛି। ଜିଲ୍ଲା ସ୍ତରରେ ଶ୍ରେଷ୍ଠ ବ୍ଲକ ଭାବେ କଣ ରହିଥିଲା ମାନଦଣ୍ଡ ଓ କେଉଁ ଆଧାରେ ନିଷ୍ପତି ନିଆଯାଇଛି ବୋଲି ଲୋକେ ପ୍ରଶ୍ନ କରୁଛନ୍ତି।

# ବିଜେପି ଜିଲ୍ଲା ସମ୍ପାଦିକା ହେଲେ ସନ୍ତୋଷିନୀ ଜେନା



**ସେମିଳିଗୁଡ଼ା, ୩୧।୧୨ (ସମିସ):** କୋରାପୁଟ ଜିଲ୍ଲାର ଭାରତୀୟ ଜନତା ପାର୍ଟି ସମ୍ପାଦିକା ଭାବରେ ସନ୍ତୋଷିନୀ ଜେନା ଚୟନ ହୋଇଛନ୍ତି। କୋରାପୁଟ ଜିଲ୍ଲା ବିଜେପି କମିଟି ନାମ ମଙ୍ଗଳବାର ରାତି ଘୋଷଣା କରାଯାଇଛି। ଏହି ନୂତନ କମିଟିରେ ସେମିଳିଗୁଡାର ସନ୍ତୋଷିନୀଙ୍କୁ ସମ୍ପାଦିକା ଦାୟିତ୍ୱ ମିଳିଛି। ସନ୍ତୋଷିନୀ ୨୦୧୫ରୁ ସୁନାବେଡା ମଣ୍ଡଳ କାର୍ଯ୍ୟକର୍ତ୍ତା ଭାବରେ କାର୍ଯ୍ୟ କରିଆସୁଥିଲେ ଏବଂ ପରେ ମହିଳା ମୋର୍ଚ୍ଚା ର ମଣ୍ଡଳ ସାଧାରଣ ସମ୍ପାଦିକା ଭାବେ ଚାରି ବର୍ଷ କାମ କରିଥିଲେ। ନବ ନିର୍ବାଚିତ ସମ୍ପାଦିକାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜଣାଇଛନ୍ତି। କମିଟିରେ ଉପ ସଭାପତି ଭାବେ ମାଧୁରୀ ପ୍ରଧାନ, ସୁକାନ୍ତି ନାୟକ, ରାମେଶ୍ୱର ଜେନା, ଏସ କରଣ, ରାଜ ସିଂ, ସୁଧାଂଶୁ ଶେଖର ଜେନା, ରାଧେଶ୍ୟାମ ପରିଡ଼ା, ରବିଚନ୍ଦ୍ର ପାଢ଼ୀ, ସାଧାରଣ ସମ୍ପାଦକ ଭାବେ ଚୈତନ୍ୟ ହନ୍ତାଲ, ଉଦୟ ହିକକା, ଚନ୍ଦ୍ରଶେଖର ରଥ, କୋଷାଧ୍ୟକ୍ଷ ଭାବେ ତ୍ରିନାଥ ପଣ୍ଡା ଏବଂ ୮ ଜଣ ସମ୍ପାଦକଙ୍କ ନାମ ଘୋଷଣା କରାଯାଇଛି।

**● କୋଡ଼ିଙ୍ଗାକୁ ମଦମୁକ୍ତ ଗ୍ରାମ କରିବାକୁ ଉଦ୍ୟମ**

# ଅବକାରୀ କର୍ମଚାରୀଙ୍କୁ ସହଯୋଗ କଲେ ଏସ୍ଏଚ୍‌ଜି ମହିଳା



**କୋଷାଗୁମୁଡା, ୩୧।୧୨(ସମିସ):** ପ୍ରାୟ ତିନିମାସ ହେଲା ମହିଳାମାନଙ୍କ ବିରୋଧ ଯୋଗୁଁ ଦେଶୀ ମଦ ବିକ୍ରେତାଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର କୋଡ଼ିଙ୍ଗା ସଦରଗୁଡା ସାହିରେ। ୪ଟି ଏସଏଚ୍‌ଜି ଗ୍ରୁପର ମହିଳା ମାନେ ଆଜି ଭୋରରୁ ଏକତ୍ରିତ ହୋଇ ୨୫ଗୋଟି ପ୍ଲାଷ୍ଟିକ ବୋତଲ, ଯାହାକି ୨-୫ଲିଟର ପ୍ଲାଷ୍ଟିକ ବୋତଲ ରେ ପ୍ରାୟ ୬୨ ଲିଟର ଦେଶୀ ମଦକୁ ସ୍ଥାନୀୟ ବିକ୍ରେତାଙ୍କ ପାଖରୁ ଜବତ କରି ସ୍ଥାନୀୟ ଅବକାରୀ ବିଭାଗକୁ ଖବର ଦେଇ ହସ୍ତାନ୍ତର କରିଥିଲେ। ତୁରନ୍ତ ଅବକାରୀ ବିଭାଗ ପହଞ୍ଚି ପ୍ରାୟ ୬୨ଲିଟର ଦେଶୀ ମଦକୁ ନାଳ ଓ ରାସ୍ତା ଉପରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ମିଶି ନଷ୍ଟ କରିଛନ୍ତି। ୨୫ଗୋଟି ପ୍ଲାଷ୍ଟିକ ବୋତଲକୁ ନିଆଁ ଲଗାଇ ନଷ୍ଟ କରିଥିଲେ। ଦୀର୍ଘ ୩ ମାସରୁ ଅଧିକ ସମୟ ହେଲା କୋଡ଼ିଙ୍ଗାକୁ ମଦମୁକ୍ତ ଗ୍ରାମ କରିବାକୁ ପ୍ରାୟ ୪ଟି ଏସ୍ଏଚ୍‌ଜି ଗ୍ରୁପର ମହିଳା ମାନେ ଅଣ୍ଟା ଭିଡ଼ିଥିବା କହିଛନ୍ତି। ସ୍ଥାନୀୟ ପ୍ରତ୍ୟେକ ଦେଶୀ ମଦ ବିକ୍ରେତାଙ୍କ ମଦକୁ ଧରି ଅବକାରୀ ବିଭାଗକୁ ଓ ସ୍ଥାନୀୟ କୋଡ଼ିଙ୍ଗା ଥାନାକୁ ଖବର କରି ନଷ୍ଟ କରୁଥିବା ବେଳେ କୋଡ଼ିଙ୍ଗାରେ ପ୍ରାୟ ୪୦ଗୋଟି ଦେଶୀ ମଦ ପ୍ରସ୍ତୁତ କରି ବିକ୍ରେତା ମାନେ ଅଛନ୍ତି। ଯାହାକୁ ବନ୍ଦ କରିବା ପାଇଁ ଗ୍ରାମରେ ସଚେତନତା ପଦଯାତ୍ରା ସହ ଜିଲ୍ଲାପାଳ, ପୋଲିସ, ଅବକାରୀ ବିଭାଗଙ୍କୁ ଲିଖିତ ଦାବିପତ୍ର ଦେବା ସହ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିବେଦନ କରିଛନ୍ତି। ଆଜିର ଏହି ଦେଶୀ ମଦ ଜବତରେ ବାବା ଚଉଁରିଆ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଓ ମା ଭବାନୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମା ଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଓ ମା ଧାରଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ରୋଇବାରି ଭତ୍ରା, ହୀରାମଣି ମାଝୀ, ଦୋମାଇ ଭତ୍ରା, ତୁଳା ଭତ୍ରା, ପଦ୍ମା ଭତ୍ରା, ଅସମତି ଭତ୍ରା, ରାଧିକା ଭତ୍ରା, ପୁନାଇ ଭତ୍ରା, ପୁର୍ତ୍ତିକା ଗୌଡ଼, ଶାନ୍ତି ପାତ୍ର ପ୍ରମୁଖଙ୍କ ସହ ୪ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ସଦସ୍ୟ ମାନେ ଉପସ୍ଥିତ ଥିଲେ। ତାଙ୍କ ସହ କୋଡ଼ିଙ୍ଗା ଅବକାରୀ ଓଆଇସି ସମୀର କୁମାର ସ୍ୱାଇଁ, ଏଏସଆଇ ହଳଦର ଯାନୀ, ରମେଶ ପ୍ରଧାନ, ପ୍ରସାଦ ବଳବନ୍ତରାଇ, କାଳିମଣି ମୁଦୁଲି ପ୍ରମୁଖ ଉପସ୍ଥିତ ରହି ସମସ୍ତ ଜବତ ଦେଶୀ ରନ୍ଧା ମଦକୁ ନଷ୍ଟ କରିଥିଲେ।







# ବଡ଼ଦିନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ



**ପୋଡ଼ାଗଡ଼, ୩୧।୧୨(ସମିସ):** କୋରାପୁଟ ଜିଲ୍ଲା ର ବିଭିନ୍ନ ଗୀର୍ଜାମାନଙ୍କରେ ବଡ଼ଦିନ ଉପଲକ୍ଷେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ସହ ନାଚଗୀତ ଖେଳକୁଦ ଅନେକ ପ୍ରକାରର ମନୋରଞ୍ଜନ କାର୍ଯ୍ୟକ୍ରମ କରୁଥିବା ଦେଖା ଦେଇଛି। ସେହିପରି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ପୋଡ଼ାଗଡ଼ ପଞ୍ଚାୟତ ଅନ୍ତର୍ଗତ ପରଜା ସୁକୁ ପ୍ରଧାନ ମଣ୍ଡଳୀରେ ପ୍ରଧାନ ମଣ୍ଡଳୀ ସ୍ତରୀୟ କେରଳସ୍ କାୟର୍ଯ୍ୟ କ୍ରମ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମ ପ୍ରଧାନ ମଣ୍ଡଳୀର ସଭାପତି ଚରଣ ଗର୍ଡ଼ା ଓ ଯୁବକ ସଭାପତି ଲିଭିଂ ଖରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବିଶେଷ ସହଯୋଗ କରିଥିଲା ପରଜା ଶୁକୁ ପ୍ୟାରିସ ମଣ୍ଡଳୀ। ପ୍ରାୟ ୮ରୁ ୧୦ ଟି ପ୍ୟାରିସ ମଣ୍ଡଳୀର କାଏଲ୍ ଗ୍ରୁପ ଅଂଶ ଗ୍ରହଣ କରିଥିଲେ। ଅଂଶ ଗ୍ରହଣ କରିଥିବା ପ୍ୟାରିସ ମଣ୍ଡଳୀ ଗୁଡ଼ିକ ହେଲା ପରଜା ସୂକୁ ବଙ୍ଗଳାଗୁଡା ଗଦରି ମରିଚ ମାଳ ଦମନଯୋଡ଼ି ତୟାପୁଟ ଆଡମୁଣ୍ଡା ଲୁକୁମାରି। ମୁଖ୍ୟ ଅତିଥି ଭାବେ ପରଜା ସୁକୁ ପରିଚାଳକ ରେବ ରବୀନ୍ଦ୍ର ସେଠୀ, ବଙ୍ଗଳାଗୁଡା ପାଳକ ରେବ ଶାନ୍ତନୁ କୁମାର ସୁନା ବିଲାନ ସିଲ୍ ପାଳକ ରେବ ହାସିଅ ଭତ୍ରା ଯେ ଇ ଏଲ ସି ସଂଡେ ସ୍କୁଲ ସମ୍ପ୍ରେପଦକ ଶେଖର ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ପ୍ରଧାନ ମଣ୍ଡଳୀ ର ପ୍ରାଚୀନ ଜୁଲିଏସ ବିହାରୀ ଖରା ଉପ ସଭାପତି କଷଧକ୍ଷ ସମ୍ପାଦକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ସମସ୍ତ ଅତିଥି ପ୍ରଦୀପ ପ୍ରଜଳନ କରି କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ଅଂଶ ଗ୍ରହଣ କରିଥିବା କଏଲ ଗ୍ରୁପ ଗୁଡ଼ିକ ନିଜର ଗୀତ ପରିବେଷଣ କରିବାସହ ନିଜ ନିଜ ଗ୍ରୁପର ନାଚ ମଧ୍ୟ କରିଥିବା ଦେଖା ଦେଇଛି। ନାଚ ଓ ସଙ୍ଗୀତରେ କୃତିତ୍ୱ ଅର୍ଜନ କରିଥିବା ଗ୍ରୁପ୍ ଗୁଡ଼ିକୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଥିଲା।




ସକାଳ THE SAKALA



ଓଡ଼ିଶା ରାଜନୀତିରେ ନୂଆ ସମୀକରଣ

# ନୂତନ ଆଞ୍ଚଳିକ ଦଳ ଗଠନ କରିବେ ମୋକିମ୍!

କଟକ, ୩୧।୧୨(ସମିସ): ନୂଆବର୍ଷ ୨୦୨୬ ଓଡ଼ିଶା ରାଜନୀତିରେ ଅନେକ ନୂଆ କଥା ଦେଖିବାକୁ ମିଳିବ। ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ଏହି ପୂର୍ବାନୁମାନକୁ ନେଇ କଳ୍ପନାଜଳ୍ପନା ଚାଲିଥିବାବେଳେ ଏହାକୁ ଅଧିକ ଉଷ୍ମ କରିଛି 'ହୋଡ଼ିଂ' ରାଜନୀତି । କଂଗ୍ରେସରୁ ବହିଷ୍କୃତ ହେବା ପରେ ବରିଷ୍ଠ ନେତା ମହମ୍ମଦ ମୋକିମ ନିଜର ଆଗାମୀ ରଣନୀତି ପ୍ରସ୍ତୁତ କରୁଥିବା ସୂଚନା ମିଳିଛି । ମୋକିମ ଏବେ ନୂତନ ଆଞ୍ଚଳିକ ଦଳ ଗଠନ ପାଇଁ ବିଭିନ୍ନ ଦଳର ପୁରୁଖା ନେତାଙ୍କୁ ଏକାଠି କରିବା ଆରମ୍ଭ କରିଛନ୍ତି। ବରିଷ୍ଠ ନେତା ବିଜୟ ମହାପାତ୍ର ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ ତ୍ରିପାଠୀଙ୍କ ଭଳି ତୁଙ୍ଗ ନେତାଙ୍କ ସହ ମୋକିମଙ୍କ ସାକ୍ଷାତ ଆଲୋଚନା ଏହି ସନ୍ଦେହକୁ ଦୃଢ଼ୀଭୂତ କରିଛି। ମୋକିମଙ୍କ ମତରେ ଓଡ଼ିଶାରେ ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳ ପାଇଁ ବର୍ତ୍ତମାନ ପ୍ରକୃଷ୍ଟ ସମୟ ଆସିଛି। ବିଭିନ୍ନ ଦଳର ଅନେକ ଛାମୁଆ ନେତା ତାଙ୍କ ସହ ଯୋଗାଯୋଗରେ ଅଛନ୍ତି ବୋଲି ସେ କହିଛନ୍ତି । ଏହି ରାଜନୈତିକ ହଲଚଲ ମଧ୍ୟରେ କଟକ ବାରବାଟୀ ବିଧାୟିକା ତଥା ମୋକିମଙ୍କ କନ୍ୟା ସୋଫିଆ ଫିର୍ଦ୍ଦୋଶଙ୍କ ନୂଆବର୍ଷ ଶୁଭେଚ୍ଛା ପୋଷ୍ଟର ଏବେ ସବୁଠାରୁ ବଡ଼ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ସହରର ବିଭିନ୍ନ ସ୍ଥାନରେ ଦୁଇ ପ୍ରକାରର ପୋଷ୍ଟର ଦେଖିବାକୁ ମିଳୁଛି ଗୋଟିଏ ପୋଷ୍ଟରରେ କେବଳ ସୋଫିଆ ଓ ତାଙ୍କ ପିତା ମହମ୍ମଦ ମୋକିମଙ୍କ ଫଟୋ ରହିଛି, କିନ୍ତୁ କଂଗ୍ରେସର ଚିହ୍ନ କିମ୍ବା କୌଣସି ନେତାଙ୍କ ଫଟୋ ନାହିଁ। ଅନ୍ୟ ପୋଷ୍ଟରରେ

## 'ହୋଡିଂ ରାଜନୀତି'କୁ ନେଇ କଂଗ୍ରେସରେ ଦ୍ୱନ୍ଦ୍ୱ

ସୋଫିଆଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଫଟୋ ରହିଛି, ମାତ୍ର ସେଥିରୁ ମୋକିମଙ୍କ ଫଟୋ ବାଦ୍ ଦିଆଯାଇଛି। ଏହି ପୋଷ୍ଟର କଂଗ୍ରେସ କର୍ମୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏ ସମ୍ପର୍କରେ ମୋକିମ କହିଛନ୍ତି ଯେ, ଏହି ହୋଡିଂ କେଉଁ ସମର୍ଥକ ବା ପ୍ରଶଂସକ ଲଗାଇଛନ୍ତି ସେ ବିଷୟରେ ସେ ଅବଗତ ନାହାନ୍ତି। ସୋଫିଆଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି ଏବଂ ସବୁ ସ୍ଥାନରେ ଦଳୀୟ ଚିହ୍ନର ଆବଶ୍ୟକତା ନ ଥାଏ। ସହରବାସୀଙ୍କ ସମର୍ଥନ ତାଙ୍କ ସହ ରହିଛି ଏବଂ ଅଧିକାଂଶ ସ୍ଥାନରେ ଦଳୀୟ ନେତାଙ୍କ ସହ ସୋଫିଆଙ୍କ ବ୍ୟାନର ମଧ୍ୟ ରହିଛି ବୋଲି ସେ କହିଛନ୍ତି

ଗୋଟିଏ ପଟେ ସୋଫିଆ ଦଳୀୟ ଆନୁଗତ୍ୟ ଦେଖାଉଥିବା ବେଳେ ଅନ୍ୟପଟେ ପିତାଙ୍କ ନୂତନ ରାଜନୈତିକ ମଞ୍ଚକୁ ପରୋକ୍ଷ ସମର୍ଥନ କରୁଥିବା ମନେହେଉଛି। ସୋଫିଆଙ୍କ ସ୍ୱତନ୍ତ୍ର ପରିଚୟ ଓ ମୋକିମଙ୍କ ସାଂଗଠନିକ ଦକ୍ଷତା ମିଶିଲେ କଟକ ସହର ତଥା ଓଡ଼ିଶା ରାଜନୀତିରେ ଏକ ନୂଆ ବିକଳ୍ପ ସୃଷ୍ଟି ହୋଇପାରେ ବୋଲି ଚର୍ଚ୍ଚା ହେଉଛି। କଂଗ୍ରେସରେ ରହି ସୋଫିଆ ପିତାଙ୍କ ନୂଆ ଦଳକୁ ପରୋକ୍ଷ ସମର୍ଥନ ଦେବେ ନା ଦଳ ଛାଡ଼ି ମୋକିମଙ୍କ ମଞ୍ଚରେ ସାମିଲ ହେବେ, ତାହା ଉପରେ ଏବେ ରାଜନୈତିକ ବିଶେଷଜ୍ଞଙ୍କ ତୀକ୍ଷ୍ଣ ନଜର ରହିଛି।

ନୂଆବର୍ଷରେ ହଲ୍‌ରେ ଗୋଟିଏ ଓଡ଼ିଆ ସିନେମା

# ଓଡ଼ିଶା ହଲ୍‌ରେ ଚାଲିଛି ହିନ୍ଦୀ ଓ ତେଲୁଗୁ ସିନେମା

ଭୁବନେଶ୍ୱର, ୩୧।୧୨(ସମିସ): ବର୍ତ୍ତମାନ ଓଡ଼ିଆ ସିନେମା ଶିଳ୍ପ ଅଣ୍ଟା ସଳଖୁ ଥିବା ବେଳେ ନୂଆବର୍ଷରେ ନିରାଶ ହୋଇଛନ୍ତି ଓଡ଼ିଆ ଦର୍ଶକ। ଗତବର୍ଷ ନୂଆବର୍ଷରେ କେବଳ ଗୋଟିଏ ସଡ଼ିଆ ସିନେମା 'ପରବ୍' ମୁକ୍ତିଲାଭ କରିଥିବା ବେଳେ ଚଳିତ ବର୍ଷ ନୂଆ ବର୍ଷରେ ମାତ୍ର ଗୋଟିଏ ଓଡ଼ିଆ ସିନେମା 'ଲଢ଼େଇ' ଦେଖିବେ ଦର୍ଶକ। ତାହା ପୁଣି ହାତଗଣତି ସୋ'। ତେବେ ଆଉ ଏକ ସିନେମା 'ମୋଟର ସାଇକେଲ' ରିଲିଜ୍ ହେବାର ୩ ସପ୍ତାହ ବିତିଯାଇଥିବା ବେଳେ ଗତକାଲି ମୁକ୍ତିଲାଭ କରିଛି 'ଲଢ଼େଇ'। ମଲ୍‌ଟିପ୍ଲେକ୍ସରେ ୨ଟି ଶୋ ଚାଲିଥିବା ବେଳେ ମହାରାଜା ଓ ଶ୍ରୀୟା, ସ୍ୱାତୀରେ ରେ ମଧ୍ୟ ୨ଟି ଲେଖାଏଁ ଶୋ ଚାଲିଛି। ତେବେ ଗୁରୁବାର ହିନ୍ଦୀ ଓ ତେଲୁଗୁ ସିନେମା ରିଲିଜ୍ ହେବା ପରେ ଦିନକୁ ଗୋଟିଏ ଲେଖାଏଁ ଶୋ ଚାଲିବ ବୋଲି ସୂଚନା ରହିଛି। ତେବେ ଓଡ଼ିଶା ସିନେମା ହଲ୍‌ରେ ଓଡ଼ିଆ ସିନେମା ଚଲାଇବାକୁ ସଂଘର୍ଷ କରୁଛନ୍ତି ପ୍ରଯୋଜକ। ହେଲେ ସିନେମା ହଲ୍ ମାଲିକମାନେ ନିଜ ବ୍ୟବସାୟକୁ ଦୃଷ୍ଟିରେ ରଖି ହିନ୍ଦୀ ଓ ତେଲୁଗୁ ସିନେମାକୁ ଅଧିକ ପ୍ରାଧାନ୍ୟ ଦେଉଥିବା କୁହାଯାଉଛି।

ପୂର୍ବରୁ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ସିନେମା କରାଯାଉଥିଲା। ବିଶେଷ କରି ବିଭିନ୍ନ ଉତ୍ସବ ପୂର୍ବରୁ ସିନେମା ଗୁଡ଼ିକ ମୁକ୍ତିଲାଭ କରୁଥିଲା। ଦର୍ଶକ ପ୍ରେକ୍ଷାଳୟ ମୁହାଁ ହେଉଥିବାବେଳେ ଗହଳିଚହଳି ଲାଗୁଥିଲା ଏବଂ ସିନେମା ମଧ୍ୟ ଭଲ ବ୍ୟବସାୟ

## ବଡ଼ ବଡ଼ କଳାକାରଙ୍କ ଟାର୍ଗେଟ ଦୁର୍ଗାପୂଜା ଓ ରଜ

କରୁଥିଲା। ବିଶେଷ କରି ନୂଆବର୍ଷରେ ସିନେମା ହଲ୍‌ରେ ଜମେ ପ୍ରବଳ ଭିଡ଼। ଏହି ଦିନରେ କେବଳ ସିନେମା ପ୍ରେମୀ ନୁହଁନ୍ତି ବରଂ ସିନେମା ପ୍ରତି ରୁଚି ନ ଥିବା ବ୍ୟକ୍ତିମାନେ ମଧ୍ୟ ପରିବାର ଏବଂ ବନ୍ଧୁମାନଙ୍କ ସହ ଏକାଠି ବସି ସିନେମା ଦେଖିବାକୁ ପସନ୍ଦ କରିଥାନ୍ତି। ବିଗତ କିଛି ବର୍ଷ ହେବ ନୂଆ ର୍ଷରେ ୧ରୁ ୨ଟି ସିନେମା ମୁକ୍ତିଲାଭ କରୁଛି। ଗୋଟେପଟେ ରାଜ୍ୟରେ ପ୍ରେକ୍ଷାଳୟ ସଂଖ୍ୟା କମୁଥିବାବେଳେ ଦର୍ଶକଙ୍କୁ ଆକର୍ଷଣ କଲାଭଳି ଚଳଚ୍ଚିତ୍ର ଆସୁନାହିଁ। ଚଳିତ ନୂଆବର୍ଷରେ ଗୋଟିଏ ମାତ୍ର ସିନେମା ବଡ଼ପରଦାକୁ ଆସିଛି। ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ ଏବଂ ଅଶୋକ ପତିଙ୍କ ନିର୍ଦ୍ଦେଶିତ ସିନେମା 'ଲଢ଼େଇ'ରେ ବ୍ରହ୍ମପୁର ଅଞ୍ଚଳର ଚାଲିଚଳଣି ରୀତିନୀତି ସହିତ ଖାଦ୍ୟ ଉପରେ ପର୍ଯ୍ୟବେଶିତ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ନବାଗତ କଳାର ରହିଥିବା ବେଳେ ଅଧିକାଂଶ ୟୁ-ଟ୍ୟୁବର ଏବଂ ନାଟକ କରୁଥିବା କଳାକାର ରହିଛନ୍ତି। ତେବେ ଓଡ଼ିଆ ସିନେମା ଜଗତର ଆଗଧାଡ଼ିର କଳାକାରମାନେ ରଜ ଓ ଦୁର୍ଗାପୂଜାକୁ ଟାର୍ଗେଟ କରୁଥିବା ଆଲୋଚନା ହେଉଛି। ସୂଚନା ଅନୁସାରେ ସିନେମାଟି ସାରା ରାଜ୍ୟର ୫-୫ଟି ହଲରେ ମୁକ୍ତିଲାଭ କରିଥିବା ବେଳେ ଭୁବନେଶ୍ୱରରେ ହାତଗଣତି ଶୋ' ଚାଲୁଥିବାରୁ ଉକ୍ତ ସମୟ ସମସ୍ତଙ୍କୁ ସୁହାଉ ନ ଥିବା ଦର୍ଶକମାନେ କହିଛନ୍ତି। ପ୍ରାଇମଟାଇମ୍‌ରେ ଓଡ଼ିଆ ସିନେମା ନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି ଦର୍ଶକ।

# ଅରବିନ୍ଦ ପାଢ଼ୀଙ୍କ ପଦୋନ୍ନତି

ଭୁବନେଶ୍ୱର,୩୧।୧୨(ସମିସ): ୧୯୯୬ ବ୍ୟାଚର ବରିଷ୍ଠ ଆଇଏଏସ ତଥା ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀଙ୍କୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ତାଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ମିଳିଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ଯାଏଁ ସେ ବର୍ତ୍ତମାନ ଥିବା ପଦରେ ଦାୟିତ୍ୱ ଜାରି ରଖିବେ ବୋଲି କୁହାଯାଇଛି। ସେହିପରି ୧୯୯୫ ବ୍ୟାଚର ବରିଷ୍ଠ ଆଇଏସ ସୁଶୀଲ କୁମାର ଲୋହାନୀଙ୍କୁ ମଧ୍ୟ ପେ ମାଟ୍ରିକ୍ସର ଲେଭୁଲ-୧୭କୁ ପଦୋନ୍ନତି ଦିଆଯାଇଛି।




ମୁଖ୍ୟ ସଚିବ ପଦରୁ ଅବସର ପରେ ମନୋଜ ଆହୁଜା ଓ ତାଙ୍କ ସହଧର୍ମିଣୀ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଆରତୀ ଆହୁଜା ବୁଧବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ରାଜଭବନରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ଏହି ଅବସରରେ ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି, ରାଜ୍ୟପାଳଙ୍କ କମିଶନର ରୂପା ରୋଶନ ସାହୁ ଉପସ୍ଥିତ ।

# ମୁଖ୍ୟ ସଚିବ ଭାବେ ଦାୟିତ୍ୱ ନେଲେ ଅନୁ ଗର୍ଗ

ଭୁବନେଶ୍ୱର,୩୧।୧୨(ସମିସ): କ୍ୟାଲେଣ୍ଡର ବର୍ଷର ଶେଷ କାର୍ଯ୍ୟ ଦିବସରେ ରାଜ୍ୟର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବରିଷ୍ଠ ଆଇଏଏସ ଅନୁ ଗର୍ଗ । ବିଦାୟୀ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର ସହ ବିପୁଳ ଶୁଭେଚ୍ଛା ଜଣାଇଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଶ୍ରୀମତୀ ଗର୍ଗ ଏହା ତାଙ୍କ ପାଇଁ ଏକ ବଡ଼ ଦାୟିତ୍ୱ ଓ ସ୍ୱପ୍ନର ଓଡ଼ିଶା ଗଠନ



## ବଡ଼ ଦାୟିତ୍ୱ, ବ୍ୟାପକ ସୁଯୋଗ ରହିଛି

ମୋର ଲକ୍ଷ୍ୟ ବୋଲି କହିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଗଣଧମକୁ ପ୍ରତିକ୍ରିୟା ଦେଇ ଶ୍ରୀମତୀ ଗର୍ଗ କହିଛନ୍ତି ଯେ ଚାକିରୀ ଆରମ୍ଭରେ ସବୁ ଆଇଏଏସଙ୍କର ସ୍ୱପ୍ନ ଥାଏ ରାଜ୍ୟର ଉନ୍ନତି ଏବଂ ପ୍ରଗତି କ୍ଷେତ୍ରରେ ଯୋଗ ଦେବା ପାଇଁ। ଆମେ ଓଡ଼ିଶା ପାଇଁ ଏକ ବହୁତ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଛୁ। ୨୦୩୬ ଭିଜନ୍ ଡକ୍ୟୁମେଣ୍ଟକୁ କାର୍ଯ୍ୟକାରୀ ସହ ୨୦୪୭ରେ ଦେଶ କିପରି ଲକ୍ଷ୍ୟ ପଥରେ ପହଞ୍ଚିବ କାର୍ଯ୍ୟ କରିବୁ। ସ୍ୱପ୍ନର ଓଡ଼ିଶା ଗଠନ କରିବା ପାଇଁ ସମସ୍ତେ ମିଶି କାମ କରିବା। ଆଗାମୀ ଦିନରେ ବହୁତ ଆହ୍ୱାନ ରହିଛି। ଇଜ୍ ଅଫ୍ ଡୁଇଙ୍ଗ ବିଜିନେସ୍‌କୁ ଗୁରୁତ୍ୱ ଦିଆଯିବ,ମହିଳାଙ୍କ ସହ ଯୁବକ, ଯୁବତୀଙ୍କ ସଶକ୍ତିକରଣକୁ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷେ ନୂଆ ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦେଇ ସେ କହିଛନ୍ତି ଯେ ରାଜ୍ୟର ପ୍ରଶାସନିକ ସେବାରେ ନେତୃତ୍ୱ ନେବାରେ ଶ୍ରୀମତୀ ଗର୍ଗ ପ୍ରଥମ ମହିଳା । ତାଙ୍କର ନିଯୁକ୍ତି ଉତ୍କର୍ଷତା ଓ ସଶକ୍ତୀକରଣର ପ୍ରତୀକ। ତାଙ୍କର ଦୀର୍ଘଦିନର ଅଭିଜ୍ଞତା ଓ ଦୂରଦୃଷ୍ଟି ଓଡ଼ିଶାକୁ ବିକାଶର ନୂଆ ଉଚ୍ଚତାରେ ପହଞ୍ଚାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଅବସରପ୍ରାପ୍ତ ମୁଖ୍ୟ ସଚିବ ମନୋଜ ଅହୁଜାଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ୪୭ ଡିଏସପିଙ୍କୁ ଅତିରିକ୍ତ ଏସପି ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର,୩୧।୧୨ (ସମିସ): ରାଜ୍ୟ ପୁଲିସ ବିଭାଗର ଡିଏସପି ପାହ୍ୟାର ଅଧିକାରୀମାନଙ୍କର ପଦୋନ୍ନତି ହୋଇଛି। ବିଭିନ୍ନ ପୁଲିସ ଶାଖାରେ କାର୍ଯ୍ୟରତ ୪୭ ଜଣ ଡିଏସପିଙ୍କୁ ଅତିରିକ୍ତ ଏସପି ପାହ୍ୟାକୁ ପଦୋନ୍ନତି କରିଛନ୍ତି ରାଜ୍ୟ ସରକାର। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ପୂର୍ବବତ୍ ସେହିଠାରେ କାମ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଅଧିକାରୀମାନେ ଡେପୁଟେସନରେ ଅନ୍ୟ ଶାଖାକୁ ଯାଇଛନ୍ତି, ସେହିଠାରେ ଅତିରିକ୍ତ ଏସପି ପାହ୍ୟାରେ ଯୋଗ ଦେବାକୁ କୁହାଯାଇଛି। ଯଦି ସେଠାରେ ପଦବୀ ଉପଲବ୍ଧ ନଥାଏ, ତେବେ ପ୍ୟାରେଣ୍ଟ୍ କ୍ୟାଡରକୁ ଫେରି ଉଚ୍ଚ ପଦବୀରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଦୁଇ ଜଣ ଅଧିକାରୀଙ୍କୁ ଅତିରିକ୍ତ ଏସପିରୁ ଏସପି ପାହ୍ୟାକୁ ପଦୋନ୍ନତି ହୋଇଛି। ଗଜପତି ଅତିରିକ୍ତ ଏସପି ସୁନୀଲ କାନ୍ତ ମହାନ୍ତି ଓ ରାୟଗଡ଼ା ଜିଲ୍ଲା ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଅମୂଲ୍ୟ କୁମାର ଧରଙ୍କୁ ରାଜ୍ୟ ସରକାର ଏସପି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ବୁଧବାର ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

# ବସ୍ ଦୁର୍ଘଟଣାରେ ଦୁଇ ମୃତ

ଆଠଗଡ଼,୩୧।୧୨(ସମିସ): ବର୍ଷର ଶେଷ ଦିନରେ ଆଠଗଡ଼ ରଥଗଡା ଛକ ଠାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ବୁଧବାର ସକାଳ ପ୍ରାୟ ୧୦ଟା ସମୟରେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ୪ନଂ ୱାର୍ଡ ହରିଜନ ସାହିର ବସନ୍ତ ନାଏକଙ୍କ ପୁଅ ରାମ ନାଏକ (୩୮) ଏବଂ କଟକ ମାଲଗୋଦାମ ଥାନା ଅନ୍ତର୍ଗତ ମୁରାଦଖାଁ ପାଟଣାର ସ୍ୱର୍ଗତ ଅଚ୍ୟୁତାନନ୍ଦ ନାଏକଙ୍କ ପୁଅ ତାପସ କୁମାର ନାଏକ ଏକ ମୋଟର ସାଇକଲ ନଂ ଓଡି -୦୫-ସିଇ-୯୮୭୨ ରେ ସାପୁଆ ନଦୀ ଆଡ଼କୁ ଯାଉଥିବା ସମୟରେ କଟକ ଆଡୁ ଆସୁଥିବା ଯାତ୍ରୀବାହୀ ବସ୍ ନୟନା ନଂ ଓଡି -୦୫-ଏଏଚ- ୯୯୪୧ର ଚକ ତଳକୁ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଖବର ପାଇ ଆଠଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବା ସହିତ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁଇ ମୃତକଙ୍କ ପରିବାର ଓ ସାହି ଲୋକମାନେ କ୍ଷତିପୂରଣ ଦାବିକରି ପୁରୁଣା କଟକ-



ସମ୍ବଲପୁର ରାସ୍ତା ମେଡିକାଲ ଛକ ଠାରେ ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ସମୟ ଅବରୋଧ ହେବା ଦ୍ୱାରା ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ଆଠଗଡ

## କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ପୁଲିସ ଓ ମାଜିଷ୍ଟ୍ରେଟ ରାସ୍ତା ଅବରୋଧକାରୀଙ୍କୁ ବୁଝାସୁଝା କରିବା ପରେ ଅପରାହ୍ନରେ ରାସ୍ତା ଅବରୋଧ ହଟିଥିଲା। ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଉଭୟ ମୃତକଙ୍କ ଶବ ବ୍ୟବଚ୍ଛେଦ କରିବା ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଅଭିଜିତ୍ ମଜୁମଦାର ବିପଦମୁକ୍ତ

ଭୁବନେଶ୍ୱର, ୩୧।୧୨(ସମିସ): ବିପଦମୁକ୍ତ ହୋଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ଯଦିଓ ସେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇନାହାନ୍ତି, ତଥାପି ସେ ବର୍ତ୍ତମାନ ବିପଦମୁକ୍ତ ଅଛନ୍ତି। ଆସନ୍ତା ଦୁଇଦିନ ମଧ୍ୟରେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯିବ ବୋଲି ଏମ୍ସ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି।



ଅନେକ ଦିନରୁ ଲିଭର ଜନିତ ରୋଗରେ ପୀଡ଼ିତ ହୋଇଥିବା ଅଭିଜିତ୍ ଗଣେଶ ପୂଜା ଦିନ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟରେ ଉନ୍ନତି ନହେବାରୁ ତାଙ୍କୁ ୪ତାରିଖରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଥମେ ଟ୍ରମାକେୟାରରେ ରଖାଯାଇ ଚିକିତ୍ସା ଆରମ୍ଭ କରିଥିବା ବେଳେ ପରେ ତାଙ୍କୁ କ୍ରିଟିକାଲ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ବ୍ରେନ୍‌ରେ ସୋଡିୟମ୍ କମୁଥିବା ବେଳେ ନିଶ୍ୱାସ ନେବାରେ ସମସ୍ୟା ହେଉଥିବା ଡାକ୍ତର ସୂଚନା ଦେଇଥିଲେ। ତାଙ୍କୁ ସ୍ୱଷ୍ଟାନିୟସ୍ ମୋଡ ଭେଣ୍ଟିଲେଟରରେ ରଖାଯାଇଥିଲା ଓ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିଲା। ଶେଷରେ ତାଙ୍କୁ ସୁସ୍ଥ କରିବା ପାଇଁ ଡାକ୍ତରମାନଙ୍କ ପ୍ରଚେଷ୍ଟା ସଫଳ ହୋଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସୁଥିବା ଜାଣି ପ୍ରଶଂସକମାନେ ଖୁସି ବ୍ୟକ୍ତ କରିଛନ୍ତି।

# ଗଜପତି ମହାରାଜଙ୍କ ଦ୍ୱାରା ତ୍ରିମ୍‌ସ ଅଧ୍ୟକ୍ଷ ସମ୍ମାନିତ

ଟାଙ୍ଗୀ, ୩୧।୧୨ (ସ.ପ୍ର): ତ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଦ୍ୱାରା 'ଗୁରୁକୃପା ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ମା' ଜାଗୁଳାଇଙ୍କ ପୀଠରେ ବିଶ୍ୱ ସନାତନ ଯୁବ ସେବା ସଂଘ ଓ ଗୁରୁକୃପା ଚାରିଟେବୁଲ ଟ୍ରଷ୍ଟ ଆନୁକୁଲ୍ୟରେ ୫ଦିନ ବ୍ୟାପୀ ବ୍ୟକ୍ତିତ୍ୱ ବିକାଶ ଶିବିର, ଶ୍ରୀଜଗନ୍ନାଥ କଥାମୃତ ଓ ସନାତନ ଧର୍ମ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଡ. ରଥଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସଂଘର ସଭାପତି ବାବା ସତ୍ୟାନନ୍ଦ ଦାସଙ୍କ ପୋ÷ରୋହିତ୍ୟରେ ଆୟୋଜିତ ଉତ୍ସବରେ ପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ସରସ୍ୱତୀ, ମାଧବାନନ୍ଦ ସରସ୍ୱତୀ, ଜଗଦୀଶାନନ୍ଦ ସରସ୍ୱତୀ, ପୁରୀ ରାଧାବଲ୍ଲବ ମଠର ମହନ୍ତ ରାମକୃଷ୍ଣ ଦାସ ମହାରାଜ



ପ୍ରବଚନ ପ୍ରଦାନ କରିଥିଲେ। ପୂର୍ବତନ ବିଧାୟକ ପ୍ରଭାତ ରଂଜନ ବିଶ୍ୱାଳ, ତ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉତ୍ସବରେ ଯୋଗଦେଇଥିଲେ ।

# ପ୍ରଦୂଷଣ ନାମରେ ଜରିମାନା ଆଦାୟ ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ୧୫ରୁ ଦୁର୍ବାର ଆନ୍ଦୋଳନ

ଭୁବନେଶ୍ୱର,୩୧।୧୨(ସମିସ): ଓଡ଼ିଶା ସରକାର ପ୍ରଦୂଷଣ ନାମରେ ସାଧାରଣ ଲୋକଙ୍କଠାରୁ ଆଦାୟ କରୁଥିବା ବିଭିନ୍ନ ଜରିମାନା ଜାନୁଆରୀ ୧୪ ତାରିଖ ପୂର୍ବରୁ ତୁରନ୍ତ ବନ୍ଦ କରିବା ଦରକାର। ଖଣି ଖାଦାନ ଉପରେ ଶହ ଶହ କୋଟି ଟଙ୍କା ବକେୟା ପଡ଼ି ରହିଛି। ହେଲେ ସରକାର ଏହି ଅର୍ଥକୁ ଛାଡ଼ି ଗରିବଙ୍କଠାରୁ ଜୁଲମ କରି ଜରିମାନା ଆଦାୟ କରୁଛନ୍ତି। ଏହାକୁ ତୁରନ୍ତ ବନ୍ଦ କରିବାକୁ ନବନିର୍ମାଣ ଯୁବଛାତ୍ର ସଂଗଠନ ଦାବି କରିଛି। ଯଦି ରାଜ୍ୟ ସରକାର ଜରିମାନା ଆଦାୟ ବନ୍ଦ ନକରନ୍ତି, ତେବେ ଆଗାମୀ ଜାନୁଆରୀ ୧୫ ତାରିଖରୁ ଜରିମାନା ଆଦାୟକୁ ନେଇ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ କହିଛନ୍ତି।

ବୁଧବାର ଏହା ବିରୋଧରେ ନବନିର୍ମାଣ ସଂଗଠନର ଯୁବଛାତ୍ରମାନେ ଏଜି ଛକ ସ୍ଥିତ ଟ୍ରାଫିକ୍ ଥାନା ସମ୍ମୁଖରେ ଏକତ୍ରିତ ହୋଇ ବିକ୍ଷୋଭ କରିଥିଲେ। ଶ୍ରୀ ଅଲ୍ଲୀ କହିଛନ୍ତି ଯେ, ଜରିମାନା ଆଦାୟ ନାମରେ ସାଧାରଣ ଲୋକଙ୍କୁ ହଇରାଣ ନ କରିବା ସହ ପୂର୍ବରୁ ଯେଉଁମାନଙ୍କ ଠାରୁ ଜରିମାନା ଆଦାୟ କରାଯାଇଛି ତାକୁ ରଦ୍ଦ କରିବା ପାଇଁ ରାଜ୍ୟ ସରକାରଙ୍କୁ ୧୪ ଦିନ ସମୟ ଦେଉଛୁ। ଖଣି କ୍ଷେତ୍ରରେ ବଡ଼ ବଡ଼ କମ୍ପାନୀ ଗୁଡ଼ିକୁ ବାୟୁ, ଜଳ ଓ ଜଙ୍ଗଲ ଭଳି ପରିବେଶ ନିୟମମୁକ୍ତ ଖୋଲାଖୋଲି ଉଲଙ୍ଘନ କରୁଥିବା ବେଳେ ସେମାନଙ୍କଠାରୁ ଜରିମାନା ଆଦାୟ କରିବାକୁ ସରକାର ସାହସ କରୁନାହାନ୍ତି।




ଏପର୍ଯ୍ୟନ୍ତ ଏ ବାବଦରେ ୩୯୬୬ କୋଟି ଟଙ୍କା ବାକେୟା ପଡଛି। ଅପର ପକ୍ଷରେ ସାଧାରଣ ଜନତାଙ୍କ ଠାରୁ ପ୍ରଦୂଷଣ ନାମରେ ଜିଜିଆ କର ଆଦାୟ କରି ନିଜର ପାରିବା ପଣିଆ ଦେଖାଉଛନ୍ତି। ୪୨ ଶିଳ୍ପ ସଂସ୍ଥା ୩୭୯୭ କୋଟି ଟଙ୍କା ଜଳକର ମଧ୍ୟ ବକେୟା ରଖିଛନ୍ତି। ମାତ୍ର ଲୋକଙ୍କ ତଣ୍ଟି ଚିପିବା ପାଇଁ ସରକାର ସଂକଳ୍ପବଦ୍ଧ କାହିଁକି ବୋଲି ସଂଗଠନ ପ୍ରଶ୍ନ କରିଛି।

ଏମ୍‌ସରେ ପ୍ରଥମ ଯକୃତ ପ୍ରତିରୋପଣ

# ବଡ ଭାଇଙ୍କୁ ଜୀବନ ଦେଲେ ସାନ ଭାଇ

**ଭୁବନେଶ୍ୱର,୩୧।୧୨ (ସମିସ):** ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ) ଭୁବନେଶ୍ୱର ନିଜ ସଫଳତାର ଯାତ୍ରାରେ ଆଉ ଏକ ଗୌରବମୟ ଫର୍ଦ୍ଦ ଯୋଡ଼ିଛି ଭୁବନେଶ୍ୱର। ପୂର୍ବ ଭାରତରେ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନରେ ନିର୍ଭରଯୋଗ୍ୟ ବ୍ରାଣ୍ଡ ପାଲଟିଥିବା ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସଫଳତାର ସହିତ ପ୍ରଥମ ଯକୃତ(ଲିଭର) ପ୍ରତିରୋପଣ ସମ୍ପନ୍ନ କରିଛି। ଏହି ଜୀବନ ରକ୍ଷାକାରୀ ଚିକିତ୍ସା ସେବା ପ୍ରଦାନ ଓଡ଼ିଶାସମେତ ପଡ଼ୋଶୀ ରାଜ୍ୟର ଜନସାଧାରଣଙ୍କୁ ବିଶେଷ ଲାଭ ପ୍ରଦାନ କରିବ। ଚଳିତ ମାସ ୨୦ ତାରିଖରେ ଏମ୍‌ସ ଭୁବନେଶ୍ୱର ପ୍ରଥମ ଲିଭର ପ୍ରତିରୋପଣ କରି ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି। ପୁରୀ ଜିଲ୍ଲା ପିପିଲି ଅଞ୍ଚଳର ୩୭ ବର୍ଷୀୟ ଯୁବକ, ନିଜର ଅସୁସ୍ଥ ଯକୃତ କାରଣରୁ ଲକ୍ଷାଧିକ ଟଙ୍କା ବ୍ୟୟ କରି ଏକପ୍ରକାର ଅସହାୟ ହୋଇପଡ଼ିଥିଲେ। ଉନ୍ନତ ଚିକିତ୍ସା ପାଇଁ ପ୍ରାୟ ୮୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେବା ନେଇ ବିଭିନ୍ନ ହସ୍ପିଟାଲ ପକ୍ଷରୁ କୁହାଯାଇଥିଲା। ଅନ୍ୟ କୌଣସି ଉପାୟ ନପାଇ ଶେଷରେ ଏମ୍‌ସରେ ଭର୍ତ୍ତି ହୋଇଥିଲେ। ୩୦ ବର୍ଷୀୟ ସାନ ଭାଇ ବଡ଼ ଭାଇଙ୍କୁ ନିଜର ଯକୃତ ପ୍ରଦାନ କରିଛନ୍ତି। ପ୍ରତିରୋପଣ ପରେ ଉଭୟ ଭାଇ ସୁସ୍ଥ ଅଛନ୍ତି। ସାନ ଭାଇ ହସ୍ପିଟାଲରୁ ଡିସ୍‌ଚାର୍ଯ ହୋଇଥିବା ବେଳେ ଆଉ କିଛିଦିନ ମଧ୍ୟରେ ବଡ ଭାଇ ମଧ୍ୟ ଘରକୁ ଯିବାନେଇ ସୂଚନା ଦେଇଛନ୍ତି ଡ. ବିଶ୍ୱାସ। ୫୦ ରୁ ଅଧିକ ସଦସ୍ୟଙ୍କୁ ନେଇ ଗଠିତ ଏହି ଅସ୍ତ୍ରୋପଚାର ଦଳ ଏହି ପ୍ରକ୍ରିୟା ସମାପ୍ତ କରିବାକୁ ପ୍ରାୟ ୧୪ ଘଣ୍ଟା ସମୟ ନେଇଥିଲା। ଏହି ପ୍ରତିରୋପଣ ପ୍ରକ୍ରିୟା, ଭାତୃତ୍ୱ ପ୍ରେମର ଅପୂର୍ବ ନିଦର୍ଶନ ଦେଖିବାକୁ ମିଳିଛି। ଭାବର ଅପୂର୍ବ ପ୍ରେମକୁ ପୁନର୍ବାର ପ୍ରମାଣିତ କରିଛି। ସାନ ଭାଇର ଯକୃତ ଗ୍ରହଣ କରି ବଡ଼ ଭାଇ ଏକପ୍ରକାର




ନୂତନ ଜୀବନ ପାଇଛନ୍ତି। ଏମ୍‌ସରେ ଆୟୁଷ୍ମାନ ଭାରତ ଯୋଜନା ମାଧ୍ୟମରେ ସୁଲଭ ମୂଲ୍ୟରେ ଏଓ ଅତ୍ୟାଧୁନିକ ସୁବିଧା ସୁଯୋଗରେ ସେ ଆଜି ସୁସ୍ଥ ହୋଇପାରିଥିବା ଭାବବିହ୍ୱଳ ହୋଇ ପ୍ରକାଶ କରିଛନ୍ତି ତାଙ୍କ ପିତା।

ଏମ୍‌ସ ଭୁବନେଶ୍ୱର ଗ୍ୟାଷ୍ଟ୍ରୋସର୍ଜରୀ ବିଭାଗ ମୁଖ୍ୟ ଡ. ବ୍ରହ୍ମଦତ୍ତ ପଟ୍ଟନାୟକ, ଡ. ତନ୍ମୟ ଦତ୍ତ ଏବଂ ଡ. ସୁନୀତା ଗୁପ୍ତାଙ୍କ ନେତୃତ୍ୱରେ, ନୂଆଦିଲ୍ଲୀର ଆଇଏଲ୍‌ବିଏସ, ଲିଭର ପ୍ରତିରୋପଣ ଅସ୍ତ୍ରୋପଚାର ମୁଖ୍ୟ ପ୍ରଫେସର (ଡ.) ବିନୟେନ୍ଦ୍ର ପାମେଚା ଏବଂ ତାଙ୍କ ବିଶେଷଜ୍ଞ ଦଳର ମାର୍ଗଦର୍ଶନରେ ଏହି ଲିଭର ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଥିଲା। ଏମ୍‌ସ ଭୁବନେଶ୍ୱର ପେଡିଆଟ୍ରିକ୍ସ ସର୍ଜରୀ ବିଭାଗର ଡ. ସୁବ୍ରତ କୁମାର ସାହୁ, (ତାଲିମପ୍ରାପ୍ତ ଶିଶୁ ଯକୃତ ପ୍ରତିରୋପଣ ସର୍ଜନ) ମଧ୍ୟ ଶଲ୍ୟଚିକିତ୍ସା ଦଳର ଜଣେ ପ୍ରମୁଖ ସଦସ୍ୟ ଥିଲେ। ଏହି କାର୍ଯ୍ୟକ୍ରମକୁ ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ଶିଶୁ ଚିକିତ୍ସା ବିଭାଗ ମୁଖ୍ୟ ତଥା ଓଟି କମିଟି ଅଧ୍ୟକ୍ଷ ଡ. ମନୋଜ କୁମାର ମହାନ୍ତିଙ୍କ ପକ୍ଷରୁ ଆନୁଷ୍ଠାନିକ ସମର୍ଥନ ମିଳିଥିଲା। ଆନାସ୍ଥେସିଓଲୋଜି ଏବଂ କ୍ରିଟିକାଲ୍ କେୟାର ମୁଖ୍ୟ ଡ. ସତ୍ୟଜିତ ମିଶ୍ର, ଡ. ଶ୍ରୀତମ ସ୍ୱରୂପ ଜେନା ଏବଂ ଡ. ପ୍ରସନ୍ନ କୁମାର ଦାସ ପ୍ରମୁଖ ନିଶ୍ଚେତକ ସହାୟତା ପ୍ରଦାନ କରିଥିଲେ। ଡ. ତାରା ପ୍ରସାଦ ତ୍ରିପାଠୀ ଓ ଡ. ରଞ୍ଜନ କୁମାର ପଟେଲଙ୍କ ଦ୍ୱାରା ରେଡିଓଲୋଜିକାଲ୍ ସହାୟତା ସୁନିଶ୍ଚିତ କରାଯାଇଥିଲା। ଏମ୍‌ସ ଭୁବନେଶ୍ୱର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗୀୟ ମୁଖ୍ୟ ଡ. ମାନସ କୁମାର ପାଣିଗ୍ରାହୀ ଏବଂ ଡ. ହେମନ୍ତ କୁମାର ନାୟକ ଏହି ପ୍ରକ୍ରିୟାରେ ଏକ ବିଶେଷ ଭୂମିକା ନିର୍ବାହ କରିଛନ୍ତି। ଡ. ସୋମନାଥ ମୁଖାର୍ଜୀ, ଡ. ଅଂଶୁମାନ ସାହୁ ଏବଂ ଟିମ୍ ପକ୍ଷରୁ ରକ୍ତଭଣ୍ଡାର ସେବା ଯୋଗାଇ ଦିଆଯାଇଥିଲା। ନର୍ସିଂ ଅଧୀକ୍ଷକ ଡ. ଭି. ମହାଲିଙ୍ଗମଙ୍କ ନେତୃତ୍ୱରେ ନର୍ସିଂ ଏବଂ କ୍ରିଟିକାଲ୍ କେୟାର ନର୍ସିଂ

## ଉଭୟ ସୁସ୍ଥ; ଡିସଚାର୍ଜ ହେଲେ ଯକୃତ ପ୍ରଦାନକାରୀ

ବୃତ୍ତିଗତଙ୍କ ଏକ ପ୍ରତିବଦ୍ଧ ଦଳ ଦ୍ୱାରା ସାମଗ୍ରୀକ ନର୍ସିଂ ସେବା ପ୍ରତିରୋପଣର ସଫଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଦୀପକ ନାରାୟଣଙ୍କ ଦ୍ୱାରା ଅଙ୍ଗ ପ୍ରତିରୋପଣ ରୋଗୀ ପରାମର୍ଶ ପ୍ରକ୍ରିୟା ସମନ୍ୱିତ କରାଯାଇଛି। ପ୍ରକାଶ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବୈଷୟିକ ସହାୟତା ଯୋଗାଇ ଦିଆଯାଇଥିଲା। ଏପରି ସଫଳତା ନିମନ୍ତେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ ସମଗ୍ର ପ୍ରତିରୋପଣ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଉତ୍କର୍ଷତା ଏବଂ ସ୍ଥାୟୀ କ୍ଷମତା ନିର୍ମାଣ ସୁନିଶ୍ଚିତ କରିବା ପାଇଁ, ଏମ୍‌ସ ଭୁବନେଶ୍ୱର ଲିଭର ଓ ପିତ୍ତ ରୋଗ ପାଇଁ ଦେଶର ପ୍ରମୁଖ ସରକାରୀ କ୍ଷେତ୍ର ପ୍ରତିଷ୍ଠାନ, ନୂଆଦିଲ୍ଲୀର ଆଇଏଲ୍‌ବିଏସ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି।

# ଅକ୍ସିଡାଇଜ୍ ନେକ୍‌ଲେସ୍



**ସାଧାରଣତଃ ମହିଳାମାନେ ଆଉଟ୍‌ଫିଟ୍ ଅନୁସାରେ ଅଳଙ୍କାର ପିନ୍ଧିବାକୁ ପସନ୍ଦ କରନ୍ତି । ସେହିପରି ସିମ୍ପଲ ଆଉଟ୍‌ଫିଟ୍ ପିନ୍ଧୁଥିଲେ, ଏଥିରେ ଅକ୍ସିଡାଇଜ୍ ଚୋକର ପିନ୍ଧିପାରିବେ । ଜାଣିବା ସେ ବିଷୟରେ...**



### ହସ୍‌ଲି ଡିଜାଇନ୍

ସିମ୍ପଲ ଡିଜାଇନ୍ ସୁଟ୍ ପିନ୍ଧୁଥିଲେ, ଏଥିରେ ହସ୍‌ଲି ଚୋକର ନେକ୍‌ଲେସ୍ ପିନ୍ଧିପାରିବେ । ଏହା ଆଧୁନିକ ସମେତ ଏକ ପାରମ୍ପରିକ ଲୁକ୍ ଦେଇଥାଏ । ଏ ପ୍ରକାର ନେକ୍‌ଲେସ୍‌ରେ ସିମ୍ପଲ କାମ ରହିଥାଏ । ତେଣୁ ଏହାକୁ ଆଉଟଫିଟ୍ ଅନୁସାରେ ମ୍ୟାଚିଙ୍ଗ୍ କରି ପିନ୍ଧିପାରିବେ ।

### ଏଣ୍ଟିକ୍

ଆକର୍ଷଣୀୟ ଲୁକ୍ ଚାହୁଁଥିଲେ, ଏଣ୍ଟିକ୍ ଅକ୍ସିଡାଇଜ୍ ଚୋକର ସେଟ୍ ପିନ୍ଧିପାରିବେ । ଏଥିରେ ଏଣ୍ଟିକ୍ ଡିଜାଇନର ଲକେଟ୍ ଥାଏ । ଏହାକୁ ଯେ କୌଣସି ପ୍ଲେନ୍ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ । ଏଥିସହ ଚାହିଁଲେ ଏହାକୁ ଉପହାର ସଦୃଶ ଅନ୍ୟକୁ ଦେଇପାରିବେ ।

### ଫ୍ଲୋରାଲ୍

ସେହିପରି ଆଉଟଫିଟ୍ ଅନୁସାରେ ପିନ୍ଧିବାକୁ ଚାହୁଁଥିଲେ, ଫ୍ଲୋରାଲ୍ ଡିଜାଇନ ଅଳଙ୍କାର ପିନ୍ଧିପାରିବେ । ଏ ପ୍ରକାର ଚୋକର ସେଟ୍ ବଜାରରେ ଉପଲବ୍ଧ । ଏହା ଏଥିନିକ୍‌ରୁ ନେଇ ୱେଷ୍ଟର୍ଣ୍ଣ ଆଉଟଫିଟରେ ପିନ୍ଧିପାରିବେ ।

### ଲେୟାର୍ଡ

ଏ ପ୍ରକାର ନେକଲେସ ବେକକୁ ଖୁବ୍ ସୁନ୍ଦର ଦେଖାଯାଏ । ଏହା ବିଶେଷ କରି ସାହାସିଧା ଆଉଟ୍‌ଫିଟ୍‌ରେ ସୁନ୍ଦର ମାନିଥାଏ । ଏଥିରୁ ଏକ ଷ୍ଟାଇଲିଶ୍ ଏବଂ ଆଧୁନିକ ଲୁକ୍ ମିଳିଥାଏ ।

# ଆତ୍ମନିର୍ଭର, ସଶକ୍ତ ପାଇଁ ନୂଆ ସଂକଳ୍ପ



**ନୂଆବର୍ଷ ସଭିଙ୍କ ମନରେ ନୂତନ ଉତ୍ସାହ, ଉଦ୍ଦୀପନା ଭରିଦିଏ । ବିଶେଷ କରି ମହିଳାମାନେ ନିଜକୁ ପୁନଃପରିଭାଷିତ କରିବାର ଏହା ଏକ ସୁଯୋଗ । ଅଧିକାଂଶ ମହିଳା ପରିବାର, ସମାଜ ଏବଂ ସମ୍ପର୍କକୁ ପ୍ରାଧାନ୍ୟ ଦେଇ ନିଜକୁ ଭୁଲିଯାଆନ୍ତି; କିନ୍ତୁ ନିଜକୁ ଅଣଦେଖା ନ କରି ଦୈନନ୍ଦିନ ଜୀବନରେ କିଛି ଛୋଟମୋଟ, ସାହସପୂର୍ଣ୍ଣ ପଦକ୍ଷେପ ନେବା ଜରୁରୀ । ଏହା ଦ୍ୱାରା ସେମାନଙ୍କର ବ୍ୟକ୍ତିତ୍ୱ ବିକାଶ ହେବା ସହ ସେମାନେ ସଶକ୍ତ ହୋଇଥାନ୍ତି । ନୂଆ ବର୍ଷରେ ମହିଳାମାନେ ନିଜକୁ କିଭଳି ଆତ୍ମନିର୍ଭର କରିବେ, ଦୃଢ଼ ସଂକଳ୍ପ ନେବେ ଏବଂ ପ୍ରତିଶ୍ରୁତିବଦ୍ଧ ହେବେ, ତାହାକୁ ନେଇ ଏହି ବିଶେଷ ଉପସ୍ଥାପନା ।**

### ପରିଚୟ ସହ ସାଲିସ୍ କରନ୍ତୁ ନାହିଁ

ନିଜର ପରିଚୟ ତଥା ବ୍ୟକ୍ତିତ୍ୱକୁ ବଜାୟ ରଖନ୍ତୁ । ଜଣେ ସ୍ତ୍ରୀ, ଭଉଣୀ ଏବଂ ମାଆ ହେବା ସହ ପ୍ରତି ମହିଳାଙ୍କର ନିଜସ୍ୱ ଅସ୍ତିତ୍ୱ ରହିଛି । ତେଣୁ ଅନ୍ୟକୁ ଖୁସି କରିବା, ପରିବାର ତଥା ସମାଜ ଦାୟିତ୍ୱ ପାଇଁ ନିଜର ଇଚ୍ଛା ବା ସ୍ୱପ୍ନକୁ ତ୍ୟାଗ କରନ୍ତୁ ନାହିଁ । କ୍ୟାରିୟର, ଶିକ୍ଷା ଏବଂ ଜୀବନର ଯେ କୌଣସି ନିଷ୍ପତ୍ତି ପାଇଁ ନିଜେ ସ୍ୱର ଉତ୍ତୋଳନ କରନ୍ତୁ ।

### ଆର୍ଥିକ କ୍ଷେତ୍ରରେ ଆତ୍ମନିର୍ଭର

ଟଙ୍କାରୁ ଖୁସି ମିଳେନି ସତ, କିନ୍ତୁ ଏହା ଆତ୍ମସମ୍ମାନ ରକ୍ଷା କରିଥାଏ । ତେଣୁ ନୂଆ ବର୍ଷରେ ନିଜ ଆୟ, ସଞ୍ଚୟ, ଏବଂ ନିବେଶ ଉପରେ ନିୟନ୍ତ୍ରଣ ରଖିବା ଆବଶ୍ୟକ । ଆର୍ଥିକ ସାକ୍ଷରତା ଶିଖନ୍ତୁ । ଅନ୍ୟକୁ ପଚାରିକି ଖର୍ଚ୍ଚ କରିବା ଅଭ୍ୟାସକୁ ଛାଡ଼ନ୍ତୁ । ଆର୍ଥିକ ସ୍ୱାଧୀନତା ହେଉଛି ପ୍ରକୃତ ସ୍ୱାଧୀନତା ।

### ଶାରୀରିକ, ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା

ମହିଳାମାନେ ଘରେ ଏବଂ ପରିବାରରେ ସମସ୍ତଙ୍କ ଧ୍ୟାନ ରଖିଥାନ୍ତି; କିନ୍ତୁ ନିଜ ପ୍ରତି ଅନେକ ସମୟରେ ଅବହେଳା କରନ୍ତି । ଏହି ଅଭ୍ୟାସକୁ ଛାଡ଼ନ୍ତୁ । ଜଣେ ସୁସ୍ଥ ରହିଲେ ହିଁ ସଶକ୍ତ ହୋଇପାରିବ । ତେଣୁ ନିଜ କ୍ଳାନ୍ତିକୁ ଦୁର୍ବଳତାରେ ପରିଣତ ନ କରିବା ପାଇଁ ପ୍ରତିଶ୍ରୁତି କରନ୍ତୁ । ଖାଦ୍ୟପେୟର ଧ୍ୟାନ ଦେବା ରଖିବା ସହ ସୁସ୍ଥ ଜୀବନଶୈଳୀ ଆପଣାଇବା ଭଲ । ମାନସିକ ଚାପରେ ନ ରହି ଏ ସମ୍ବନ୍ଧରେ ଅନ୍ୟକୁ ପଚାରି ସମାଧାନ କରିବା ପାଇଁ ସଂକଳ୍ପ କରନ୍ତୁ ।

### 'ନା' କହିବା ଶିଖନ୍ତୁ

ସବୁବେଳେ ଅନ୍ୟକୁ 'ହଁ' କହିବା ସଂସ୍କାର ନୁହେଁ, ଏହାକୁ ଆତ୍ମ-ଉପେକ୍ଷା କୁହାଯାଏ । ତେଣୁ ନିଜ ସୀମା ନିର୍ଦ୍ଧାରଣ କରିବା କୌଣସି ସ୍ୱାର୍ଥପର କାର୍ଯ୍ୟ ନୁହେଁ । ପ୍ରଥମେ ନିଜକୁ ପ୍ରାଥମିକତା ଦେବା ଆବଶ୍ୟକ । ଏହାଦ୍ୱାରା ମାନସିକ ଶାନ୍ତି ମିଳିବା ସହ ସମୟ ସଞ୍ଚୟ ହୋଇଥାଏ । 'ନା' କହିବା ଆତ୍ମସମ୍ମାନର ପ୍ରଥମ ପାହାଚ ।

### ପ୍ରେରଣା ସାଜନ୍ତୁ ପ୍ରତିସ୍ପର୍ଦ୍ଧୀ ନୁହେଁ

ମହିଳା ହୋଇ ଅନ୍ୟ ଜଣେ ମହିଳାଙ୍କ କାର୍ଯ୍ୟରେ ବାଧା ଦିଅନ୍ତୁନି । ଏପରି କରିବା ଦ୍ୱାରା ମହିଳା ସଶକ୍ତିକରଣ ଅଧୁରା ରହିଯାଏ । ତେଣୁ ଅନ୍ୟର କାର୍ଯ୍ୟ ଦେଖି ଇର୍ଷା ନ କରି ସହଯୋଗ କରିବା ପାଇଁ ନୂଆବର୍ଷରେ ସଂକଳ୍ପ ନିଅନ୍ତୁ । ପରସ୍ପରର ସଫଳତାର ଉତ୍ସବ ମନାନ୍ତୁ । ସମସ୍ୟାରେ ନିରବ ନ ରହି ସ୍ୱରଉତ୍ତୋଳନ କରିବା ଶିଖନ୍ତୁ । ମହିଳାମାନେ ଏକତ୍ର ହୋଇ କାର୍ଯ୍ୟ କଲେ ସୁଫଳ ମିଳିଥାଏ ।

# କେଶ ପାଇଁ ଅଁଳା ସିରମ୍



**ମହିଳାମାନେ ଘନ, ସୁନ୍ଦର ଏବଂ ଲମ୍ବା କେଶ ଚାହାଁନ୍ତି । ଏଥିପାଇଁ କିଛି ମହିଳା ବଜାରରେ ମିଳୁଥିବା ଅନେକେ ଦାମୀ ପ୍ରସାଧନ ବ୍ୟବହାର କରିଥାନ୍ତି । ଆଉ କେହି ଘରୋଇ ଉପଚାର କରନ୍ତି । ତେଣୁ କେଶଝଡ଼ା କିମ୍ବା ରୂପି ସମସ୍ୟାର ସମ୍ମୁଖୀନ ହେଉଥିଲେ, ଏଥିପାଇଁ ଅଳା ସିରମ୍ ଲଗାଇପାରିବେ । ଏହା କେଶରୁ ରୂପି ଦୂର କରିବାରେ ସହାୟକ ହୋଇଥାଏ ।**

### ସିରମ୍ ପ୍ରସ୍ତୁତି

ଏଥିପାଇଁ ପ୍ରଥମେ ଗୋଟିଏ ପାତ୍ରରେ ଅଁଳା ଜୁସ୍ ନିଅନ୍ତୁ । ଏଥିରେ ଏକ ଚାମଚ ନିମ୍ବ ତେଲ ବା ନିମ୍ବ ପାଣି ମିଶାଇ ଘାଣ୍ଟନ୍ତୁ । ଏହାପରେ ଏଥିରେ ବାଦାମ ତେଲ, ନଡ଼ିଆ ତେଲ ଏବଂ ଭିଟାମିନ୍ ଇ-କ୍ୟାପ୍‌ସୁଲ୍ ମିଶାନ୍ତୁ । ଏହାକୁ ଭଲଭାବରେ ଘାଣ୍ଟି ଦିଅନ୍ତୁ । ଏହାକୁ ଏକ ସ୍ପ୍ରେ ବୋତଲ କିମ୍ବା ବାୟୁରୁଦ୍ଧ ବୋତଲରେ ରଖି ଦିଅନ୍ତୁ । ପରେ ଏହି ସିରମ୍‌କୁ କେଶରେ ଲଗାଇପାରିବେ ।

### ଲଗାଇବା ବିଧି

କେଶ ସଫା କରିବା ପରେ ସିରମକୁ ହାଲୁକା ଓଦାକେଶରେ ଲଗାନ୍ତୁ । ଏହାକୁ କେଶମୂଳରେ ସ୍ପ୍ରେ କରି ଅଙ୍ଗୁଳି ସାହାର୍ଯ୍ୟରେ ହାଲୁକା ହାତରେ ମସାଜ୍ କରନ୍ତୁ । ଏହାକୁ ସପ୍ତାହରେ ଦୁଇରୁ ତିନିଥର ଲଗାଇଲେ ସୁଫଳ ମିଳିଥାଏ । ରାତିରେ ଲଗାଇ ସକାଳେ କେଶ ଧୋଇଲେ ଏଥିରୁ ବେଶ୍ ସୁଫଳ ମିଳିଥାଏ ।

### ଫାଇଦା

ଏହା କେଶରୁ ରୂପି ଦୂର କରିଥାଏ । ଏଥିସହ କେଶକୁ ଘନକଳା ମଜଭୂତ କରିଥାଏ । ସେହିପରି ଏହା କେଶକୁ କଳା କରିବାର ଏକ ପ୍ରାକୃତିକ ଉପଚାର ଭାବେ ଜଣାଯାଏ । ସେହିପରି ଭିଟାମିନ୍ ଇ – କେଶକୁ ରୁକ୍ଷ ହେବାରୁ ସୁରକ୍ଷା ଦେଇଥାଏ । ଏବଂ କେଶଫଟା ସମସ୍ୟା ଦୂର କରିଥାଏ ।

# ମୋ ହାଣ୍ଡିଶାଳରୁ...

# ଗ୍ରୀନ୍ ମଟର କଚୋଡ଼ି



### ଆବଶ୍ୟକ ସାମଗ୍ରୀ

ଅଟା – ଏକ କପ୍, ମଇଦା – ଏକ କପ୍, ଗ୍ରୀନ ମଟର – ଏକ କପ୍, ଜିରା – ଏକ ଚାମଚ, ରସୁଣ - ଚାରି ପାଞ୍ଚକୋଳା, କଞ୍ଚାଲଙ୍କା – ଦୁଇ, ତିନୋଟି, ଗରମ ମସଲା- ଅଧା ଚାମଚ, ଆମ୍‌ଚୁର୍ ପାଉଡର – ଅଧା ଚାମଚ, ଲେମ୍ବୁରସ – ଅଧା ଚାମଚ, ଚାଟ୍ ମଶଲା – ଅଧା ଚାମଚ, ଲୁଣ–ସ୍ୱାଦ ଅନୁସାରେ, ଘିଅ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ଗୋଟିଏ ବାଉଲ୍‌ରେ ଅଟା, ମଇଦା ସହ ଲୁଣ ନେଇ ପ୍ରଥମେ ଗୋଳାଇ ଦିଅନ୍ତୁ । ଏହାପରେ ପାଣିଦେଇ ଅଟା ଭଳି ଚକଟନ୍ତୁ । ଏହାକୁ ୧୦ ମିନିଟ୍ ଘୋଡ଼ାଇ ରଖନ୍ତୁ । ପରେ ଗ୍ୟାସ ଲଗାଇ ପ୍ୟାନ୍ ବସାଇ ତେଲ ଦିଅନ୍ତୁ । ଏଥିରେ ଜିରା, ରସୁଣ ସମେତ କଞ୍ଚାଲଙ୍କା ମିଶାଇ ହାଲୁକା ଭାଜନ୍ତୁ । ଏହାପରେ ଛଡ଼ାଇ ରଖିଥିବା ମଟର ପକାଇ ସେଥିରେ ଗରମ ମସଲା, ଆମଚୁର ପାଉଡର ଦେଇ ପିଠା ଖଡ଼ିକାରେ ଏପାଖସେପାଖ କରନ୍ତୁ । ମଟର ନରମ ହୋଇ ଆସିଲେ ଗ୍ୟାସ ବନ୍ଦ କରି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ । ଏହାକୁ ଗ୍ରାଇଣ୍ଡିଂ ଜାରରେ ଦେଇ ଦରବଟା କରନ୍ତୁ । ଶେଷରେ ଏଥିରେ ଲେମ୍ବୁ ରସ, ଚାଟ୍ ମସଲା ଦେଇ ଗୋଳାନ୍ତୁ । ଏହାପରେ ଅଟାରେ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ । ଏହାକୁ ପୁରୀ ଭଳି ବେଲି ସେଥିରେ ମଟର ପୂର ଦିଅନ୍ତୁ । ଏହାପରେ କଡ଼େଇରେ ତେଲ ଦେଇ ଧୀମା ଆଞ୍ଚରେ ଏହାକୁ ସୁନେଲି ରଙ୍ଗ ହେବା ଯାଏ ଛାଣନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମଟର କଚୋଡ଼ି' ।

# ବ୍ଲେଜରରୁ ସ୍ମାର୍ଟଲୁକ୍

**ଅଧିକାଂଶ ମହିଳା ଶୀତଦିନେ ଜିନ୍ସ ସହ ସ୍ୱେଟର୍ ଏବଂ ଜ୍ୟାକେଟ୍ ପିନ୍ଧିବାକୁ ପସନ୍ଦ କରନ୍ତି । ଷ୍ଟାଇଲ୍‌ରେ ସାମାନ୍ୟ ପରିବର୍ତ୍ତନ ଚାହୁଁଥିଲେ ଜିନ୍ସ ସହ ଲମ୍ବା ବ୍ଲେଜର୍ ପିନ୍ଧିପାରିବେ । ଏଥିରୁ ଷ୍ଟାଇଲିଶ୍ ସହ ଏକ ସ୍ମାର୍ଟ ଲୁକ୍ ମିଳିଥାଏ । ଜାଣିବା ସେ ବିଷୟରେ...**

### ଲୁଜ୍ ବ୍ଲେଜର୍

ଏହା ଢିଲା ହୋଇଥିବାରୁ ପିନ୍ଧିବାକୁ ଖୁବ୍ ଆରାମଦାୟକ ଲାଗିଥାଏ । ଏହାକୁ ଜିନ୍ସ, ସ୍କର୍ଟ୍ ଏବଂ ପ୍ଲାଜୋ ସହ ସହଜରେ ପିନ୍ଧିପାରିବେ । ଏହା ଉଭୟ ଅଫିସ୍ ଏବଂ କାଜୁଆଲ୍ ଆଉଟ୍‌ଫିଟ୍‌କୁ ମାନିଥାଏ ।

### ହାଲୁକା ରଙ୍ଗ

କ୍ରିମ୍ ବ୍ରାଉନ୍ ଏବଂ ଗ୍ରେ ଭଳି ହାଲୁକା ରଙ୍ଗର ବ୍ଲେଜର ଚଳିତ ବର୍ଷ ଟ୍ରେଣ୍ଡରେ ରହିଛି । ଏହାକୁ ପିନ୍ଧି ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ପାଇପାରିବେ । ସେହିପରି ଏଥିରୁ ଏକ ଫର୍ମାଲ ଲୁକ୍ ମିଳିଥାଏ ।

### ଷ୍ଟ୍ରାଇପ୍ ଡିଜାଇନ୍

ଜିନ୍ସରେ ନିଜକୁ ଏକ ଷ୍ଟାଇଲିଶ୍ ଲୁକ୍ ଦେବାକୁ ଚାହୁଁଥିଲେ ଏହି ଷ୍ଟ୍ରାଇପ୍ ଡିଜାଇନର ବ୍ଲେଜର ପିନ୍ଧିପାରିବେ । ଏ ପ୍ରକାର ବ୍ଲେଜର୍ ବଜାରରେ ସୁବିଧାରେ ଉପଲବ୍ଧ । ଏହାକୁ ପ୍ଲେନ୍ ଟପ୍‌ସରେ ମଧ୍ୟ ପିନ୍ଧିପାରିବେ । ସେହିପରି ଚାହିଁଲେ ଏହାକୁ ପିନ୍ଧି ପାର୍ଟି ଫଙ୍କସନ୍‌କୁ ଯାଇପାରିବେ ।

### ଓପନ୍ ବ୍ଲେଜର୍

ଆକର୍ଷଣୀୟ ପାର୍ଟି ଲୁକ୍ ଚାହୁଁଥିଲେ ଓପନ ବ୍ଲେଜର୍ ପିନ୍ଧିପାରିବେ । ଏ ପ୍ରକାର ବ୍ଲେଜର୍ ବଜାରରେ ସୁବିଧାରେ ଉପଲବ୍ଧ । ଏଥିସହ ସ୍କର୍ଟ୍, ବେଲ୍ଟ, ଏବଂ ବ୍ୟାଗ୍ ମଧ୍ୟ ପକାଇପାରିବେ । ଏବେ ଏ ପ୍ରକାର ବ୍ଲେଜର ଖୁବ୍ ଲୋକପ୍ରିୟ ରହିଛି ।



# ଲିପ୍ ଗ୍ଲସ୍ କିଣୁଥିଲେ...



**ଲିପ୍ ଗ୍ଲସ୍ ଓଠକୁ ସୁସ୍ଥ, ସୁନ୍ଦର, ଏବଂ ହାଇଡ୍ରେଟ୍ ରଖିଥାଏ । ତେଣୁ ଲିପ୍‌ଗ୍ଲସ୍ କିଣୁଥିଲେ କେବଳ ରଙ୍ଗ ଏବଂ ବ୍ରାଣ୍ଡ ଦେଖି କିଣିବା ଯଥେଷ୍ଟ ହୋଇ ନଥାଏ । ଏହାର ଗୁଣବତ୍ତା ପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡ଼ିଥାଏ । ଜାଣିବା ସେ ବିଷୟରେ...**

- ଠିକ୍ ଗ୍ଲସ୍ ଚୟନ ଓଠକୁ ସୁରକ୍ଷା ଦେବା ସହ ଓଠରେ ଆର୍ଦ୍ରତା ବଜାୟ ରଖିଥାଏ ।
- ବଜାରରେ ବିଭିନ୍ନ ପ୍ରକାର ଗ୍ଲସ୍ ଯଥା – ମ୍ୟାଟ୍, ସାଇନି, ଟିଣ୍ଟେଡ୍ ବା ନନ୍ ଟିଣ୍ଟେଡ୍ ଗ୍ଲସ୍ ଉପଲବ୍ଧ ।
- ତେଣୁ ଏହାକୁ କିଣୁଥିବା ସମୟରେ ଏହାର ଆବଶ୍ୟକତାକୁ ଧ୍ୟାନରେ ରଖିବା ଜରୁରୀ ।
- ସ୍କିନ୍ ଟୋନ୍ ଅନୁସାରେ ରଙ୍ଗ ଚୟନ କରନ୍ତୁ । ଠିକ୍ ରଙ୍ଗ ତ୍ୱଚାରେ ଚମକ ଆଣିଥାଏ ।
- ସେହିପରି ନୂଆ ପ୍ରଡକ୍ଟ ଲଗାଉଥିଲେ ପ୍ରଥମେ ପ୍ୟାଚ୍ ଟେଷ୍ଟ କରନ୍ତୁ ।

# ଯାତ୍ରା ସମୟରେ ଦିଶିବେ ସୁନ୍ଦର

**ଶୀତଦିନେ ଭ୍ରମଣ କରିବାକୁ ସମସ୍ତେ ପସନ୍ଦ କରନ୍ତି; କିନ୍ତୁ ଏହି ଯାତ୍ରା ସମୟରେ ତ୍ୱଚାର ଯତ୍ନ ନେବା ମହିଳାଙ୍କ ପାଇଁ ଖୁବ୍ କଠିନ ହୋଇଥାଏ । ଜଳବାୟୁ ପରିବର୍ତ୍ତନ, ଧୂଳି ଆଦି ତ୍ୱଚା ଏବଂ କେଶକୁ କ୍ଷତି ପହଞ୍ଚାଏ । ଏପରିସ୍ଥଳେ କୌଣସି ସ୍ଥାନକୁ ଭ୍ରମଣରେ ଯାଉଥିଲେ କେତୋଟି ଜରୁରି ଜିନିଷ ସାଥିରେ ନେବା ଉଚିତ୍ । ଏହାଦ୍ୱାରା ତ୍ୱଚା ସୁନ୍ଦର, ସତେଜ ରହିଥାଏ ।**



### ଟ୍ରାଭେଲ୍ କିଟ୍

ମେକ୍‌ଅପ୍ କିଟ୍ ସାଥିରେ ନେବାର କୌଣସି ଆବଶ୍ୟକତା ନାହିଁ । ଏଥିପାଇଁ କିଛି ଆବଶ୍ୟକୀୟ ଜିନିଷ ଏକ ମେକ୍‌ଅପ୍ କିଟ୍‌ରେ ରଖନ୍ତୁ । ଏଥିରେ କ୍ରିମ୍, କନ୍‌ସିଲର୍, କମ୍ପାକ୍ଟ, କ୍ଲିଞ୍ଜର୍ ସମେତ ସନ୍‌ସ୍କିନ୍ ରଖିପାରିବେ ।

### ତ୍ୱଚାର ଥକ୍କାପଣ ଦୂର

କନ୍‌ସିଲର୍ ଏବଂ ନ୍ୟୁଡ୍ ଆଇଲାଇନର ଲଗାଇଲେ ଏହା ଆଖିକୁ ଏକ ଫ୍ରେଶ୍ ଲୁକ୍ ଦେଇଥାଏ । ଏଥିସହ ଇନ୍‌ଷ୍ଟାଣ୍ଟ ଗ୍ଲୋ ଚାହୁଁଥିଲେ, କ୍ରିମ୍ ବ୍ଲଶ୍‌କୁ ଗାଲ ଏବଂ ଓଠରେ ଲଗାଇପରିବେ । ମ୍ୟାଟ୍ ଲିପ୍‌ଷ୍ଟିକ୍ ଏବଂ ମସ୍କାର ଲଗାଇ ନିଜକୁ ସୁନ୍ଦର କରିପାରିବେ ।

### କେଶ ପାଇଁ ଟିପ୍ସ

ଯାତ୍ରା ସମୟରେ ରୁକ୍ଷ, ତଥା ଚିପ୍‌ଚିପା କେଶକୁ ଡ୍ରାଏ ସାମ୍ପୁରେ ସଫା କରିକେଶକୁ ଏକ ଭଲ୍ୟୁମ୍ ଦେଇପାରିବେ । ଏଥିସହ କେଶକୁ ସୁରକ୍ଷା ଦେବା ପାଇଁ ସ୍କାର୍ଫ କିମ୍ବା ହେୟାର ବ୍ୟାଣ୍ଡରେ କେଶ ଘୋଡ଼ାନ୍ତୁ ।

### ହାଇଡ୍ରେଟ୍ ରୁହନ୍ତୁ

ସାଧାରଣତଃ ଯାତ୍ରା ସମୟରେ ତ୍ୱଚା ଶୁଖିଲା ଦେଖାଯାଏ । ତେଣୁ ନିଜକୁ ହାଇଡ୍ରେଟ୍ ରଖିବା ଆବଶ୍ୟକ । ଏଥିପାଇଁ ପର୍ଯ୍ୟାପ୍ତ ପାଣି, ପଇଡ଼ପାଣି ଆଦି ପିଇପାରିବେ ।

## ବିଜୟ ହଜାରେ ଟ୍ରଫି: ନୂଆବର୍ଷରେ ବଡ଼ ଭେଟି

# ଦିଲ୍ଲୀକୁ ହରାଇ ଗ୍ରୁପ୍ ଶୀର୍ଷରେ ଓଡ଼ିଶା

କଟକ,୩୧।୧୨(ସମିସ):


ବିପ୍ଲବ ସାମନ୍ତରାୟ



ଦେବବ୍ରତ ପ୍ରଧାନ

ନୂଆବର୍ଷ ପୂର୍ବରୁ ରାଜ୍ୟ କ୍ରିକେଟକୁ ବଡ଼ ଭେଟି ଦେଇଛି ଓଡ଼ିଶା ସିନିଅର ପୁରୁଷ ଦଳ। ବିଜୟ ହଜାରେ ଟ୍ରଫିରେ ବୁଧବାର ଓଡ଼ିଶା ୭୯ ରନରେ ଶକ୍ତିଶାଳୀ ଦିଲ୍ଲୀକୁ ପରାସ୍ତ କରି ଏଲିଟ ଗ୍ରୁପ-ଡି'ର ଶୀର୍ଷ ସ୍ଥାନକୁ ଉଠିଛି। ୮ ବର୍ଷ ପରେ ଓଡ଼ିଶା ଦଳ ବିଜୟ ହଜାରେ ଟ୍ରଫିରେ ତାରକା ଖଚିତ ଦିଲ୍ଲୀ ବିପକ୍ଷରେ ବିଜୟର ସ୍ୱାଦ ଚାଖିଛି। ଚଳିତ ସିଜନରେ ଓଡ଼ିଶାର ଏହା ହ୍ୟାଟ୍ରିକ ବିଜୟ। ଅପରପକ୍ଷରେ ଦିଲ୍ଲୀର ହ୍ୟାଟ୍ରିକ ବିଜୟରେ ବ୍ରେକ୍ ଦେଇଛି ଓଡ଼ିଶା। ଆସନ୍ତା ୩ରେ ଓଡ଼ିଶା ପରବର୍ତ୍ତୀ ମୁକାବିଲାରେ ହରିୟାଣାକୁ ଭେଟିବ।

ଅଲୁର କ୍ରିକେଟ ଗ୍ରାଉଣ୍ଡରେ ଦିଲ୍ଲୀ ଅଧିନାୟକ ରିଷଭ ପନ୍ତ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ନବଦୀପ ସଇନି, ପ୍ରିନ୍ସ ଯାଦବଙ୍କ ଭଳି ଘାତକ ପେସ୍ ବୋଲରଙ୍କୁ ସହଜରେ ୱିକେଟ ନଦେଇ ଓଡ଼ିଶା ଓପନିଂ ଭାଗିଦାରୀରେ ୫୮ ରନ ସଂଗ୍ରହ କରିଥିଲା। ଦୁଇ ଓପନର ଓମ ଟି ମୁଣ୍ଡେ(୨୬ରନ) ଏବଂ ସ୍ୱସ୍ତିକ ସାମଲ(୨୮ ରନ) କ୍ରିଜରେ ତିଷ୍ଠି ଆସୁଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆଇପିଏଲ ଖେଳୁଥିବା ସ୍ପିନର ହ୍ରିତିକ ଶୋକିନ୍ ଗୋଟିଏ ଓଭର ବ୍ୟବଧାନରେ ଉଭୟଙ୍କୁ ଆଉଟ କରି ଓଡ଼ିଶାକୁ ଡବଲ୍ ଝଟକା ଦେଇଥିଲେ। ପରେ ସନ୍ଦୀପ ପଟ୍ଟନାୟକ ୧୩ ରନରେ ପ୍ୟାଭିଲିୟନ ଫେରିଥିଲେ। ଗୋବିନ୍ଦ ପୋଦ୍ଦାର ୩୫, ପ୍ରୟାସ ସିଂହ ୮, ଆଶୀର୍ବାଦ ସ୍ୱାଇଁ ୧୩ ରନରେ ଆଉଟ ହେବା ଯୋଗୁଁ ଓଡ଼ିଶାର ଦଳୀୟ ସ୍କୋର ୧୯୭/୬ରେ ପହଞ୍ଚିଥିଲା। ତେବେ ଗୋଟିଏ ପାଶ୍ୱର୍ରୁ ଅପରାଜିତ ରହିଥିବା ଅଧିନାୟକ ବିପ୍ଲବ ସାମନ୍ତରାୟଙ୍କ ଉପରେ ଓଡ଼ିଶା ଶିବିର ଭରସା କରିଥିଲା। ନିମ୍ନକ୍ରମର ବ୍ୟାଟରଙ୍କୁ ସାଥୀ କରି ବିପ୍ଲବ ସ୍କୋରବୋର୍ଡରେ ରନ୍ ସଂଖ୍ୟା ବଢ଼ାଇ ଚାଲିଥିଲେ। ବିପ୍ଲବ ୭୪ବଲରୁ ୩ଟି ଚୌକା ଏବଂ ୪ଟି ଛକା ବଳରେ ୭୨ ରନ କରି ଆଉଟ ହୋଇଥିଲେ। ଅପରପଟେ ସମ୍ବିତ ବରାଳ ଏବଂ ରାଜେଶ ମହାନ୍ତି ଉଭୟେ ୧୭ ରନ ଲେଖାଏ ସଂଗ୍ରହ କରିଥିଲେ। ଦେବବ୍ରତ ପ୍ରଧାନ ୯ବଲରୁ ୨୧ରନର ଦ୍ରୁତ ଅପରାଜିତ ପାଳି ଖେଳିବା ସହ ଓଡ଼ିଶା ୮ ୱିକେଟ ହରାଇ ୨୭୨ରନ କରିବାକୁ ସମର୍ଥ ହୋଇଥିଲା। ହ୍ରିତିକ ସର୍ବାଧିକ ୪ଟି ଏବଂ ପ୍ରିନ୍ସ ୨ଟି ୱିକେଟ ଅକ୍ତିଆର କରିଥିଲେ।

ଜବାବରେ ହ୍ୟାଟ୍ରିକ ବିଜୟ ଲାଭ କରିଥିବା ଦିଲ୍ଲୀ ଏହି ଲକ୍ଷ୍ୟକୁ ସହଜରେ ହାସଲ କରିନେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଓଡ଼ିଶା ଦ୍ରୁତ ବୋଲରମାନେ ୧୯ ଓଭର ମଧ୍ୟରେ ଦିଲ୍ଲୀର ଅଧିନାୟକ ରଷଭ ପନ୍ତ (୨୪ ରନ)ଙ୍କ ସମେତ ୬ଜଣ ବ୍ୟାଟରଙ୍କୁ ଆଉଟ୍ କରି ମ୍ୟାଚକୁ ଏକପାଖିଆ କରିଦେଇଥିଲେ। ତେବେ ନିମ୍ନକ୍ରମରେ ହର୍ଶ ତ୍ୟାଗୀ ୪୩, ହ୍ରିତିକ ୩୨, ଦିଭିଜ ମେହେର ୨୭ ରନ କରି କିଛିଟା ଲଢ଼େଇ କରିଥିଲେ ମଧ୍ୟ ଦିଲ୍ଲୀ ୪୨.୩ ଓଭରରେ ୧୯୩ ରନରେ ଅଲ୍ଆଉଟ୍ ହୋଇଥିଲା। ଓଡ଼ିଶା ପକ୍ଷରୁ ଦେବବ୍ରତ ଓ ସମ୍ବିତ ବରାଳ ୩ଟି ଲେଖାଏ ଏବଂ ରାଜେଶ ମହାନ୍ତିଙ୍କୁ ୨ଟି ୱିକେଟ୍ ମିଳିଥିଲା। ବିପ୍ଲବଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

## କୋମାରେ ଅଷ୍ଟ୍ରେଲୀୟ କ୍ରିକେଟର ମାର୍ଟିନ



ବ୍ରିସବେନ,୩୧।୧୨(ଏଜେନ୍ସି): ନୂଆବର୍ଷ ଅବ୍ୟବହିତ ପୂର୍ବରୁ କ୍ରିକେଟପ୍ରେମୀଙ୍କ ପାଇଁ ଏକ ଦୁଃସମ୍ବାଦ ଆସିଛି। ଅଷ୍ଟ୍ରେଲିଆ ପୂର୍ବତନ ଅଧିନାୟକ ଡାମିଏନ ମାର୍ଟିନ କୋମା ଅବସ୍ଥାକୁ ଚାଲିଯାଇଛନ୍ତି। ୫୪ ବର୍ଷୀୟ ମାର୍ଟିନଙ୍କୁ ମେନିଞ୍ଜାଇଟିସ୍ (ମସ୍ତିଷ୍କ ପରଦା ପ୍ରଦାହ) କାରଣରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେଣୁ ସେ କୋମା ଅବସ୍ଥାକୁ ଚାଲି ଚାଇଛନ୍ତି ବୋଲି ହସ୍ପିଟାଲ ତରଫରୁ କୁହାଯାଇଛି। ତାଙ୍କୁ ବ୍ରିସ୍‌ବେନ୍‌ର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ବକ୍ସିଂ ଡେ'ରେ ଅର୍ଥାତ ଡିସେମ୍ବର ୨୬ରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ ବିଗିଡ଼ି ଯାଇଥିଲା। ପୂର୍ବତନ କ୍ରିକେଟର ଆଡାମ ଗୀଲଖ୍ରୀଷ୍ଟ ତାଙ୍କ ଅସୁସ୍ଥତା ନେଇ ସୂଚନା ଦେଇଥିଲେ। ମାର୍ଟିନ ତାଙ୍କ ସମୟରେ ବିଶ୍ୱର ଜଣେ ଶ୍ରେଷ୍ଠ ଟପ୍ ଅର୍ଡର ବ୍ୟାଟର ଥିଲେ। ସେ ୧୯୯୯ ଓ ୨୦୦୩ ଦିନିକିଆ ବିଶ୍ୱକପ୍ ବିଜୟ ଅଷ୍ଟ୍ରେଲିଆ ଦଳର ସଦସ୍ୟ ଥିଲେ। ଅଷ୍ଟ୍ରେଲିଆ ପାଇଁ ସେ ୬୭ ଟେଷ୍ଟ, ୨୦୮ ଟି ଦିନିକିଆ ମ୍ୟାଚ୍ ଖେଳି ଯଥାକ୍ରମେ ୪୪୬୦ ଓ ୫୩୪୬ ରନ ସଂଗ୍ରହ କରିଛନ୍ତି।

## ବିୟର ଧରି ଗୋଆ ରାସ୍ତାରେ ସାରା ତେନ୍ଦୁଲକର



ପଣଜୀ, ୩୧।୧୨ (ଏଜେନ୍ସି): ମହାନ କ୍ରିକେଟର୍ ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକରଙ୍କ ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେଉଛି। ଯେଉଁଥିରେ ୨୮ ବର୍ଷୀୟା ସାରା ଗୋଆର ଆରୋସିମ ବିଚ୍ ରାସ୍ତାରେ ହାତରେ ବିୟର ବୋତଲ ଧରି ବୁଲୁଥିବାର ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ ସାରା ତାଙ୍କ ବନ୍ଧୁମାନଙ୍କ ସହ ନୂଆ ବର୍ଷ ପାଳନ କରିବାକୁ ଗୋଆ ଯାଇଛନ୍ତି। ସାରାଙ୍କ ସହ ଏହି ଭିଡିଓରେ ଅଭିନେତା ସିଦ୍ଧାର୍ଥ କେଲକର ଓ ସଚିନଙ୍କ ବୋହୂ ହେବାକୁ ଯାଉଥିବା ସାନିଆ ଚାନ୍ଦୋକଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ସାମାଜିକ ଗଣମାଧ୍ୟମରେ ସର୍ବଦା ଚର୍ଚ୍ଚାରେ ରହୁଥିବା ସାରାଙ୍କ ଏହି ଭିଡିଓକୁ ନେଇ ୟୁଜରମାନେ ମିଶ୍ରିତ ମନ୍ତବ୍ୟ ଦେଇଛନ୍ତି। କିଛି ୟୁଜର ଟ୍ରୋଲ କରି ଲେଖିଛନ୍ତି ଯେ 'ସଚିନ ତାଙ୍କ କ୍ୟାରିୟରରେ କେବେ କୌଣସି ଧୂମପାନ କିମ୍ବା ଆଲ୍‌କହଲ୍‌ର ପ୍ରଚାରପ୍ରସାର କରିନାହାନ୍ତି। କିନ୍ତୁ ତାଙ୍କ ଝିଅ ସାରା ମଦ ବୋତଲ ଧରି ଗୋଆ ରାସ୍ତାରେ ବୁଲୁଛନ୍ତି।' ଆଉ କିଛି ୟୁଜର ସାରାଙ୍କ ସମର୍ଥନରେ ବାହାରିଛନ୍ତି। ସେମାନେ ଲେଖିଛନ୍ତି ଯେ ସେ ତାଙ୍କ ଇଚ୍ଛା ଅନୁସାରେ ଛୁଟି ଉପଭୋଗ କରିପାରିବେ।

## ଟି-୨୦ ବିଶ୍ୱକପ୍ | ରଶିଦଙ୍କୁ ଆଫଗାନିସ୍ତାନ ଦଳର ନେତୃତ୍ୱ



କାବୁଲ, ୩୧।୧୨ (ଏଜେନ୍ସି): ଆଗାମୀ ଟି-୨୦ ବିଶ୍ୱକପ୍ ଲାଗି ବୁଧବାର ଆଫଗାନିସ୍ତାନ ଦଳ ଘୋଷଣା କରାଯାଇଛି। ସ୍ପିନ ଅଲ୍‌ରାଉଣ୍ଡର ରଶିଦ ଖାନଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ଏହି ସମାନ ୧୫ ଜଣିଆ ଦଳ ମଧ୍ୟ ବିଶ୍ୱକପ୍ ପୂର୍ବରୁ ୱେଷ୍ଟଇଣ୍ଡିଜ ବିପକ୍ଷରେ ହେବାକୁ ଥିବା ୩ ଟିକିଆ ଟି-୨୦ ସିରିଜରେ ମଧ୍ୟ ଖେଳିବେ। ଆଇସିସି ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବ। ଏଥିରେ ଆଫଗାନିସ୍ତାନ ପୁଲ୍-ଡି'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ଆଫଗାନିସ୍ତାନ ସହ ନ୍ୟୁଜିଲାଣ୍ଡ, ଦକ୍ଷିଣଆଫ୍ରିକା, ୟୁଏଇ ଓ କାନାଡା ରହିଛନ୍ତି। ଫେବୃଆରୀ ୮ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳି ଆଫଗାନିସ୍ତାନ ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ।

ଆଫଗାନିସ୍ତାନ ଦଳ: ରଶିଦ ଖାନ (ଅଧିନାୟକ), ଇବ୍ରାହିମ ଜର୍ଦାନ (ଉପ-ଅଧିନାୟକ), ରହମନୁଲ୍ଲା ଗୁରବାଜ, ମହମ୍ମଦ ଇଶାକ (ୱିକେଟ୍‌କିପର), ସେଦିକୁଲ୍ଲା ଅଟଳ, ଡାରୱିଶ ରସୋଲି, ଶାହିଦୁଲ୍ଲା କମଳ, ଅଜମାତୁଲ୍ଲା ଓମାରଜାଇ, ଗୁଲାବଦିନ ନାଇବ, ମହମ୍ମଦ ନବି, ନୁର୍ ଅହମ୍ମଦ, ମୁଜିବ୍ ଉର୍ ରେହମାନ, ନବୀନ ଉଲ୍ ହକ୍, ଫଜଲ ହକ୍ ଫାରୁକି ଓ ଅବଦୁଲ୍ଲା ଅହମଦଜାଇ।

## ଓଡ଼ିଶା-ପଣ୍ଡିଚେରୀ ମ୍ୟାଚ୍ ଡ୍ର'

ଭୁବନେଶ୍ୱର, ୩୧।୧୨ (ସମିସ): ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଓଡ଼ିଶା ଓ ପଣ୍ଡିଚେରୀ ମଧ୍ୟରେ ଚାଲିଥିବା ମ୍ୟାଚ୍ ଡ୍ର ରହିଛି। ତେବେ ଓଡ଼ିଶା ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ହାସଲ କରିଛି। ଏହି ମ୍ୟାଚରେ ଓଡ଼ିଶା ପ୍ରଥମ ପାଳିରେ ୬ ୱିକେଟ୍‌ରେ ୩୦୫ ରନ ଓ ପଣ୍ଡିଚେରୀ ୨୮୭ରେ ସୀମିତ ରହିଥିଲା। ଏହାପରେ ୩ୟ ଦିବସରେ ଓଡ଼ିଶା ଦ୍ୱିତୀୟ ପାଳିରେ ୨ ୱିକେଟ୍‌ରେ ୬୨ ରନ କରିଥିଲା।

## ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ | ଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ



ଯାଜପୁର, ୩୧।୧୨(ସମିସ): ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବୋର୍ଣ୍ଣ କ୍ରିକେଟ୍ କ୍ଲବ ମିଳିତ ଆନୁକୂଲ୍ୟରେ କୁସୁମା ନିକଟସ୍ଥ ଷ୍ଟାଡ଼ିୟମରେ ଅନୁଷ୍ଠିତ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଇଷ୍ଟକୋଷ୍ଟ ରେଲ୍‌ୱେ (ଖୋର୍ଦ୍ଧା) ଫାଇନାଲରେ ପହଞ୍ଚିଛି। ବୁଧବାର ପ୍ରଥମ ସେମିଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ ୩୩ ରନ୍‌ରେ ଗୋପବନ୍ଧୁ କ୍ରିକେଟ୍ କ୍ଲବ୍ (ଇନ୍ଦୁପୁର)କୁ ପରାସ୍ତ କରିଛି। ଟସ୍ ଜିତି ରେଲୱେ ନିର୍ଦ୍ଧାରିତ ୨୫ ଓଭରରେ ୭ ୱିକେଟ୍ ହରାଇ ୧୯୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସାୱନ ପାହେରିଆ ୪୦ ଓ ଓମ୍‌କାର ଥୋରାଟ ୩୩ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବୋଲର ଇଜହାରୁଦ୍ଦିନ ଓ ସାହିଲ ୨ଟି ଲେଖାଏ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଗୋପବନ୍ଧୁ କ୍ରିକେଟ୍ କ୍ଲବ୍ ୨୧.୨ ଓଭର ଖେଳି ୧୫୮ ରନରେ ଅଲ୍‌ଆଉଟ୍ ହୋଇ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ଶୁଭଙ୍କର ବିଶ୍ୱାସ ୩୭ ଓ ଆଦିତ୍ୟ ଆନନ୍ଦ ୩୨ ରନ୍ ସଂଗ୍ରହ କରିଥିଲେ। ବିଜୟୀ ରେଲୱେର ପ୍ରଶାନ୍ତ ସାହୁ ୫ ଓ ସମୀର ମହାନ୍ତି ୩ଟି ଲେଖାଏ ୱିକେଟ୍ ଅକ୍ତିୟାର କରିଥିଲେ। ପ୍ରଶାନ୍ତ ସାହୁଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ମେଲବର୍ଣ୍ଣ କ୍ରିକେଟ୍ କ୍ଲବର ପୂର୍ବତନ କ୍ରିକେଟର ତଥା ବରିଷ୍ଠ ବ୍ୟବସାୟୀ ରତିକାନ୍ତ ସାହୁ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚକୁ ଅଭୟ ବଲ୍ଲଭ ପଣ୍ଡା, ମନୋଜ ସାହୁ, ଶ୍ରୀଜୟ ମହାପାତ୍ର, ଦିବାକର କର, ପ୍ରଶାନ୍ତ କୁମାର ସାହୁ, ଉମାକାନ୍ତ ସିଂ, ଅୟସକାନ୍ତ ଧଳ, ଭୂପତି ମିଶ୍ର, ସୁଶାନ୍ତ ସିଂ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଅମ୍ପାୟାର୍ ଶାରଦ ମହାପାତ୍ର, ଓ ସତ୍ୟବ୍ରତ ଯେନା ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିବାବେଳେ ସ୍ୱସ୍ତିକ ପହି, ବିଶ୍ୱଜିତ୍ ଦାସ ସ୍କୋରିଂରେ ସହଯୋଗ କରିଥିଲେ।







## ସର୍ଫରାଜଙ୍କ ବିସ୍ଫୋରକ ଶତକ

ଜୟପୁର, ୩୧।୧୨ (ଏଜେନ୍ସି): ବିଜୟହଜାରେ ଟ୍ରଫିର ଗ୍ରୁପ୍-ସି'ରେ ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ମୁମ୍ବଇ ୮୭ ରନରେ ଗୋଆକୁ ପରାସ୍ତ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବଇ ସର୍ଫରାଜ ଖାନଙ୍କ ବିସ୍ଫୋରକ ଶତକ ବଳରେ ୫୦ ଓଭରରେ ୮ ୱିକେଟ୍ ହରାଇ ୪୪୪ ରନ କରିଥିଲା। ସର୍ଫରାଜ ନିଜର ୩ୟ ଲିଷ୍ଟ-ଏ ଶତକୀୟ ପାଳିରେ ୭୫ ବଲରେ ୧୫୭ ରନ କରିଥିଲେ। ଯେଉଁଥିରେ ୧୪ଟି ଛକା ଓ ୯ଟି ଚୌକା ମାରିଥିଲେ। ଜବାବରେ ଗୋଆ ଅଭିନବ ତେଜରାଣାଙ୍କ ୧୦୦ ରନ ସତ୍ତ୍ୱେ ୯ ୱିକେଟ୍‌ରେ ୩୫୭ ରନ କରି ପରାସ୍ତ ହୋଇଥିଲା। ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ଓପନିଂ ଆସି ୨୭ ବଲରେ ୨୪ ରନ କରିଥିଲେ। ମୁମ୍ବଇ କ୍ରମାଗତ ୪ର୍ଥ ବିଜୟ ସହ ୧୬ ପଏଣ୍ଟ ସହ ଗ୍ରୁପ୍-ସି ଶୀର୍ଷରେ ରହିଛି।

## ଏଚ୍‌ଆଇଏଲ୍: ଏସ୍‌ଜି ପାଇପର୍ସକୁ ଜିତାଇଲେ ନବନୀତ୍

ରାଞ୍ଚି, ୩୧।୧୨ (ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଚଳିତ ଦ୍ୱିତୀୟ ସଂସ୍କରଣରେ ଏସ୍‌ଜି ପାଇପର୍ସ କ୍ରମାଗତ ଡବଲ୍ ବିଜୟ ହାସଲ କରିଛି। ବୁଧବାର ଖେଳାଯାଇଥିବା ଏକ ମ୍ୟାଚରେ ପାଇପର୍ସ ୧-୦ ଗୋଲ୍‌ରେ ସୁରମା ହକି କ୍ଲବକୁ ହରାଇଛି। ନବନୀତ୍ କୌର ମ୍ୟାଚର ପ୍ରଥମ କ୍ୱାର୍ଟରର ୪ର୍ଥ ମିନିଟ୍‌ରେ ପାଇପର୍ସ ପାଇଁ ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ। ଏହାପରେ ମ୍ୟାଚର ପରବର୍ତ୍ତୀ ୩ଟି କ୍ୱାର୍ଟରରେ ଆଉ କୌଣସି ଗୋଲ୍ ଦେଖିବାକୁ ମିଳି ନ ଥିଲା। ପୂର୍ବରୁ ଉଦ୍‌ଘାଟନୀ ଦିବସରେ ପାଇପର୍ସ ୨-୦ ଗୋଲ୍‌ରେ ଘରୋଇ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଥିଲା। ଫଳରେ ଦୁଇଟି ମ୍ୟାଚରେ ୬ ପଏଣ୍ଟ ସହ ଏସ୍‌ଜି ପାଇପର୍ସ ୪ ଦଳୀୟ ଟେବଲ୍ ତାଲିକାର ଶୀର୍ଷରେ ରହିଛି। ନୂଆବର୍ଷରେ ପାଇପର୍ସ ଓ ବେଙ୍ଗଲ ଟାଇଗର୍ସ ମଧ୍ୟରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS